RNI No.ODIODI/2010/33031
୧୬ ବର୍ଷ | Volume- 16
ISSUE -170 | ସଂଖ୍ୟା-୧୭୦
ଭୁବନେଶ୍ୱର, ମଙ୍ଗଳବାର, ୧୬ ସେପ୍ଟେମ୍ବର ୨୦୨୫
Bhubaneswar, Tuesday, 16 September, 2025
୦୮ ପୃଷ୍ଠା | Pages-08
ମୂଲ୍ୟ : ୨.୦୦ ଟଙ୍କା | Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com | RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର




# ୧୨ ଜିଲ୍ଲାରେ ୨୭ ନୂତନ ଶିଳ୍ପ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୫।୯(ନି.ପ୍ର.): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓୟୁଏଟି ସ୍ଥିତ କନ୍‌ଭେନସନ ସେଣ୍ଟର ଠାରେ ଶିଳ୍ପ ବିଭାଗ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ୧୨ଟି ଜିଲ୍ଲାରେ ସମୁଦାୟ ୨୭ଟି ଶିଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରି ଓଡ଼ିଶାର ଶିଳ୍ପ ଇତିହାସରେ ଆଉ ଏକ ସ୍ୱର୍ଣ୍ଣିମ ଇତିହାସରେ ଆଉ ଏକ ଅଧ୍ୟାୟ ଯୋଡିଛନ୍ତି।

ସୂଚନାଯୋଗ୍ୟ, ୨୭ ଟି ପ୍ରକଳ୍ପ କାର୍ଯ୍ୟକାରୀ ହେବାପାଇଁ ସମୁଦାୟ ୨୫ ହଜାର କୋଟି ଟଙ୍କାରୁ ଉର୍ଦ୍ଧ୍ୱ ପୁଞ୍ଜି ବିନିଯୋଗ କରାଯାଉଛି ଏବଂ ଏହାଦ୍ୱାରା ୫୨ ହଜାରରୁ ଅଧିକ ଯୁବକ ଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସୁନିଶ୍ଚିତ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ଏହି ଅବସରରେ ଘୋଷଣା କରିଛନ୍ତି।

ଯୁବଶକ୍ତି ହେଉଛନ୍ତି ଆମ ବିକାଶ ରଥର ସାରଥି । ଯୁବଶକ୍ତିଙ୍କ ମଧ୍ୟରେ ଥିବା ଶକ୍ତି, ସାମର୍ଥ୍ୟ ଓ ଉତ୍ସାହକୁ ରାଜ୍ୟର ବିକାଶ ସହିତ ସମାଜକଲ୍ୟାଣରେ ଉପଯୋଗ କରିବା ପାଇଁ ଆମେ ପ୍ରାଧାନ୍ୟ ଦେଉଛୁ । ଆମ ସରକାର ଆସିବା ଦିନଠାରୁ ଉଭୟ ସରକାରୀ ଓ ବେସରକାରୀ କ୍ଷେତ୍ରରେ ରୋଜଗାର ସୃଷ୍ଟିକୁ ଗୁରୁତ୍ୱ ଦେଉଛି ।

ଏହି ଅବସରରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଯେତେବେଳେ ଓଡ଼ିଶାକୁ କିଛି ନିବେଶ ଆସୁଛି, ସେତେବେଳେ ଓଡ଼ିଶା ପ୍ରତି ଶିଳ୍ପ ଜଗତର ଭରସା ବୃଦ୍ଧି ପାଉଛି। ଶିଳ୍ପ ସ୍ଥାପନ ପାଇଁ ଓଡ଼ିଶା ସରକାରଙ୍କ ନୀତି ଓ ନିଷ୍ଠା ପ୍ରତି ନିବେଶକ ମାନଙ୍କ ଆସ୍ଥା ବୃଦ୍ଧି ପାଉଛି । ଓଡ଼ିଶାକୁ ପୂର୍ବ ଭାରତର ମାନୁଫାକ୍ ?ଚ୍‌ରିଂ ହବ୍ କରିବା ପାଇଁ ଆମେ ବିଭିନ୍ନ ହାଇ ଭାଲ୍ୟୁ ପ୍ରଡକ୍ଟ ଉତ୍ପାଦନ ଦିଗରେ ନିବେଶକ ମାନଙ୍କୁ ଆକୃଷ୍ଟ କରୁଛୁ । ମାନୁଫାକ୍‌ଚ୍‌ରିଂ ଭାଲ୍ୟୁ ଚେନ୍ ?ରେ ଆହୁରି ଉପରକୁ ଉଠି ସାରା ବିଶ୍ୱର ବଜାରରେ କମ୍ପିଟ୍ କରି ପାରୁଥିବା ଭଳି ପ୍ରଡକ୍ଟ ନିର୍ମାଣ କରୁଛୁ। ମୁଖ୍ୟମନ୍ତ୍ରୀ କହିଛନ୍ତି, ଆମ ସରକାର ମାତ୍ର ୧୫ ମାସ ହେବ ଓଡିଶାର ଶାସନ ଦାୟିତ୍ୱ ନେଇଛନ୍ତି । ଏହି ଅଳ୍ପ ସମୟ





ମଧ୍ୟରେ ଆମ ସରକାର ୨୬୦ ଟି ଶିଳ୍ପ ପ୍ରକଳ୍ପ ମଞ୍ଜୁର କରିଛନ୍ତି, ଯାହାଦ୍ୱାରା ୫.୬ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ଆସିବା ସହିତ ୩.୬ ଲକ୍ଷ ନିଯୁକ୍ତି ସମ୍ଭାବନା ସୃଷ୍ଟି ହୋଇଛି । ଏହି ସମୟ ମଧ୍ୟରେ ଆମେ ୮୪ଟି ଶିଳ୍ପ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛୁ । ଏହା ଦ୍ୱାରା ଓଡିଶାରେ ୨ ଲକ୍ଷ କୋଟିରୁ ଅଧିକ ଟଙ୍କାର ପୁଞ୍ଜି ନିବେଶ ହୋଇପାରିଛି, ଏବଂ ୧ ଲକ୍ଷ ୬୪ ହଜାର ନିଯୁକ୍ତି ସୃଷ୍ଟି କରାଯାଇପାରିଛି । ଶିଳ୍ପପତିମାନଙ୍କୁ ଭରଷା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡିଶାରେ ଶିଳ୍ପ ସ୍ଥାପନ ପାଇଁ ଉପଯୁକ୍ତ ନୀତି ସହିତ ପ୍ରତ୍ୟେକ କ୍ଷେତ୍ରକୁ ସ୍ୱତନ୍ତ୍ର ପ୍ରୋତ୍ସାହନ ପ୍ରଦାନ କରାଯାଉଛି। ସରକାରୀ ବ୍ୟବସ୍ଥାରେ ବ୍ୟୁରୋକ୍ରାଟିକ୍ ପ୍ରତିବନ୍ଧକକୁ ହଟାଯାଇଛି। ଶିଳ୍ପ ପ୍ରତିଷ୍ଠାର ଯାତ୍ରାରେ, ଶିଳ୍ପପତି ମାନଙ୍କୁ ସହଯୋଗର ହାତ ବଢାଇବା ପାଇଁ, ଆମେ ସବୁ ସମୟରେ ଉପସ୍ଥିତ ଅଛୁ । ଯେକୌଣସି ଅସୁବିଧାରେ ଶିଳ୍ପପତିମାନଙ୍କ ସମସ୍ୟା ଦୂର କରିବା ପାଇଁ ଆମେ ଆମ ସରକାର ପ୍ରସ୍ତୁତ ଅଛନ୍ତି । ଏକ୍ ପେଡ ମା କି ନାମ୍ ୨.୦ ଅଭିଯାନକୁ ସଫଳ କରିବା ପାଇଁ ଆହ୍ୱାନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ସମସ୍ତ ଉଦ୍‌ଯୋଗୀ ତଥା ଶିକ୍ଷାନୁଷ୍ଠାନ ଗୁଡିକ ନିଜ ନିଜ ଅଂଚଳରେ ଯେତେ ଅଧିକ ସମ୍ଭବ ଚାରା ରୋପଣ କରନ୍ତୁ । ବିକାଶ ଓ ପରିବେଶ ପରସ୍ପରର ପରିପୁରକ ହୋଇ କାର୍ଯ୍ୟ କରିବା ଉଚିତ୍। ଆଗାମୀ ସେପ୍‌ଟେମ୍ବର ୧୭ ତାରିଖରେ ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ୭୫ତମ ଜନ୍ମଦିବସ ପାଳନ ହେବ । ଓଡିଶା ପ୍ରତି ପ୍ରଧାନମନ୍ତ୍ରୀଙ୍କ ଶ୍ରଦ୍ଧାକୁ ସମ୍ମାନ ଜଣାଇ, ତାଙ୍କ ପ୍ରତି ଏକ ଉପହାର ସ୍ୱରୂପ, ଓଡିଶାବାସୀ ସେହି ଗୋଟିଏ ଦିନରେ ୭୫ ଲକ୍ଷ ଗଛ ଲଗେଇବା ପାଇଁ ନିଷ୍ପତ୍ତି କରିଛନ୍ତି। ଏହି ଅଭିଯାନରେ ଶିକ୍ଷସଂସ୍ଥାମାନଙ୍କୁ ସାମିଲ ହେବା ପାଇଁ ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ନୂତନ ଭାବେ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିବା ଶିଳ୍ପପତି ମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ଗଞ୍ଜାମ, ଖୋର୍ଦ୍ଧା, ଝାରସୁଗୁଡା, କୋରାପୁଟ ଓ ଅନୁଗୋଳ ଠାରେ ଆଭାସୀ ମାଧ୍ୟମରେ ସେ ଅଞ୍ଚଳରେ କାର୍ଯ୍ୟକାରୀ ହେବାକୁଥିବା ଶିଳ୍ପପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।

କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ଶିଳ୍ପମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ ସୁଦକ୍ଷ ପ୍ରଶାସନିକ ବ୍ୟବସ୍ଥା ଏବଂ ଶିଳ୍ପ ଅନୁକୂଳ ପରିବେଶ ହିଁ ଆଜି ଓଡିଶାକୁ ଶିଳ୍ପ ସମୃଦ୍ଧ ଭାବେ ଏକ ପ୍ରମୁଖ ସମ୍ଭାବନାର ରାଜ୍ୟ ଭାବେ ଗଢିତୋଳିବା ପାଇଁ ସକ୍ଷମ ହୋଇଛି। ଏଥି ସହିତ ମୁଖ୍ୟମନ୍ତ୍ରୀଙ୍କ ଭରଷା ଓ ବିଶ୍ୱାସ ଆଜି ଆମ ରାଜ୍ୟର ସାମଗ୍ରିକ ବିକାଶ ଓ ଅର୍ଥନୈତିକ ଅଭିବୃଦ୍ଧିରେ ଉପାଦେୟ ସାବ୍ୟସ୍ତ ହୋଇଛି।

ଏହି ଅବସରରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଥିଲେ ଯେ ପ୍ରତ୍ୟେକ ବ୍ୟକ୍ତି ଯାହାର ଇଚ୍‌ଛା ଓ ଦୃଢ ମନୋବଳ ଅଛି ସେ ଦିନେ ନା ଦିନେ ସଫଳ ହେବ। ମୁଖ୍ୟମନ୍ତ୍ରୀଙ୍କ ପ୍ରଚେଷ୍ଟା ସର୍ବଦା ରହିଆସିଛି ଯେ କିଭଳି ଗ୍ରାଉଣ୍ଡ ଜିରୋରୁ ସଫଳତା ମିଳିବ। ଏହି ଭରଷାରେ ରାଜ୍ୟ ସରକାର ଆଜି ଶିଳ୍ପକ୍ଷେତ୍ରରେ ଅଗ୍ରଗତି କରୁଛନ୍ତି। କାର୍ଯ୍ୟକ୍ରମରେ ଉନ୍ନୟନ କମିସନର ଅନୁ ଗର୍ଗ ଏବଂ ପ୍ରମୁଖ ଶିଳ୍ପପତିମାନେ ମଞ୍ଚାସୀନ ଥିଲେ। ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମା ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଦକ୍ଷତା ବିକାଶ ବିଭାଗର କମିଶନର ତଥା ସଚିବ ଭୁପେନ୍ଦ୍ର ସିଂ ପୁନିଆ ଧନ୍ୟବାଦ ଦେଇଥିଲେ।

## ଅଧ୍ୟାପକ ବହିଷ୍କୃତ

ଜଗତସିଂହପୁର,୧୫।୯(ନି.ପ୍ର): ନକଲି ସାର୍ଟିଫିକେଟ ଦେଇ ଚାକିରୀ କରିଥିବା ଅଧ୍ୟାପକଙ୍କୁ ଜଗତସିଂହପୁର ଉପ ଜିଲ୍ଲାପାଳ ବହିଷ୍କାର କରିଛନ୍ତି। ଜଗତସିଂହପୁର ଜିଲ୍ଲା ବାଲିକୁଦା କଲେଜରେ ୭ବର୍ଷ ଧରି କମର୍ସ ଅଧ୍ୟାପକ ଭାବେ ସନ୍ତୋଷ କୁମାର ଶତପଥି କାର୍ଯ୍ୟ କରୁଥିଲେ। ଏମ୍‌କମ୍ ନକଲି ସାର୍ଟିଫିକେଟ ଦେଇ ସେ ୨୦୧୮ ମସିହାରୁ ଚାକିରୀ କରୁଥିଲେ। ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଅଭିଯୋଗ ପରେ ଆରଡିସିଙ୍କ ନିର୍ଦ୍ଦେଶ କ୍ରମେ ୨୦୨୨ ମସିହାରେ ଫ୍ୟାକ୍ଟ ଫାଇଣ୍ଡିଙ୍ଗ ଟିମ୍ ତଦନ୍ତ କରିଥିଲେ। ତଦନ୍ତରେ ସିକିମ ରାଜ୍ୟର ଏକ ଫେକ୍ ବିଶ୍ୱବିଦ୍ୟାଳୟରୁ ଏମ୍‌କମ୍ ପାସ କରିଥିବା ନକଲି ସାର୍ଟିଫିକେଟ ଦେଇଥିବା ଜଣା ପଡିଥିଲା। ତେବେ କମିଟି ରିପୋର୍ଟ ଦେବାପରେ ଗତ ୬ତାରିଖରେ ତାଙ୍କୁ ଚାକିରିରୁ ବହିଷ୍କାର କରାଯିବା ସହିତ ୭ବର୍ଷ ଧରି ନେଇଥିବା ଦରମାକୁ ଆଦାୟ କରିବାକୁ ନିର୍ଦ୍ଦେଶ ରହିଛି।

### ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାରେ କେନ୍ଦ୍ରମନ୍ତ୍ରୀଙ୍କୁ ସ୍ୱାଗତ

## ମୟୂରଭଞ୍ଜର ବିକାଶ ପାଇଁ ଡବଲ ଇଞ୍ଜିନ ସରକାର ବଦ୍ଧ ପରିକର : ଧର୍ମେନ୍ଦ୍ର

ବାରିପଦା,୧୫।୯(ନି.ପ୍ର.): ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଥିବା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ବିଭିନ୍ନ ସ୍ଥାନରେ ଜନସାଧାରଣ ଓ କାର୍ଯ୍ୟକର୍ତ୍ତାମାନେ ସ୍ୱାଗତ କରିଛନ୍ତି ।କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଆଜି ସକାଳେ ବାଲେଶ୍ୱର ଷ୍ଟେସନରେ ପହଞ୍ଚିବା ପରେ ବେତନଟୀ ଦେଇ ସରକାରୀ ଓ ସାମାଜିକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ମୟୂରଭଞ୍ଜ ବାରିପଦା ଅଭିମୁଖେ ଯାତ୍ରା କରିଥିଲେ । ଶ୍ରୀ ପ୍ରଧାନଙ୍କୁ ବାଲେଶ୍ୱର, ରେମୁଣା, ବଡ଼ସାହି, ମୋରଡ଼ା ଓ ବେତନଟୀ ସମେତ ଅନେକ ସ୍ଥାନରେ ସାଧାରଣ ନାଗରିକ ଓ କାର୍ଯ୍ୟକର୍ତ୍ତାମାନେ ସ୍ୱାଗତ କରିଥିଲେ । ଗସ୍ତକାଳରେ ଶ୍ରୀ ପ୍ରଧାନ ବାରପିଦାରେ ବିଭିନ୍ନ ପ୍ରକଳ୍ପର ଉଦଘାଟନ ସହ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ବାରିପଦାରେ 'ମୟୂରଭଞ୍ଜ ଆଥଲେଟିକ୍ ଆସୋସିଏସନ'ର ପ୍ରଶାସନିକ ଭବନ ଉଦଘାଟନ, ବାରିପଦା ଛଉ ପେଣ୍ଡାଲ ପ୍ରକଳ୍ପ ଓ ବାରିପଦାରେ ଜୁବୁଲି ପାର୍କ ଓ ଝିଞ୍ଜିରୀ ବନ୍ଧର ପୁନଃ ନବୀକରଣ ପ୍ରକଳ୍ପର ଶୁଭାରମ୍ଭ କରିଥିଲେ କେନ୍ଦ୍ରମନ୍ତ୍ରୀ ।

ଏହା ଉପରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ମୟୂରଭଞ୍ଜ ଜିଲ୍ଲାର ବିକାଶ ପାଇଁ ଡବଲ ଇଞ୍ଜିନ ସରକାର ବଦ୍ଧ ପରିକର । ବାରିପଦାରେ 'ମୟୂରଭଞ୍ଜ ଆଥଲେଟିକ୍ ଆସୋସିଏସନ'ର ପ୍ରଶାସନିକ ଭବନ ଆମର ଯୁବ ପ୍ରତିଭାମାନଙ୍କୁ ପ୍ରୋତ୍ସାହିତ କରିବା ତଥା କ୍ରୀଡ଼ା ଭିତ୍ତିଭୂମିର ବିକାଶ ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ମୟୂରଭଞ୍ଜର ସାଂସ୍କୃତିକ ପରମ୍ପରାର ପ୍ରତୀକ ହେଉଛି ଛଉ ନୃତ୍ୟ । ବାରିପଦା ଛଉ ପେଣ୍ଡାଲ ସହ ପାର୍ଶ୍ୱରେ ଥିବା ପଡ଼ିଆର ଉନ୍ନତିକରଣ ହେବ । ଆଗାମୀ ଦିନରେ ଏହି ପ୍ରକଳ୍ପ ଛଉ ନୃତ୍ୟ ସମେତ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଏକ ସୁନ୍ଦର ଭିତ୍ତିଭୂମି ଯୋଗାଇବ । ମୟୂରଭଞ୍ଜର ବାରିପଦାରେ ଜୁବୁଲି ପାର୍କ ଓ ଝିଞ୍ଜିରୀ ବନ୍ଧର ପୁନଃ ନବୀକରଣ ପ୍ରକଳ୍ପ ସହରର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ସହିତ ଏହି ସ୍ଥାନକୁ ଏକ ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ରରେ ପରିଣତ କରିବ । ବାରିପଦାରେ ଜନଜାତି ସମ୍ପ୍ରଦାୟର ଭଉଣୀମାନଙ୍କ ସହିତ ପାରମ୍ପରିକ ନୃତ୍ୟ 'କରମା ନାଚ୍'ରେ ସାମିଲ ହୋଇ ଖୁସିବ୍ୟକ୍ତ କରିଥିଲେ ।



## ୩ ହାର୍ଡକୋର ମାଓବାଦୀ ମୃତ

ନୂଆଦିଲ୍ଲୀ,୧୫।୯: ନକ୍ସଲ ବିରୋଧୀ ଅଭିଯାନକୁ ଆଉ ଏକ ବଡ ସଫଳତା ମିଳିଛି। ସୁରକ୍ଷାକର୍ମୀଙ୍କ ଗୁଳିରେ ଟଳିଛନ୍ତି ୩ ଜଣ କୁଖ୍ୟାତ ମାଓବାଦୀ। ଗୁଇନ୍ଦା ବିଭାଗ ସୂଚ୍‌ନା ଆଧାରରେ ଝାରଖଣ୍ଡର ହଜାରିବାଗ ଅନ୍ତର୍ଗତ କାରାଣ୍ଡି ଗାଁରେ ହୋଇଥିବା ସର୍ଚ୍ଚ ଅପରେସନ ଓ ପରେ ହୋଇଥିବା ଗୁଳି ବିନିମୟ ପରେ ଏପରି ସଫଳତା ମିଳିଛି।

ନିହତ ମାଓବାଦୀଙ୍କ ମଧ୍ୟରେ ରହିଛି ସିପିଆଇ(ମାଓବାଦୀ)ର କେନ୍ଦ୍ରୀୟ କମିଟି ସଦସ୍ୟ ସହଦେବ ସୋରେନ ଓରଫ ପରବେଶ। ଏକାଧିକ ହିଂସକାଣ୍ଡ ଓ ହମଲାରେ ସାମିଲ ଥିବା ସହଦେବକୁ ଧରିବା ପାଇଁ ପୁଲିସ୍ ପକ୍ଷରୁ ଦୀର୍ଘ ଦିନ ହେଲା ପ୍ରୟାସ ଚାଲିଥିଲା। ତା' ମୁଣ୍ଡ ଉପରେ ମଧ୍ୟ ୧ କୋଟିର ପୁରସ୍କାର ରାଶି ରହିଥିଲା। ଏବେ ସେ ସୁରକ୍ଷାକର୍ମୀଙ୍କ ଗୁଳିରେ ଟଳିଛି।



ବିହାର-ଝାରଖଣ୍ଡ ସ୍ପେଶାଲ ଏରିଆ କମିଟି ସଦସ୍ୟ ରଘୁନାଥ ହେମ୍‌ରୋମ ଓରଫ ଚଞ୍ଚଳର ଖେଳ ମଧ୍ୟ ଖତମ କରିଛନ୍ତି ସୁରକ୍ଷାକର୍ମୀ। ତା' ମୁଣ୍ଡ ଉପରେ ୨୫ ଲକ୍ଷର ପୁରସ୍କାର ରହିଥିଲା। ନିହତ ତୃତୀୟ ମାଓବାଦୀ ଜଣକ ହେଲେ ବୀରସେନ ଗାନଝୁ ଓରଫ ରାମଖେଲାଓ୍ୱନ। ସେ ଜୋନାଲ କମିଟି ସଦସ୍ୟ ଭାବେ କାମ କରୁଥିଲା ଓ ତା'କୁ ଧରିବା ପାଇଁ ପୁଲିସ୍ ? ପକ୍ଷରୁ ୧୦ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା।

ସୁରକ୍ଷାକର୍ମୀ ଏହି ୩ କୁଖ୍ୟାତ ମାଓବାଦୀଙ୍କ ମୃତଦେହକୁ ଜବତ କରିଛି। ଘଟଣା ସ୍ଥଳରୁ ଏକେ-୪୭ ରାଫଲ ସହ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି। ହଜାରିବାଗ ପୁଲିସ୍ ଓ ସିଆରପିଏଫ ୨୦୯ କୋବ୍ରା ବାଟାଲିୟନ ପକ୍ଷରୁ ଆରମ୍ଭ ହୋଇଥିବା ଏହି ସର୍ଚ୍ଚ ଅପରେସନ ଏବେ ବି ଜାରି ରହିଥିବା ବରିଷ୍ଠ ଅଧିକାରୀର ସୂଚ୍‌ନା ଦେଇଛନ୍ତି।

ଏହାପୂର୍ବରୁ ଗତକାଲି ମାନାଟୁ ଜଙ୍ଗଲରେ ହୋଇଥିବା ଏନକାଉଣ୍ଟରରେ ମୁକେଶ ଯାଦବ ନାମକ ଜଣେ ମାଓବାଦୀର ମୁଣ୍ଡ ଗଡିଥିଲା। ତା'କୁ ଧରିବା ପାଇଁ ୫ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା।

## ଦେବଦାସ ଛୋଟରାୟଙ୍କୁ ମିଳିବ ଚଳିତବର୍ଷର ଶାରଳା ପୁରସ୍କାର

ଭୁବନେଶ୍ୱର,୧୫।୯(ନି.ପ୍ର.): ଶ୍ରେଷ୍ଠ ସାହିତ୍ୟ କୃତି ପାଇଁ ଚଳିତବର୍ଷ ପ୍ରତିଷ୍ଠିତ କବି ଓ କଥାକାର ଦେବଦାସ ଛୋଟରାୟଙ୍କୁ ମର୍ଯ୍ୟାଦାଜନକ 'ଶାରଳା ପୁରସ୍କାର' ପ୍ରଦାନ କରାଯିବ । ଇମ୍ପା ଚାରିଟେବଲ ଟ୍ରଷ୍ଟ(ଇମ୍ପାକ୍ଟ) ପକ୍ଷରୁ ପ୍ରତିବର୍ଷ ଏହି ପୁରସ୍କାର ପ୍ରଦାନ କରାଯାଏ ।

ଇମ୍ପାକ୍ଟ ପକ୍ଷରୁ ଜାରି ଏକ ପ୍ରେସ୍ ରିଲିଜ୍ ଅନୁସାରେ, ୨୦୨୩ ମସିହାରେ ଟାଇମପାସ୍ ପ୍ରକାଶନୀ ଦ୍ୱାରା ପ୍ରକାଶିତ ତାଙ୍କର ଗଳ୍ପ ସଂକଳନ 'ମ୍ୟାଟିନି ସୋ' ପାଇଁ ଶାରଳା ପୁରସ୍କାର ପ୍ରଦାନ କରାଯିବ । ଆସନ୍ତା ଅକ୍ଟୋବର ୨୬ତାରିଖରେ ଏକ ବର୍ଣ୍ଣାଢ୍ୟ ସାରସ୍ୱତ ସମାବେଶରେ ଶ୍ରୀ ଛୋଟରାୟଙ୍କୁ ଉତ୍ତରୀୟ, ମାନପତ୍ର, ଫଳକ ସମେତ ୭ଲକ୍ଷ ଟଙ୍କାର ଅର୍ଥରାଶି ପ୍ରବିଗ୍ରାହକମାନଙ୍କ ଦ୍ୱାରା ଚଳିତବର୍ଷର ଶାରଳା ପୁରସ୍କାର ନିମନ୍ତେ ଚୂଡାନ୍ତ ପର୍ଯ୍ୟାୟକୁ ମନୋନୀତ ହୋଇଥିବା ପୁସ୍ତକଗୁଡିକ ମଧ୍ୟରେ ଦେବଦାସ ଛୋଟରାୟଙ୍କ ଗଳ୍ପ ସଂକଳ୍ପ 'ମ୍ୟାଟିନି ସୋ' ବ୍ୟତୀତ ଅପର୍ଣ୍ଣା ମହାନ୍ତିଙ୍କ କବିତା ସଂକଳନ 'ଅପର୍ଣ୍ଣା ମହାନ୍ତିମାନଙ୍କ ପାଇଁ କବିତା', ମମତା ଦାଶଙ୍କ କବିତା ସଂକଳନ 'ଭୂମି ସ୍ୱର୍ଗ', ପଦ୍ମଜ ପାଳଙ୍କ ଉପନ୍ୟାସ 'ସାତ ମୁଁ ସାତ' ଓ ଗଳ୍ପ ସଂକଳନ 'ଡାହାଣ ପାଦ ବାମ ପାଦ', ଆଶୁତୋଷ ପରିଡାଙ୍କ କବିତା ସଂକଳନ 'ବିଶ୍ୱାସ ଦେ ଫୁଁ', ବିଜୟ କୁମାର ଶତପଥୀଙ୍କ ନାଟକ 'ଅନ୍ଧାରେ ବିଭୀଷିକା' ।

ପ୍ରାଥମିକ ପୁସ୍ତକ ଚୟନ ମଣ୍ଡଳୀରେ ଦୁର୍ଗାପ୍ରସାଦ ପଣ୍ଡା, କୃଷ୍ଣକୁମାର ମହାନ୍ତି, ପବିତ୍ରମୋହନ ଦାଶ, ଗ୍ରୀଦେବ, ଶକ୍ତି ମହାନ୍ତି ବିଚାରକ ଥିଲାବେଳେ ଚୂଡାନ୍ତ ପର୍ଯ୍ୟାୟର ବିଚାରକ ଭାବେ ପ୍ରକାଶ ମହାପାତ୍ର, ପବିତ୍ର ପାଣିଗ୍ରାହୀ, ଧନଞ୍ଜୟ ସ୍ୱାଇଁ, ପାରମିତା ଶତପଥୀ, ସୁସ୍ମିତା ବାଗଚୀ, ପ୍ରବୀଣ ମହାନ୍ତି ଏବଂ ସୂର୍ଯ୍ୟ ମିଶ୍ର ରହିଥିଲେ ।

ସେହିପରି କଳା କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ନିମନ୍ତେ ଇମ୍ପାକ୍ଟ ପକ୍ଷରୁ ପ୍ରଦାନ କରାଯାଉଥିବା 'ଇଲାବଂଶୀଧର ପଣ୍ଡା କଳା ସମ୍ମାନ'ରେ ଚଳିତ ୨୦୨୫ ମସିହା ପାଇଁ ବିଶିଷ୍ଟ ଚିତ୍ରଶିଳ୍ପୀ ବଳଦେବ ମହାରଥୀ ଏବଂ ସଂଗୀତଗୁରୁ ରାମହରି ଦାସଙ୍କୁ ଚଳିତ ବର୍ଷ ଏହି ପୁରସ୍କାର ପ୍ରଦାନ କରାଯିବ ।ପୁରସ୍କାର ବାବଦରେ ଉଭୟଙ୍କୁ ଦୁଇଲକ୍ଷ ପଚାଶ ହଜାର ଟଙ୍କାର ଅର୍ଥରାଶି ସହ ମାନପତ୍ର ଓ ଫଳକ ପ୍ରଦାନ କରାଯିବ । ସଙ୍ଗୀତ ବିଭାଗରେ ଆଦ୍ୟାଶା ଦାସ, ସୁଜାତା ମହାପାତ୍ର, ସଙ୍ଗୀତା ପଣ୍ଡା ଏବଂ ଚିତ୍ରକଳା ବିଭାଗରେ ପଂଚମୀ ମାନୁ ଉକିଲ, ସୁଦର୍ଶନ ପଟ୍ଟନାୟକ ଓ ପ୍ରଦୋଷ ସ୍ୱାଇଁ ବିଚାରକ ଥିଲେ ।ସୂଚନାଯୋଗ୍ୟ, ବିଶିଷ୍ଟ ଶିଳ୍ପପତି ବୈଜ୍ଞାନିକ ଡଃ ବଂଶୀଧର ପଣ୍ଡା ଓ ତାଙ୍କର ସହଧର୍ମିଣୀ କଳାବିଦୁଷୀ ଇଲା ପଣ୍ଡାଙ୍କର କଳାତ୍ମକ ଚେତନାର ଫଳଶ୍ରୁତି ହେଉଛି ଶାରଳା ପୁରସ୍କାର ଉତ୍ସବ। ୧୯୮୦ ମସିହାରୁ ପ୍ରଦାନ କରାଯାଇ ଆସୁଥିବା ଶାରଳା ପୁରସ୍କାର ୪୫ ବର୍ଷ ଧରି ଏହାର ଯାତ୍ରା ଜାରି ରଖିଛି । ଇମ୍ପାକ୍ଟ ପକ୍ଷରୁ ମଧ୍ୟ ଓଡିଶାର ଯୁବ କ୍ରୀଡାବିତମାନଙ୍କୁ ଉତ୍କର୍ଷ କ୍ରୀଡା ପ୍ରଦର୍ଶନ ନିମନ୍ତେ ପ୍ରତିବର୍ଷ ଏକଲବ୍ୟ ପୁରସ୍କାର ପ୍ରଦାନ କରାଯାଇଥାଏ ।



### ସୁଭଦ୍ରା ଅଭିଯୋଗ ପୋର୍ଟାଲ ଆରମ୍ଭ

## ସୁଭଦ୍ରା ଯୋଜନାରୁ କାହିଁକି ବାଦ୍ ପଡିଲେ ମିଳିବ ଉତ୍ତର

ଭୁବନେଶ୍ୱର,୧୫।୯(ନି.ପ୍ର.): ଓଡ଼ିଶାରେ ସୁଭଦ୍ରା ଯୋଜନାର ଅଭିଯୋଗ ସମାଧାନ ମଡ୍ୟୁଲ୍ ଆରମ୍ଭ ହୋଇଛି। ଏହି ମଡ୍ୟୁଲ୍ ମାଧ୍ୟମରେ, ବିଭାଗର ଅଧିକାରୀମାନେ ସମସ୍ତ ଅଭିଯୋଗର ଉତ୍ତର ଦେବେ ।ଏନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି, ପୂର୍ବରୁ ଲୋକମାନେ ପୋର୍ଟାଲରେ ଅଭିଯୋଗ କରୁଥିଲେ କିନ୍ତୁ କୌଣସି ଉତ୍ତର ପାଉ ନଥିଲେ। ଏବେ, ବିଭାଗୀୟ ଅଧିକାରୀ ସମସ୍ତ ଅଭିଯୋଗର ଉତ୍ତର ଦେବେ। ଲୋକଙ୍କ ଅଭିଯୋଗ ଯାଞ୍ଚ ପାଇଁ ବ୍ଲକ ଏବଂ ଜିଲ୍ଲା ସ୍ତରକୁ ପଠାଯିବ।

ସୁଭଦ୍ରା ଯୋଜନା ଆବେଦନକାରୀଙ୍କ ସ୍ଥିତି ବିଷୟରେ ସମସ୍ତ ସୂଚ୍‌ନା ପୋର୍ଟାଲରେ ଉପଲବ୍ଧ ହେବ। ସେମାନଙ୍କୁ ସୁଭଦ୍ରା ଯୋଜନାରୁ କାହିଁକି ବାଦ୍ ଦିଆଯାଇଥିଲା, ଏହାର କାରଣ କ'ଣ ଥିଲା ଏବଂ ଭବିଷ୍ୟତରେ ପୁଣି ଥରେ ସାମିଲ ହେବା ପାଇଁ ସେମାନେ କ'ଣ କରିପାରିବେ ସେ ବିଷୟରେ ସମସ୍ତ ପ୍ରଶ୍ନର ଉତ୍ତର ବିଭାଗ ଦେବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ରିପୋର୍ଟ ଅନୁଯାୟୀ, ବର୍ତ୍ତମାନ ଏହି ଯୋଜନାରେ ୧ କୋଟି ୯ ଲକ୍ଷ ହିତାଧିକାରୀ ଅଛନ୍ତି, କିନ୍ତୁ ୨ ଲକ୍ଷ ୮୫ ହଜାର ହିତାଧିକାରୀଙ୍କୁ ବାଦ୍ ଦିଆଯାଇଛି।

ସୁଭଦ୍ରା ଯୋଜନା ଯୋଜନାରେ ହିତାଧିକାରୀଙ୍କ ସମସ୍ୟାରର ସମାଧାନ ପାଇଁ ସୁଭଦ୍ରା ଅଭିଯୋଗ ମଡ୍ୟୁଲ୍ ଆରମ୍ଭ କରାଯାଇଥିବା ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ପଦକ୍ଷେପ ଯୋଜନା ସହିତ ଜଡିତ ଅଭିଯୋଗଗୁଡ଼ିକର ସମାଧାନ ପାଇଁ ଏକ ସ୍ୱଚ୍ଛ ଏବଂ ଦକ୍ଷ ବ୍ୟବସ୍ଥା ପ୍ରଦାନ କରିବା ଲକ୍ଷ୍ୟ ରଖିଛି। ପୂର୍ବରୁ ଯୋଜନାରୁ ବାଦ୍ ପଡ଼ିଥିବା ହିତାଧିକାରୀମାନେ ଏବେ ଏହି ପୋର୍ଟାଲ୍ ମାଧ୍ୟମରେ ଅଭିଯୋଗ ଦାଖଲ କରିପାରିବେ ଏବଂ ପୁନଃ ଅନ୍ତର୍ଭୁକ୍ତି ପାଇଁ ଆବେଦନ କରିପାରିବେ।

କୌଣସି ଯୋଗ୍ୟ ହିତାଧିକାରୀ ସୁଭଦ୍ରାଙ୍କ ସହାୟତାରୁ ବଞ୍ଚିତ ହେବେ ନାହିଁ, ସୁଭଦ୍ରା ଅଭିଯୋଗ ମଡ୍ୟୁଲ୍ ଆରମ୍ଭ କରି ଉପମୁଖ୍ୟମନ୍ତ୍ରୀ ପ୍ରବତୀ ପରିଡା କହିଛନ୍ତି। ଏହି ମଡ୍ୟୁଲ୍ ଯୋଜନା ଅଧୀନରେ ସ୍ୱଚ୍ଛତା, ଦାୟିତ୍ୱ ଏବଂ ସମୟୋଚିତ ନିଷ୍ପତ୍ତି ଗ୍ରହଣ ସୁନିଶ୍ଚିତ କରିବ ବୋଲି ସେ ପ୍ରକାଶ କରିଛନ୍ତି। ଏହି ମଡ୍ୟୁଲ୍ ହିତାଧିକାରୀମାନଙ୍କୁ ସେମାନଙ୍କର ଅଭିଯୋଗ ପଞ୍ଜିକରଣ କରିବାକୁ ଏବଂ ସେମାନଙ୍କର ସ୍ଥିତି ଟ୍ରାକ୍ କରିବା ସହିତ ବିଭାଗଗୁଡ଼ିକ ପୋର୍ଟାଲ୍ ମାଧ୍ୟମରେ ଦାଖଲ ହୋଇଥିବା ସମସ୍ତ ଅଭିଯୋଗର ଉତ୍ତର ଦେବେ। ଏହା ସହିତ ସମୟୋଚିତ ସମାଧାନ ଏବଂ ପ୍ରକ୍ରିୟାରେ ସ୍ୱଚ୍ଛତା ସୁନିଶ୍ଚିତ କରିବେ। ବ୍ଲକ କମିଟିଗୁଡ଼ିକ ଅଭିଯୋଗଗୁଡ଼ିକର ସମୀକ୍ଷା କରିବେ। କମିଟି ତା'ପରେ ଯାଞ୍ଚ ରିପୋର୍ଟକୁ ଜିଲ୍ଲା ସ୍ତରୀୟ ଯାଞ୍ଚ କମିଟି କିମ୍ବା ପୌର ନିଗମ ସ୍ତରୀୟ ଯାଞ୍ଚ କମିଟିକୁ ପଠାଇବେ। ଅନୁମୋଦନ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ଜିଲ୍ଲା କିମ୍ବା ନଗର ନିଗମ ସ୍ତରରେ ନିଆଯିବ। ହିତାଧିକାରୀମାନେ ସୁଭଦ୍ରା ପୋର୍ଟାଲ୍ ମାଧ୍ୟମରେ ସେମାନଙ୍କର ଅଭିଯୋଗର ସ୍ଥିତି ବିଷୟରେ ଅପଡେଟ୍ ପାଇବା ସହଜ ହେବ।ବର୍ତ୍ତମାନ ସୁଦ୍ଧା ସୁଭଦ୍ରା ଯୋଜନା ଅଧୀନରେ ୧,୦୯,୮୭,,୮୯୪ ଆବେଦନ ପଞ୍ଜିକୃତ ହୋଇଛି। ଏହା ଦ୍ୱାରା ୧ କୋଟିରୁ ଅଧିକ ମହିଳା ଉପକୃତ ହୋଇଛନ୍ତି। ଏହା ସହିତ, ବର୍ତ୍ତମାନ ସୁଭଦ୍ରା ପୋର୍ଟାଲ୍ ମାଧ୍ୟମରେ ୨,୮୩,୨୬୪ ଅଭିଯୋଗର ସମାଧାନ କରାଯାଇଛି। ସେସବୁର ସମାଧାନ ସୁଭଦ୍ରା ଅଭିଯୋଗ ମଡ୍ୟୁଲ୍ ମାଧ୍ୟମରେ କରାଯିବ ।ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶକ ମୋନିଷା ବାନାର୍ଜୀ; ଓସିଏସିର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ରାଉତ; ବିଭାଗର ଅତିରିକ୍ତ ସଚିବ କୃତିବାସ ରାଉତ; ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।ସୁଭଦ୍ରା ଯୋଜନାର ଏକ ବର୍ଷ ୧୭ରେ ପୂରଣ ହେବାକୁ ଯାଉଛି। ଗୋଟିଏ ବର୍ଷ ପୂରଣକୁ ପାଳନ କରିବା ପାଇଁ, ରାଜ୍ୟର ୩୪୮ଟି ସିଡିପିଓ ୟୁନିଟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପ୍ରତ୍ୟେକ ଅଙ୍ଗନଓ୍ୱାଡି କେନ୍ଦ୍ରରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଅକ୍ଟୋବର ୧୫ ପର୍ଯ୍ୟନ୍ତ ଜାରି ରହିବ।





# କ୍ୟାରିୟର କାଉନସେଲିଂ ଶିବିର କାର୍ଯ୍ୟକ୍ରମ

୧୫।୯:(ମନ୍ଥନ)ପଲ୍ଲୀ ଆଲୋକ ପାଠାଗାର ନଅଗାଁ(ଖ) ଓ ଅଜିମ ପ୍ରେମଜି ଫାଉଣ୍ଡେସନ ପକ୍ଷରୁ ଆଗଲପୁର ବ୍ଲକ ନୁନିଆପାଲି ପଂଚାୟତର ପାଣ୍ଡେସରା କମ୍ୟୁନିଟି ଗୃହ ଠାରେ କିଶୋରୀ ମାନଙ୍କୁ ନେଇ କ୍ୟାରିଅର କାଉନସେଲିଂ ଉପରେ ଏକ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଆଗଲପୁର ବ୍ଲକ ନୁନିଆପାଲି, ବଡ଼ଟିକା ଓ ଝରଣିପାଲି ପଞ୍ଚାୟତର ଗାଁ ଗୁଡିକରୁ ୬୫ ଜଣ କିଶୋରୀ ସକ୍ରିୟ ଅଂଶଗ୍ରହଣ କରିଥିଲେ। କିଶୋରୀ ମାନେ କିପରି ଶିକ୍ଷା, ସ୍ୱାସ୍ଥ୍ୟ ତଥା ବ୍ୟବସାୟିକ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହୋଇପାରିବେ ସେ ଉପରେ ମାର୍ଗ ଦର୍ଶନ କରଯିବା ସହିତ ଆଗାମୀ ଦିନରେ ପଲ୍ଲୀ ଆଲୋକ ପାଠାଗାର ତରଫରୁ ଏ ସଂକ୍ରାନ୍ତରେ ବିଭିନ୍ନ ତାଲିମର ବ୍ୟବସ୍ଥା



କରାଯିବା ପାଇଁ ଶିବିରରେ ମତ ପ୍ରକାଶ ପାଇଥିଲା । ଏଥିରେ ସାଧନ କର୍ମୀ ସନ୍ଦୀପ କୁଅଁର, ଅଶୋକ କୁମାର ପଧାନ, ହୀରାଲାଲ ମିଶ୍ର ପ୍ରମୁଖ ବ୍ୟବସ୍ଥା ଉପରେ ପୁଙ୍ଖାନୁପଙ୍ଖ ଆଲୋଚନା କରିଥିଲେ ପ୍ରହଲ୍ଲାଦ ପଧାନ ଓ ସୁଶାନ୍ତ ସା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଗୋବିନ୍ଦ ଚନ୍ଦ୍ର ବିଶି, ପିଣ୍ଟୁ ପଧାନ, ପ୍ରଶାନ୍ତ କୁଅଁର, ବର୍ଷା ଯୁଆଡ଼ି ପ୍ରମୁଖ ସହଯୋଗ କରିଥିଲେ । ପରିଶେଷରେ ନମିତା ପଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ସୁସ୍ଥ ନାରୀ -ସଶକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା,୧୫।୯:(ମନ୍ଥନ)ଆସନ୍ତା ୧୭ ସେପ୍ଟେମ୍ବରରୁ ୨ ଅକ୍ଟୋବର ପର୍ଯ୍ୟନ୍ତ ହେବାକୁ ଥିବା ସୁସ୍ଥ ନାରୀ – ସଶକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମ ସଫଳ କରିବା ନେଇ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ପ୍ରସ୍ତୁତି କରାଯାଉଛି। ଏହି ଉପଲକ୍ଷେ ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ଅଧକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ଼ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ମନୋରଞ୍ଜନ ରାଉତ, ଏଡ଼ିଏମଓ଼ (ମେଡିକାଲ) ଡା. ପି. କେ. ପ୍ରହରାଜ, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ସଚ୍ଚିଦାନନ୍ଦ ମିଶ୍ର, ଡା. ଗୌରାଙ୍ଗ ଚରଣ ଗିରି, ଡା. ଶ୍ୟାମସୁନ୍ଦର ଟୁଡୁଙ୍କ ସମେତ ଜିଲ୍ଲା ପ୍ରୋଗ୍ରାମ ପରିଚାଳକ ଡା. ମନୋରଞ୍ଜନ ସାହୁ ପ୍ରମୁଖ ବ୍ୟାପକ ଆଲୋଚନା କରିଛନ୍ତି। ପ୍ରଶାସନିକ ଅଧିକାରୀ ଦିଲୀପ କୁମାର ନାୟକ, ଫାଇନାନସିଆଲ ଅଫିସର ଆଶୁତୋଷ ତ୍ରିପାଠୀ, ଜିଲ୍ଲା ଆକାଉଣ୍ଟସ ମ୍ୟାନେଜର ସର୍ବେଶ୍ୱର ପ୍ରଧାନ, ଜିଲ୍ଲା ଡାଟା ମ୍ୟାନେଜର ଜ୍ୟୋତିରଞ୍ଜନ



ପରିଡା, ଡେପୁଟି ମ୍ୟାନେଜର ସୁକାନ୍ତ କୁମାର ପ୍ରଧାନ, ଏପିଡେମିଓ଼ଲୋଜିଷ୍ଟ ଡା. ଅଶୋକ କୁମାର ସାହୁ, ଡ଼ିପିଏଚସିଓ଼ ଶୁଭ ନାରାୟଣ ନାୟକଙ୍କ ସମେତ ସମସ୍ତ ମେଡିକାଲ ଅଫିସର ଇନଚାର୍ଜ, ବି ପି ଏମ, ବି ଡ଼ି ଏମ, ପି ଏଚ ଇ ଓ଼, ଜିଲ୍ଲା ସ୍ୱାସ୍ଥ୍ୟ ସମିତିର ସମସ୍ତ ସହକାରୀ ମ୍ୟାନେଜର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅଭିଯାନ ଜିଲ୍ଲାର ସମସ୍ତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ସ୍ୱାସ୍ଥ୍ୟ ଉପକେନ୍ଦ୍ର , ଗ୍ରାମାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ,ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର- କେନ୍ଦ୍ରାପଡ଼ା ଓ଼ ପଟ୍ଟାମୁଣ୍ଡାଇ, ସବ ଡିଭିଜନ ସ୍ୱାସ୍ଥ୍ୟ ଉପକେନ୍ଦ୍ର ପଟ୍ଟାମୁଣ୍ଡାଇ, ଜିଲ୍ଲାର ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କେନ୍ଦ୍ରାପଡ଼ାରେ ଶିଶୁ କନ୍ୟାଠାରୁ ଆରମ୍ଭ କରି ସମସ୍ତ ମହିଳା ଯେକୌଣସି ବୟସ ନିର୍ବିଶେଷରେ ଏହି ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ସାମିଲ ହୋଇ ସେମାନଙ୍କର ଅଣ ସଂକ୍ରାମକ ରୋଗର ପରୀକ୍ଷା, ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନ ମାଧ୍ୟମରେ ଚିକିତ୍ସାସେବା, ରକ୍ତହୀନତାର ପରୀକ୍ଷା, କୁଷ୍ଠ ଓ଼ ଯକ୍ଷ୍ମା ଆଦି ରୋଗର ପରୀକ୍ଷା ଓ଼ ତା’ର ଚିକିତ୍ସାରେ ସାମିଲ ହୋଇପାରିବେ। ଏହି ଅଭିଯାନରେ ରକ୍ତଦାନ ଶିବିର ମଧ୍ୟ ଆୟୋଜିତ ହେବ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜନସାଧାରଣଙ୍କୁ ଅନୁରୋଧ କରାଯାଉଛି କି ସେମାନେ ଆସିବା ସମୟରେ ସେମାନଙ୍କର ଆଧାର କାର୍ଡ କିମ୍ବା ଆଭା ଆଇଡି ସାଙ୍ଗରେ ନେଇଆସିବେ। ଯାହାଫଳରେ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅଳ୍ପ ସମୟ ମଧ୍ୟରେ ସେମାନଙ୍କ ପଞ୍ଜିକରଣ ତ୍ୱରାଯାଇ ଆବଶ୍ୟକୀୟ ପରୀକ୍ଷା ଓ଼ ଚିକିତ୍ସା କରାଯାଇପାରିବ। ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟପ୍ରଦେଶର ଇନ୍ଦୋର ଠାରେ ସେପଟେମ୍ବର ୧୭ ତାରିଖରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ। ସେହିପରି ରାଜ୍ୟ ଓ଼ ଜିଲ୍ଲା ମହିଳା ଓ଼ ଶିଶୁ ବିଭାଗ ପକ୍ଷରୁ ପୋଷଣ କାର୍ଯ୍ୟକ୍ରମ ମଧ୍ୟ ଏଥିରେ ସାମିଲ ହୋଇଛି। ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୁଷମା ମହାନ୍ତିଙ୍କ ସମେତ ସମସ୍ତ ସି ଡ଼ି ପି ଓ଼ ଓ଼ ଜିଲ୍ଲା ସ୍ତରର କର୍ମଚାରୀ ବୈଠକରେ ସାମିଲ ଥିଲେ। ଆଶା ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ଜନସାଧାରଣ ସହଯୋଗ କରି ସୁସ୍ଥ ନାରୀ – ସଶକ୍ତ ପରିବାର ଅଭିଯାନ କୁ ସଫଳ କରିବେ।

# ସାଇ ଇଂଟ୍ରିଗାଲ ସ୍କୁଲରେ ବିଜ୍ଞାନ ମେଳା ଅନୁଷ୍ଠିତ

ପିପିଲି,୧୫।୯:(ମନ୍ଥନ)ପିପିଲିସ୍ଥିତ ସାଇ ଇଂଟ୍ରିଗାଲ ସ୍କୁଲରେ ୧୫ତମ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ୧୦୦ରୁ ଅଧିକ ପ୍ରକଳ୍ପ ଅଂଶ ଗ୍ରହଣ କରିଥିଲେ। ମୁଖ୍ୟ ଅତିଥୀଭାବେ ଡେଲାଙ୍ଗ ବ୍ଲକ ପୁର୍ବତନ ଶିକ୍ଷାଧିକାରୀ ବିନୋଦ ପରମାଣିକ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଜବାରହର ବିଦ୍ୟାପୀଠ ବିଜ୍ଞାନ ଶିକ୍ଷକ ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ଯୋଗଦେଇ ପ୍ରକଳ୍ପର ମୁଲ୍ୟାଙ୍କନ କରିଥିଲେ।ବିଭିନ୍ନ ବିଦ୍ୟାଳୟରୁ ୪ଶହରୁ ଅଧିକ ଛାତ୍ରଛାତ୍ରୀ ବିଜ୍ଞାନ ମେଳାକୁ ବୁଲି ଦେଖିବା ସହ ବିଜ୍ଞାନ ସମ୍ବନ୍ଧୀୟ ତଥ୍ୟ ପଚାରି ବୁଝିଥିଲେ ।କଲ୍ୟାଣପୁର ମହାବିଦ୍ୟାଳୟର ଅର୍ଥନିତୀ ପ୍ରଧାପକ ଦିଲ୍ଲିପ କୁମାର ରଥ ଏବଂ ସାଇ ଇଂଟ୍ରିଗାଲ ସ୍କୁଲର ଅଧକ୍ଷା ସୁନନ୍ଦା ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ପୁର୍ଣ୍ଣ ସହଯୋଗ କରିଥିଲେ ।ଅନ୍ୟମାନଙ୍କ ମଧ୍ୟରେ ବିଜ୍ଞାନ ଶିକ୍ଷକ ସୋମନାଥ ମହାପାତ୍ର ,ଦୀପକ କୁମାର ମହାପାତ୍ର,ସସ୍ମିତା ସାହୁ ପ୍ରମୁଖ ସହଯୋଗ କରିଥିଲେ।

# କେନ୍ଦ୍ରାପଡା ଅର୍ବାନ କୋପରେଟିଭ ବ୍ୟାଙ୍କର ଦକ୍ଷତା ବିକାଶ କର୍ମଶାଳା

କେନ୍ଦ୍ରାପଡ଼ା,୧୫।୯:(ମନ୍ଥନ)ଓଡିଶା ରାଜ୍ୟ ସମବାୟ ୟୁନିଅନ ଆନୁକୁଲ୍ୟରେ କେନ୍ଦ୍ରାପଡା ଅର୍ବାନ କୋପରେଟିଭ ବ୍ୟାଙ୍କର କର୍ମଚାରୀମାନଙ୍କ ପାଇଁ ଏକ ଦକ୍ଷତା ବିକାଶ କର୍ମଶାଳା ବ୍ୟାଙ୍କର ମୁଖ୍ୟ ଶାଖା ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ବ୍ୟାଙ୍କର ସଭାପତି ଗୁରୁପ୍ରସାଦ ମହାନ୍ତି ସମବାୟର ଆଦ୍ୟ ପ୍ରବର୍ତ୍ତକ ଉତ୍କଳ ଗୌରବ ମଧୁବାବୁ ଏବଂ ବ୍ୟାଙ୍କର ପ୍ରତିଷ୍ଠାତା ସଭାପତି ଭାଗବତ ପ୍ରସାଦ ମହାନ୍ତିଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରିବା ପରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କର୍ମଶାଳାର ଉଦ୍‌ଘାଟନ କରିଥିଲେ। ଏହି କର୍ମଶାଳାରେ ସମବାୟ ୟୁନିଅନ ପକ୍ଷରୁ ନାବାର୍ଡର ସାଧାରଣ ପ୍ରବନ୍ଧକ ଭୁବନ ମୋହନ ପଟ୍ଟନାୟକ, ଅବସରପ୍ରାପ୍ତ ଗ୍ରାମ୍ୟ ବ୍ୟାଙ୍କ ରିଜିଓନାଲ ମ୍ୟାନେଜର ସୂର୍ଯ୍ୟ ପ୍ରସାଦ ରଥ, ଭୁବନେଶ୍ୱର ଓଡିଶା କୋପରେଟିଭ ୟୁନିଅନ ଟ୍ରେନିଂ ଅଫିସର ବିପିନ ଚନ୍ଦ୍ର ଦାସ, ଓଡିଶା ରାଜ୍ୟ କୋପରେଟିଭ ୟୁନିଅନର ଓଏସଡି ଚିନ୍ମୟୀ ଚାରୁଦର୍ଶିନୀ ପ୍ରମୁଖ ଯୋଗଦେଇ



ଦକ୍ଷତା ବିକାଶ ଓ ସାମ୍ପ୍ରତିକ ପ୍ରତିଯୋଗିତାରେ କର୍ମଚାରୀମାନେ କିଭଳି ଭାବରେ ଗ୍ରାହକମାନଙ୍କୁ ସେବା ଯୋଗାଇ ଦେଇପାରିବେ ସେ ସମ୍ପର୍କରେ ବିଷଦ ଭାବରେ ଅବତାରଣା କରିଥିଲେ। ଡିଜିଟାଲ ବ୍ୟାଙ୍କିଂ ଓ ମୋବାଇଲ ବ୍ୟାଙ୍କ ସେବାର ବିସ୍ତୃତ ବ୍ୟବହାର ପାଇଁ ମଧ୍ୟ ଦିଗ ଦର୍ଶନ ପ୍ରଦାନ କରିଥିଲେ। ପରିଶେଷରେ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାଗ୍ୟଲକ୍ଷ୍ମୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅର୍ବାନ ବ୍ୟାଙ୍କର ସାଧାରଣ ପରିଚାଳକ ରାଜୀବ ଲୋଚନ ପଣ୍ଡା, ଜିଏମ ସୁରେଶ ଚନ୍ଦ୍ର ପରିଡା, ରିକଭରି ମ୍ୟାନେଜର ହିମାଂଶୁ ଲେଙ୍କା, ସହକାରୀ ପରିଚାଳକ ଭଞ୍ଜ କିଶୋର ଜେନା, ସିଷ୍ଟମ ମ୍ୟାନେଜର ଆଦିତ୍ୟ ଶତପଥି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଜାତୀୟ ଡ଼ାକ କର୍ମଚାରୀ ସଂଘର ବୈଠକ

ଯାଜପୁର,୧୫।୯:(ମନ୍ଥନ)ଜାତୀୟ ଡ଼ାକ କର୍ମଚାରୀ ସଂଘ ତୃତୀୟ ଶ୍ରେଣୀ ଯାଜପୁରର ତୃତୀୟ ଦ୍ୱିବାର୍ଷିକ ସମ୍ମିଳନୀ ତଥା ଜାତୀୟ ଡ଼ାକ କର୍ମଚାର ସଂଘ ପୋଷ୍ଟମ୍ୟାନ୍ ଏବଂ ଏମ୍ ଟି ଏସ୍ ଯାଜପୁର ଓ ଜାତୀୟ ଗ୍ରାମୀଣ ଡ଼ାକ କର୍ମଚାରୀ ସଂଘ ଯାଜପୁରର ଦ୍ୱିତୀୟ ଦୁଇବାର୍ଷିକ ସମ୍ମଳନୀ ଯାଜପୁର ବ୍ଲକ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଶଶୀକାନ୍ତ ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଶୁଭ୍ରକାଶ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ମନୋଜ ପାଣିଗ୍ରାହୀ ମୁଖ୍ୟବକ୍ତା, ଚନ୍ଦ୍ରମଣୀ ମେହେର ସମ୍ମାନୀତ ଅତିଥି, ଗୌତମ ଚରଣ ଦାସ ଅତିଥି, ସେଖ୍ ମହମ୍ମଦ ନୋମାନ ଅମ୍ମାନୀତ ଅତିଥି, ହରିଶଙ୍କର ସୁବୁଦ୍ଧି ପ୍ରମୁଖ ଯୋଗ ଦେଇ ଡ଼ାକ୍ କର୍ମଚାରୀମାନଦଙ୍କ ସୁବିଧା ଅସୁବିଧା



ସମ୍ପର୍କରେ ଆଲୋଚନା କରିବା ସହିତ କିପରି ଖାଲି ପଡ଼ିଥିବା ପଦବୀ ଗୁଡ଼ିକ ପୂରଣ କରାଯାଇ ପାରିବ ସେ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । କେନ୍ଦ୍ର ସରକାରଙ୍କୁ ଡ଼ାକ କର୍ମଚାରୀ ମାନଙ୍କୁ କାର୍ଯ୍ୟକ୍ଷେତ୍ରରେ ଦେଖାଯାଉଥିବା ଅସୁବିଧା ଗୁଡ଼ିକ ସମ୍ପର୍କରେ ଅବଗତ କରାଯିବା ପାଇଁ ଏହି ସଭାରେ ଆଲୋଚନା କରାଯାଇଥିଲା । ପୂତାତନ କର୍ମକର୍ତା ମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯିବା ସହ ନୂତନ କର୍ମକର୍ତାଙ୍କୁ ସ୍ୱାଗତ କରାଯାଇଥିଲା । ଅନ୍ୟମାନଙ୍କ ମଦ୍ୟଷର ବିଜୟ ସୁତା, ସୌମ୍ରରଞ୍ଜନ ବାରିକ୍, ସୌମ୍ୟ ରଞ୍ଜନ ପଣ୍ଡା, ମିଲନ୍‌ଜିତ୍ ରାୟ ପ୍ରମୁଖ ଯୋଗ ଦେଇ ସଭା ପରିଚାଳନରେ ସହଯୋଗ କରିଥିଲେ ।

# ହାଇସ୍କୁଲ ଏନ ପି ଏସ ଶିକ୍ଷକ ସଙ୍ଘ, ଯାଜପୁର ତରଫରୁ ଦାବିପତ୍ର ପ୍ରଦାନ

ଯାଜପୁର,୧୫।୯:(ମନ୍ଥନ) ଯାଜପୁର ଜିଲ୍ଲା ହାଇସ୍କୁଲ ଏନ ପି ଏସ ଶିକ୍ଷକ ସଙ୍ଘ ତରଫରୁ ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ ଓ ଗଣଶିକ୍ଷା ସଚିବଙ୍କ ଉଦେଶ୍ୟରେ ଦୁଇ ଦଫା ଦାବୀ ନେଇ ଯାଜପୁର ଜିଲ୍ଲାପାଳ ଓ ଯାଜପୁର ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ୨୦୦୪ ମସିହାରୁ ୨୦୧୩ ମସିହା ମଧ୍ୟରେ ନିଯୁକ୍ତି ପାଇଥିବା ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କର ୬ ବର୍ଷ ଚୁକ୍ତି ଅବଧିକୁ ମୂଳ ଚାକିରୀ ସହ ଯୋଗ କରିବା ସହ ୬ ଗୋଟି ନୋସନାଲ ଇନକ୍ରିମେଣ୍ଟ ପ୍ରଦାନ କରିବାକୁ ଉକ୍ତ ଦାବୀପତ୍ରରେ ଉଲେକ୍ଷ କରାଯାଇଛି କ୍ଷ ଅନୁରୋଧ କରାଯାଇଛି କି, ଯଦି ସରକାର ଖୁବଶୀଘ୍ର ଏହି ଦାବୀ ପୂରଣ ନକରନ୍ତି ତେବେ ଆସନ୍ତା ସେପ୍ଟେମ୍ବର ୨୨ ତାରିଖ ଦିନ ବିଧାନସଭା ଘେରାଉ ହେବା ସହ ଭୁବନେଶ୍ୱର ରାଜରାସ୍ତାରେ ହଜାର ହଜାର ଆଶାୟୀ ଶିକ୍ଷକ ଶିକ୍ଷୟତ୍ରୀମାନେ ଆନ୍ଦୋଳନ କରିବେ ଓ ଏହି ଆନ୍ଦୋଳନ ଦାବୀ ପୂରଣ ପର୍ଯ୍ୟନ୍ତ ଅହୋରାତ୍ର ଆମରଣ ଅନଶନରେ ବସିରହିବେ । ଶିକ୍ଷକ ମାନଙ୍କର ଏହି ନାଯ୍ୟ ଦାବିକୁ ଯଦି ସରକାର କର୍ଣ୍ଣପାତ ନକରନ୍ତି ଶିକ୍ଷକମାନେ ରାଜରାସ୍ତା ଛାଡ଼ିବେ ନାହିଁ କି ବିଦ୍ୟାଳୟକୁ ଶିକ୍ଷାଦାନ ନିମନ୍ତେ ଫେରିବେ ନାହିଁ ବୋଲି ଜିଲ୍ଲା ମାଧ୍ୟମିକ ଏନ ପି ଏସ ଶିକ୍ଷକ ସଙ୍ଘର ସଭାପତି ରାଜେନ୍ଦ୍ର ଶତପଥୀ ସମ୍ପାଦକ ଶିବଶଙ୍କର ଯେନା ଓ କୋଷାଧକ୍ଷ ସୁଧୀର ରଞ୍ଜନ ସାମଲ ମତପ୍ରକାଶ କରିଛନ୍ତି କ୍ଷ ଏହି ଅବସରରେ ଶତାଧିକ ପ୍ରଧାନଶିକ୍ଷକ ଓ ସହକାରୀ ଶିକ୍ଷକ ଶିକ୍ଷୟତ୍ରୀଙ୍କ ସହ ସଙ୍ଘର ସଦସ୍ୟବୃନ୍ଦ ବ୍ରହ୍ମାନନ୍ଦ ବାରିକ, ଜିତେନ୍ଦ୍ର ସାହୁ, କୁମାରସେନ ସେନାପତି, ଅମରେଶ ପଣ୍ଡା, ଜଗନ୍ନାଥ ବେହେରା, ଅଶୋକ କୁମାର ମଲ୍ଲିକ, ପ୍ରିୟଦର୍ଶିନୀ ମିଶ୍ର, ସଞ୍ଜୟ କୁମାର ନାୟକ, ଚିନ୍ମୟ ଧଳ ଆଦି ସଦସ୍ୟବୃନ୍ଦ ମାନେ ଅଂଶଗ୍ରହଣ କରିଥିଲେ।

# ଜିଲ୍ଲା ଶିକ୍ଷା ବିଭାଗ ଆଇନରୁ ଉର୍ଦ୍ଧ୍ୱରେ କାମ କରୁଛି

କେନ୍ଦ୍ରାପଡ଼ା,୧୫।୯:(ମନ୍ଥନ)କେନ୍ଦ୍ରାପଡ଼ା ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ତଥା ବିତ୍ତାଧିକାରୀ ଶ୍ରୀମତୀ ସ୍ୱାଗତିକା ସ୍ୱାଇଁ ଚଳିତ ଶିକ୍ଷାବର୍ଷରେ ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗର ନିୟମାନୁଯାୟୀ ଆୟକର ଫର୍ମ ୧୬ନମ୍ବରକୁ ଗ୍ରହଣ କରିବା ପାଇଁ ଜୁନ ମାସରୁ ସେପ୍ଟେମ୍ବର ମାସ ମଧ୍ୟରେ ଜିଲ୍ଲାର କୋଣସି ଗୋଟିଏ ହେଲେ ହାଇସ୍କୁଲର ପ୍ରଧାନ ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ନିକଟକୁ ପଠାଇନାହାଁନ୍ତି। କିନ୍ତୁ ଚଳିତ ସେପ୍ଟେମ୍ବର ମାସର ନିୟମିତ ଦରମା ପ୍ରଦାନ କରିବା ବେଳେ ତାଙ୍କ ଅଧୀନରେ ଥିବା ସମସ୍ତ ପ୍ରକାରର ହାଇସ୍କୁଲର ପ୍ରଧାନ ଶିକ୍ଷକଙ୍କ ନିକଟକୁ ପତ୍ର ସଂଖ୍ୟା –୮୯୮୦/ଗ ତା ୧୩/୯/୨୦୨୫ ରିଖରେ ସେପ୍ଟେମ୍ବର ମାସର ନିୟମିତ ଦରମା ବିଲ୍‌ଫର୍ମ ସହିତ ଆୟକର ବିଭାଗର ୧୬ନମ୍ବର ଫର୍ମର ଅବିକଳ ନକଲ ସଂଲଗ୍ନ କରି ପଠାଇବାକୁ ଏକ ପତ୍ର ଲେଖିଛନ୍ତି। କିନ୍ତୁ କେନ୍ଦ୍ରାପଡ଼ା ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ବିଗତ ବର୍ଷଗୁଡିକରେ କୋଣସି ତତ୍କାଳିନ ବିତ୍ତାଧିକାରୀ ଏଭଳି କୌଣସି ପତ୍ର ଲେଖିନାହାନ୍ତି। କାରଣ ଶିକ୍ଷା ବିଭାଗ ସଚିବ ବା ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଏଭଳି କୌଣସି ଆଦେଶନାମା ଜାରି କରି ନାହାନ୍ତି। ତେଣୁ ପୂର୍ବତନ ଅଧିକାରୀମାନେ ଏଭଳି ବେନିୟମ ପତ୍ର କରନ୍ତି ନାହିଁ। କିନ୍ତୁ ଚଳିତ ଶିକ୍ଷାବର୍ଷରେ ନୂତନ ଭାବେ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଯୋଗ ଦେଇଥିବା ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ତଥା ବିତ୍ତାଧିକାରୀ ଶ୍ରୀମତୀ ସ୍ୱାଇଁ ଶିକ୍ଷା ବିଭାଗର ନିୟମକୁ ଉଲ୍ଲଂଘନ କରି ଏଭଳି ପତ୍ର କାହା ବ୍ୟକ୍ତିଗତ ସ୍ୱାର୍ଥ ରକ୍ଷା ପାଇଁ କରିଛନ୍ତି ତାହା ସନ୍ଦେହ ସୃଷ୍ଟି କରିଛି। ଏହି ପତ୍ରଟି ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଘୁରି ବୁଲୁଥିବା ଦେଖିବାକୁ ମିଳିଛି। ଜିଲ୍ଲାର ବୁଦ୍ଧିଜୀବୀ ଓ ଶିକ୍ଷାବୀତମାନେ ଉକ୍ତ ପତ୍ର ଦେଖିବା ପରେ ସେମାନଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟିହୋଇଛି। ଓଡ଼ିଶା ସରକାରଙ୍କ ଶିକ୍ଷା ବିଭାଗର ଆଦେଶନାମା ଅନୁଯାୟୀ ବର୍ତ୍ତମାନର ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ଅଧିକାରୀ କାର୍ଯ୍ୟ କରୁନାହାଁନ୍ତି। ସେମାନେ ଉପରିସ୍ଥ ଶିକ୍ଷା ବିଭାଗର ସଚିବ/ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ଠାରୁ ଉର୍ଦ୍ଧ୍ୱରେ ବୋଲି ଭାବୁଛନ୍ତ

# କଳିଙ୍ଗ ଭାରତୀ ଚିର ସବୁଜ ଗୀତ ସଂଗୀତ ସନ୍ଧ୍ୟା ଉଦଘାଟିତ

ଯାଜପୁର,୧୫।୯:(ମନ୍ଥନ) ଯାଜପୁର ଟାଉନ ସ୍ଥିତ ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ କଳିଙ୍ଗ ଭାରତୀ ଫୋକ ଡ୍ୟାନ୍ସ ଏଣ୍ଡ ମ୍ୟୁଜିକ ରିସର୍ଚ୍ଚ ସେଂଟର ପକ୍ଷରୁ ଆୟୋଜିତ ଚିର ସବୁଜ ସଂଗୀତ ସନ୍ଧ୍ୟା କାର୍ଯ୍ୟକ୍ରମ ସେପ୍ଟେମ୍ବର ୧୩ ଓ ୧୪ଦୁଇଦିନ ଧରି ହେବାକୁ ଥିବା ସଂଗୀତ ଭିତିକ କାର୍ଯ୍ୟକ୍ରମ ଉଦଘାଟନ ହୋଇଅଛି. ଉକ୍ତ କାର୍ଯ୍ୟକ୍ରମ ରେ ଅନୁଷ୍ଠାନ ର ସଭାପତି ତଥା ସାମ୍ବାଦିକ ହରିହର ସ୍ୱାଇଁ ଙ୍କ ସଭାପତିତ୍ୱ ରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଆୟୁକ୍ତ ଭୁଲେଖ ବନ୍ଦୋବସ୍ତ ଅକ୍ଷୟ କୁମାର ମଲ୍ଲିକ, ମୁଖ୍ୟ ବକ୍ତା ଭାବେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ପଣ୍ଡିତ ଭୂପତି ଭୂଷଣ ମିଶ୍ର, ବିଶିଷ୍ଟ ଅତିଥି ଭାବେ ଯାଜପୁର ଜିଲ୍ଲା ଶିକ୍ଷାଧିକାରୀ ମହେଶ୍ୱର ସାହୁ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ବଟକୃଷ୍ଣ ସ୍ୱାଇଁ



ଓ ଅନୁଷ୍ଠାନର ଉପଦେଷ୍ଟା ଡ଼କ୍ଟର ସୁବାଷ ଚନ୍ଦ୍ର ପାଣି ପ୍ରମୁଖଙ୍କୁ ଅନୁଷ୍ଠାନର ସମ୍ପାଦକ ଡ଼କ୍ଟର କୈଳାଶ ଚନ୍ଦ୍ର ବେହେରା ବିବରଣୀ ପାଠ ଓ ଅନୁଷ୍ଠାନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଛନ୍ତି. ଅତିଥି ମାନେ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା ବିରଜା ଙ୍କ ଫଟୋ ଚିତ୍ର ରେ ପୁଷ୍ପ ମାଲ୍ୟ ଓ ପ୍ରଦୀପ ପ୍ରଜ୍ୱଳନ କରି ଶୁଭ ଉଦଘାଟନ କରିଛନ୍ତି.ମୁଖ୍ୟ ଅତିଥି ଶ୍ରୀ ମଲ୍ଲିକ ବକ୍ତବ୍ୟ ରେ କହିଥଲେ ଯାଜପୁର ହେଉଛି କଳା, ସାହିତ୍ୟ, ସଂସ୍କୃତି ର ମାଟି. ସଂଗୀତ ସାଧନା ବଳରେ ଯାଜପୁରର କଳାକାର ମାନେ ଓଡିଶା ର ବିଭିନ୍ନ ପ୍ରାନ୍ତରେ ଉତ୍କୃଷ୍ଟ କଳା ପ୍ରଦର୍ଶନ ସହ ଓଡିଶା ବାହାରେ ମଧ୍ୟ ଯାଜପୁର ତଥା ମା ବିରଜା ଏତିହ୍ୟ ସମ୍ପର୍କ ରେ ପ୍ରଚାର ପ୍ରସାର କ୍ଷେତ୍ରରେ ଅଗ୍ରଣୀ ଭୂମିକା କଳିଙ୍ଗ ଭାରତୀ ଅନୁଷ୍ଠାନ କରିଥିବା ରୁ ଭୁୟସୀ ପ୍ରଶଂସା କରିଛନ୍ତି. ଆଜି ର ଚିର ସବୁଜ ଗୀତ ସଂଗୀତ କାର୍ଯ୍ୟକ୍ରମ ରେ ରାଜ୍ୟ ର ପ୍ରତିଷ୍ଠିତ ଗାୟକ, ଗାୟିକା ମାନେ ସୁନ୍ଦର ଗୀତ ଦର୍ଶକ ଙ୍କୁ ମନମୁଗ୍ଧ କରିଅଛି. ମୁଖ୍ୟବକ୍ତା ଭାବେ ବିରଜା ରତ୍ନ ପଣ୍ଡିତ ଭୂପତି ଭୂଷଣ ମିଶ୍ର ଯୋଗଦେଇ ପୁରୁଣା ନୂଆ ସଂଗୀତ ଲୋକଙ୍କ ମନକୁ ପ୍ରଫୁଲିତ କରିବା ସହିତ ଯାଜପୁର ର ଅଗଣିତ ଦର୍ଶକଙ୍କୁ ଏକତ୍ରିତ କରି ସଂଗୀତ କାର୍ଯ୍ୟକ୍ରମ କଳିଙ୍ଗ ଭାରତୀ ପକ୍ଷରୁ ଆୟୋଜିତ କରୁଥିବା ରୁ ଅନୁଷ୍ଠାନ ର ସମସ୍ତ କାର୍ଯ୍ୟକର୍ତା ଙ୍କୁ ଧନ୍ୟବାଦ ଓ ଶୁଭେଚ୍ଛା ଜଣାଇଛନ୍ତି. ଅନ୍ୟତମ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିବା ଯାଜପୁର ଜିଲ୍ଲା ଶିକ୍ଷାଧିକାରୀ ମହେଶ୍ୱର ସାହୁ ଅନୁଷ୍ଠାନ ର ଉତରତର କାମନା କାମନା କରିବା ସହିତ ଏଭଳି ଏକ ନିଆରା କାର୍ଯ୍ୟକ୍ରମ କୁ ଭୂଇଁସୀ ପ୍ରଶଂସା କରିଛନ୍ତି. ଏହି କାର୍ଯ୍ୟକ୍ରମ ରେ ଡ଼କ୍ଟର ସୁବାଷ ପାଣି, ଡ଼କ୍ଟର କୈଳାଶ ଚନ୍ଦ୍ର ବେହେରା, ମିସ ମିନାକ୍ଷୀ, ସୀମାରାଣୀ, ମୋନାଲିସା, ଅର୍ଚ୍ଚିତା ପ୍ରମୁଖ ସଂଗୀତ ପରିବେଷଣ ରେ ଦର୍ଶକ ଝୁମି ଥିଲେ. ଏହି କାର୍ଯ୍ୟକ୍ରମ ରେ ଯାଜପୁର ସେନା ସଂଘ ର ସଭାପତି ରବି ନାରାୟଣ ସାହୁ, ଯାଜପୁର ଜିଲ୍ଲା ଶିକ୍ଷାଧିକାରୀ ମହେଶ୍ୱର ସାହୁ ଙ୍କୁ ମାନପତ୍ର ଉତରୀୟ ଓ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଛି. ସାମ୍ବାଦିକା ମନୀଷା ରାଉତ ମାନପତ୍ର ପାଠ କରିଛନ୍ତି. ଶେଷ ରେ ଅନୁଷ୍ଠାନ ର କାର୍ଯ୍ୟକର୍ତା ସ୍ତୁତି କର ଧନ୍ୟବାଦ ଦେଇଛନ୍ତି

# ଜିଲ୍ଲା ସ୍ତରୀୟ ରାଷ୍ଟ୍ରୀୟ ହିନ୍ଦୀ ଦିବସ ପାଳନ

କେନ୍ଦ୍ରାପଡ଼ା,୧୫।୯:(ମନ୍ଥନ)ବିନା ରାଷ୍ଟ୍ରଭାଷାରେ ରାଷ୍ଟ୍ର ମୂକ ଅଟେ। ରାଷ୍ଟ୍ରର ସ୍ପନ୍ଦନ, ରାଷ୍ଟ୍ରର ଆତ୍ମାର ଅଭିବ୍ୟକ୍ତି ତା’ର ରାଷ୍ଟ୍ରଭାଷାରେ ନିହିତ ଥାଏ। ୧୯୪୯ମସିହାରୁ ସାମ୍ବିଧାନିକ ମର୍ଯ୍ୟାଦା ପାଇ ସାରିଥିଲେ ମଧ୍ୟ ଦେଶର ସବୁଠାରୁ ଅଧିକ ସଂଖ୍ୟକ ଜନସାଧାରଣ ହିନ୍ଦୀ ବୁଝିବା, କହିବା ଓ ଲେଖିବା ସତ୍ତ୍ୱେ ଆଜି ମଧ୍ୟ ରାଷ୍ଟ୍ରଭାଷାକୁ ଅନ୍ୟଭାଷା ସହ ସଙ୍ଘର୍ଷ କରିବାକୁ ପଡୁଛି। ହିନ୍ଦୀର ପ୍ରଚାରକ ଓ ପ୍ରସାରକ ଭାବରେ ଶ୍ରେଣୀଗୃହରେ ନିଜର ଅଧାପନା ଜାରି ରଖିଥିବା ଶିକ୍ଷକ, ଶିକ୍ଷିକା, ଅଧାପକ, ଅଧାପିକାମାନଙ୍କୁ ନିଜ ଶୈକ୍ଷିକ ମର୍ଯ୍ୟାଦା ପାଇଁ ଲଢିବାକୁ ପଡୁଛି। ରାଷ୍ଟ୍ରକୁ ଏକତା ସୁତ୍ରରେ ବାନ୍ଧି ରଖିବାକୁ ଏବଂ ବୌଦ୍ଧିକ ଅଭିବ୍ୟକ୍ତିକୁ ସମୃଦ୍ଧ କରିବାକୁ ହିନ୍ଦୀକୁ ଉପଯୁକ୍ତ ମର୍ଯ୍ୟାଦା ଦେବା ଦେଶ ଓ ପ୍ରଶାସନର ଦାୟୀତ୍ୱ। କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ରବିବାର ଜିଲ୍ଲା ହିନ୍ଦୀ ଶିକ୍ଷକ ସଙ୍ଘ ଏବଂ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ରାଷ୍ଟ୍ରୀୟ ହିନ୍ଦୀ ଦିବସ ପାଳନ ଅବସରରେ ଯୋଗଦେଇ ବକ୍ତାମାନେ ଏହି ମତ ବ୍ୟକ୍ତ କରିଛନ୍ତି। ଜିଲ୍ଲା ହିନ୍ଦୀ ଶିକ୍ଷକ ସଙ୍ଘର ସଭାପତି ଅକ୍ଷୟ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଭବ୍ୟ ଉତ୍ସବରେ ଜିଲ୍ଲା ଶିକ୍ଷାଧିକାରୀ ପବିତ୍ର ମୋହନ ବାରିକ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ହାଇଦ୍ରାବାଦସ୍ଥିତ କେନ୍ଦ୍ରୀୟ ହିନ୍ଦୀ ସଂସ୍ଥାନର ପ୍ରଫେସର ଚନ୍ଦ୍ର ପ୍ରତାପ ସିଂ, ସମ୍ମାନିତ ଅତିଥି ଭାବେ ଓଡିଶା ପ୍ରାଥମିକ ଶିକ୍ଷା ପ୍ରାଧିକରଣର ଉପନିର୍ଦ୍ଦେଶକ ତନ୍ମୟ କୁମାର ବେହେରା, କେନ୍ଦ୍ରାପଡା ମଣ୍ଡଳ ଶିକ୍ଷାଧିକାରୀ ନାରାୟଣ ପ୍ରସାଦ ମନ୍ତ୍ରୀ, ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧାପକ ଚିନ୍ମୟ କୁମାର ଦାସ, କେନ୍ଦ୍ରାପଡା ମହାବିଦ୍ୟାଳୟ ହିନ୍ଦୀ ବିଭାଗର ଅଧାପିକା ଡ. ପ୍ରିତିରେଖା ସ୍ୱାଇଁ, ପ୍ରାକ୍ତନ ଜିଲ୍ଲା ସମ୍ପାଦକ ଅଶୋକ କୁମାର ଦାଶ, ରାଜ୍ୟ ହିନ୍ଦୀ ଶିକ୍ଷକ ସଙ୍ଘର ସାଂଗଠନିକ ସମ୍ପାଦକ ବଙ୍କିମ ବିହାରୀ ମହାନ୍ତି ଓ କଥାକାର ପ୍ରଦୀପ ନାୟକ ପ୍ରମୁଖ ଯୋଗଦେଇ ହିନ୍ଦୀ ଭାଷାର ପ୍ରଚାର ପ୍ରସାରରେ ନିୟୋଜିତ ଥିବା ଛାତ୍ରଛାତ୍ରୀ, ଶିକ୍ଷକ ଓ ଶିକ୍ଷିକାଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହି ଅବସରରେ ବହୁ ବରିଷ୍ଠ ତଥା ଅବସରଗ୍ରହଣ କରିଥିବା ହିନ୍ଦୀ ଶିକ୍ଷକ ଓ ଶିକ୍ଷୟିତ୍ରୀ ଏବଂ ଚଳିତବର୍ଷ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରାପ୍ତ ହିନ୍ଦୀ ଶିକ୍ଷକ ମହେଶ୍ୱର ସାହୁ, ରାଜଲକ୍ଷ୍ମୀ ମହାରଣା ଓ ନିର୍ମଳ କୁମାର ସ୍ୱାଇଁଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହିତ ନବନିଯୁକ୍ତ ହିନ୍ଦୀ ଶିକ୍ଷକ,ଶିକ୍ଷୟିତ୍ରୀମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ ସହ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କ ସମେତ ଚଳିତ ବର୍ଷ ହିନ୍ଦୀରେ ଶତକଡା ୯୫ ପ୍ରତିଶତରୁ ଅଧିକ ମାର୍କ ରଖିଥିବା ୮୦ଜଣ ଛାତ୍ରଛାତ୍ରୀଙ୍କୁ ସହାୟତା ରାଶି ସହ ପୁରସ୍କୃତ କରାଯାଇଥିଲା। ପ୍ରାରମ୍ଭରେ ଶିକ୍ଷୟିତ୍ରୀ ନିର୍ମଳା ସାମଲ ଓ ମାଧୁରୀ ଭଦ୍ର ପ୍ରମୁଖ ସ୍ୱାଗତ ସଂଗୀତ ଗାନ କରିଥିବା ବେଳେ ମହାବିଦ୍ୟାଳୟ ହିନ୍ଦୀ ବିଭାଗର ଛାତ୍ରଛାତ୍ରୀମାନେ ସୁଲଳିତ ସଂଗୀତ ଗାନ ସହ ନୃତ୍ୟ ପରିବେଷଣ କରି ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ। ଶିକ୍ଷୟିତ୍ରୀ ଗୀତାଞ୍ଜଳି ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଙ୍ଘର ଜିଲ୍ଲା ସମ୍ପାଦକ ମହେଶ୍ୱର ସାହୁ ସଂପାଦକୀୟ ବିବରଣୀ ପାଠ କରିଥିଲେ। ଶିକ୍ଷୟିତ୍ରୀ ନିର୍ଝରିଣୀ ପଣ୍ଡା ଓ ଅନ୍ନପୂର୍ଣ୍ଣା ଚୂଳି ଉତ୍ସବକୁ ସଚାଳନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲା ସଙ୍ଘର ବରିଷ୍ଠ ସଦସ୍ୟ ମହେନ୍ଦ୍ର ମଲ୍ଲିକ, ଗଜେନ୍ଦ୍ର ପ୍ରସାଦ ସେଠୀ, ସପନ ବେହେରା, ଅଭୟ କୁମାର ସ୍ୱାଇଁ, ସିଦ୍ଧାର୍ଥଶଙ୍କର ନାୟକ, ଲାଲବାବୁ ଖାଁ, ଧିରେନ୍ଦ୍ର,ରାହୁଲ, ଅନିତା ନାୟକ, ତପେଶ୍ୱରୀ ତ୍ରିପାଠୀ ଓ ହିନ୍ଦୀ ବିଭାଗର ସମସ୍ତ ଛାତ୍ରଛାତ୍ରୀମାନେ ସହଯୋଗ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ସବ୍‌ନମ୍ ଆରା ଧନ୍ୟବାଦ ଅର୍ପଣ କରିଥିଲେ।

# ବିରଜାଙ୍କ ପୀଠରେ ଆରମ୍ଭ ହୋଇଛି ଷୋଡଶ ଉପଚାର ପୂଜା

ଯାଜପୁର,୧୫।୯:(ମନ୍ଥନ) ଧରାପୃଷ୍ଠକୁ ଅବତରଣ କରିବେ ମା । ଏଥିପାଇଁ ପ୍ରତ୍ୟେକ ଶକ୍ତିପୀଠ ରେ ଦେଖାଦେଲାଣି ଚଳଚଂଚଳ ପରିବେଶ । ମାଙ୍କ ଆଗମନି ପାଇଁ ଚାଲିଛି ପ୍ରସ୍ତୁତି । ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା ବିରଜାଙ୍କ ପୀଠରେ ଆରମ୍ଭ ହୋଇଛି ଷୋଡଶ ଉପଚାର ପୂଜା । ଏହି ପୂଜା ଆଗାମୀ ୧୬ ଦିନ ଧରି ଲାଗି ରହିବ । ଆଶ୍ୱିନ ମାସ କୃଷ୍ଣାଷ୍ଟମୀ ଦ୍ୱିତୀବାହାନ ଓଷା ଠାରୁ ମାଙ୍କ ଷୋଡଶ ଦିବସୀୟ ପୂଜା ହେବାର ପରମ୍ପରା ରହିଛି । ମୁଖ୍ୟ ପୁରୋଧା ହିମାଂଶୁ ପତିମିଶ୍ରଙ୍କ ତତ୍ତ୍ୱାବଧାନରେ ସଂଧ୍ୟାରେ ବ୍ରହ୍ମାକୁଣ୍ଡରୁ ଜଳ ଅଣାଯାଇ ନବରତ୍ନ ବେଦୀରେ ଘଟ ସ୍ଥାପନ କରାଯାଇଥିଲା । ଏହା ପରେ ବୈତରଣୀ ନଦୀର ଦଶାଶ୍ୱମେଧ ଘାଟରୁ ଜଳ ଅଣାଯାଇ ମାଙ୍କୁ ସ୍ନାନ କରାଯାଇ ନୂତନ ବସ୍ତ୍ର ପରିଧାନ କରାଯାଇଥିଲା ।



ଆଜି ଅନ୍ୟ ଦେବୀ ପୀଠ ଗୁଡ଼ିକରେ ସପ୍ତମାତୃକା ପୂଜା ପାଇଁ ୭ଟି କଳସ ବସୁଥିବା ବେଳେ ବିରଜାଙ୍କ ପିଥରେ ଅଷ୍ଟଶକ୍ତିଙ୍କ ପାଇଁ ୮ଟି କଳସ,ଗୋଟିଏ ଗଣପତି କଳସ ଏବଂ ଦେବୀଙ୍କ ପାଇଁ ଗୋଟିଏ କଳସ ସହ ମୋଟ ଦଶ ଗୋଟି କଳସ ସ୍ଥାପନର ଅନନ୍ୟ ପରମ୍ପରା ରହିଛି। ସେପଟେ ଶୁଭ ସୁନିଆଁ ଠାରୁ ଆରମ୍ଭ ହୋଇଥିବା ମାଙ୍କ ରଥ କାମ ଆଗେଇ ଚାଲିଛି। ମାଙ୍କ ପୀଠରେ ଶାରଦୀୟ ଦୁର୍ଗୋତ୍ସବରେ ରଥଯାତ୍ରା ପରମ୍ପରା ଅନ୍ୟ କୌଣସି ଶକ୍ତି ପୀଠରେ ଦେଖିବାକୁ ମିଳିନଥାଏ । ଏହି ଷୋଡଶ ଦିବସୀୟ ପୂଜାକୁ ଶାନ୍ତିଶୃଙ୍ଖଳାରେ ଶେଷ କରିବାକୁ ମନ୍ଦୀର ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି ।



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

## ସମ୍ପାଦକୀୟ

# ଅସ୍ତ୍ରଶସ୍ତ୍ର ପ୍ରତିଯୋଗତାର ଚେତାବନୀ

ଦୁର୍ଭାଗ୍ୟଜନକ ଯେ, ଏହା ହେଉଛି ଯୁଦ୍ଧର ଯୁଗ। ଏବେ ୟୁକ୍ରେନ-ରୁଷ ଯୁଦ୍ଧ ୩ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଲାଗି ରହିଥିବାବେଳେ ଇସ୍ରାଏଲ-ହମାସ ଯୁଦ୍ଧ ଦୁଇ ବର୍ଷରୁ ଅଧିକ ସମୟ ଲାଗିଲାଣି। ୟୁକ୍ରେନରେ ରୁଷ ଓ ଗାଜାରେ ଇସ୍ରାଏଲ ଗଣସଂହାର ଚଳାଇଛି। ଆକ୍ରମଣରୁ ବିଦ୍ୟାଳୟ, ଡାକ୍ତରଖାନା, ଶରଣାର୍ଥୀ ଶିବିର, ରିଲିଫ ଶିବିର ବାଦ ପଡୁନାହିଁ। କେବଳ ଏହି ଦୁଇ ଦେଶ ନୁହେଁ, ବିଶ୍ୱର ବହୁ ସ୍ଥାନ ଏବେ ଉତ୍ତେଜନାର କ୍ଷେତ୍ରରେ ପରିଣତ ହୋଇଛି। ଇସ୍ରାଏଲ ଯୋଗୁଁ ସମଗ୍ର ଦକ୍ଷୀଣ-ପୂର୍ବ ଏସିଆ ଅଶାନ୍ତ ହୋଇପଡିଛି। ରାଷ୍ଟ୍ର-ରାଷ୍ଟ୍ର, ଗୋଷ୍ଠୀ-ଗୋଷ୍ଠୀ ମଧ୍ୟରେ ବିବାଦ ଏବେ ମୃତ୍ୟୁ ଓ ଧ୍ୱଂସର କାରଣ ପାଲଟିଛି। ଯାହାକି ମାନବ ସମାଜ ପାଇଁ କେବଳ ଦୁଃଖଦ ନୁହେଁ, ବିପର୍ଯ୍ୟୟର କାରଣ ପାଲଟିଛି। ନିକଟରେ ଜାତିସଂଘ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି ଯେ, ଯୁଦ୍ଧ କେବଳ ରକ୍ତପାତ, ଧ୍ୱଂସର କାରଣ ଭାବେ ଉଭା ହୋଇନାହିଁ, ଏହା ବିଶ୍ୱରେ ଅସ୍ତ୍ରଶସ୍ତ୍ର ପ୍ରତିଯୋଗିତାକୁ ତ୍ୱରାନ୍ୱିତ କରିଛି। ରାଷ୍ଟ୍ରମାନେ ଏବେ ଅସ୍ତ୍ରଶସ୍ତ୍ରରେ ବିପୁଳ ଅର୍ଥ ବ୍ୟୟ କରିବାରେ ଲାଗିଛନ୍ତି। ପ୍ରତିରକ୍ଷା ବ୍ୟୟ ତଥା ଅସ୍ତ୍ରଶସ୍ତ୍ର କ୍ରୟ ଦ୍ରୁତ ବେଗରେ ବଢିଚାଲିଛି। ଧନୀ ହେଉ ଅବା ଗରିବ ରାଷ୍ଟ୍ର ହେଉ ଉଭୟଙ୍କର ପ୍ରତିରକ୍ଷା ବ୍ୟୟ ଜନ ହିତକର ଯୋଜନା ଏବଂ ଉନ୍ନୟନ କାର୍ଯ୍ୟର ବ୍ୟୟ ଅଟକଳକୁ ଟପିଗଲାଣି। ଏଥିଲାଗି ଗରିବ ରାଷ୍ଟ୍ରଗୁଡିକର ଋଣ ଭାର କେବଳ ବୃଦ୍ଧି ପାଇନାହିଁ, ଆର୍ଥୀକ ପରିସ୍ଥିତି ଉପରେ ଭୟଙ୍କର ଚାପ ମଧ୍ୟ ପକାଉଛି। ରିପୋର୍ଟରେ କୁହାଯାଇଛି ଯେ, ୨୦୨୪ରେ ସମଗ୍ର ବିଶ୍ୱରେ ମୋଟ ସାମରିକ ବ୍ୟୟ ୨.୭ ଟ୍ରିଲିଅନ ଡଲାର ଥିବା ଆକଳନ କରାଯାଇଛି। ୧୦୦ରୁ ଊର୍ଦ୍ଧ୍ୱ ରାଷ୍ଟ୍ର ଗଲା ବର୍ଷ ସେମାନଙ୍କର ପ୍ରତିରକ୍ଷା ବ୍ୟୟ ଅଟକଳ ବୃଦ୍ଧି କରିଥିଲେ। ଯୁକ୍ତରାଷ୍ଟ୍ର ଆମେରିକାର ୨୦୨୪ରେ ପ୍ରତିରକ୍ଷା ବଜେଟରେ ବ୍ୟୟ ଅଟକଳ ୯୯୭ ବିଲିଅନ ଡଲାର ଥିବାବେଳେ ବିଶ୍ୱରେ ପ୍ରତିରକ୍ଷା ସର୍ବାଧିକ ଅର୍ଥ ବିନିଯୋଗ କରିଥିବା ୫ଟି ରାଷ୍ଟ୍ର ମଧ୍ୟରେ ଭାରତ ଓ ଚୀନ ଥିବା କୁହାଯାଇଛି। ଏପରିକି ଗୁରୁତର ଆର୍ଥୀକ ସଂକଟ ଦେଇ ଗତି କରୁଥିବା ବିଶ୍ୱର ବହୁ ରାଷ୍ଟ୍ର ସେମାନଙ୍କର ସାମରିକ ବ୍ୟୟ ବୃଦ୍ଧି କରିଥିବା ଜଣାଯାଏ। କେତେକ ଆଫ୍ରିକୀୟ ରାଷ୍ଟ୍ର ଗୁରୁତର ଆର୍ଥୀକ ସଂକଟର ସମ୍ମୁଖୀନ ବେଳେ ଏବଂ ସେଠାରେ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଠପ୍ ହୋଇଯାଇଥିବା ସତ୍ତ୍ୱେ ଗଲା ବର୍ଷ ସେମାନଙ୍କ ପ୍ରତିରକ୍ଷା ବ୍ୟୟ ପୂର୍ବବର୍ଷ ତୁଳନାରେ ୩ପ୍ରତିଶତ ବୃଦ୍ଧି କରିଥିବା ରିପୋର୍ଟରେ ପ୍ରକାଶ ପାଇଛି। ଏହା ନିସନ୍ଦେହ ଯେ, ପ୍ରତିରକ୍ଷା କ୍ଷେତ୍ରରେ ଅଧିକ ଅର୍ଥ ବିନିଯୋଗ ଯୋଗୁଁ ବିଶ୍ୱ କେତେକ ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟ ହାସଲଠାରୁ ପଛରେ ପଡିଯାଇଛି। ଉନ୍ନୟନ ଏବଂ ଜନହିତକର ଯୋଜନାରୁ ଅର୍ଥକୁ ସାମରିକ ବ୍ୟୟ ତଥା ଅସ୍ତ୍ରଶସ୍ତ୍ର କ୍ରୟରେ ବିନିଯୋଗ କରିବା ଏବେ ବିଶ୍ୱର ପ୍ରାୟ ସମସ୍ତ ରାଷ୍ଟ୍ରଙ୍କର ଲକ୍ଷ୍ୟ, ନୀତିରେ ପରିଣତ ହୋଇଛି ବୋଲି କହିଲେ ହୁଏତ ଅତିରଂଜିତ ହେବ ନାହିଁ। ତେଣୁ ଜନହିତକର ଯୋଜନା ତଥା ଦାରିଦ୍ର୍ୟ ଦୂରିକରଣ, ଅପପୁଷ୍ଟି ନିରାକରଣ, କ୍ଷୁଧା ନିରାକରଣ ଆଦି ଲକ୍ଷ୍ୟ ଠାରୁ ରାଷ୍ଟ୍ରଗୁଡିକ ଦୂରେଇ ଯାଇଛନ୍ତି। ଉଦାହରଣ ସ୍ୱରୂପ ବିଶ୍ୱରେ ସାମରିକ କ୍ଷେତ୍ରରେ ବିଶେଷ କରି ଅସ୍ତ୍ରଶସ୍ତ୍ର ଓ ଗୁଳିଗୋଳା କିଣାଯାଉଥିବା ମୋଟ ଅର୍ଥର କେବଳ ୧୦ଭାଗ ବିଶ୍ୱରୁ ୫ବର୍ଷ ମଧ୍ୟରେ ଦାରିଦ୍ର୍ୟ ଦୂରିକରଣ କରିପାରିବ। ସେହିପରି ୩ପ୍ରତିଶତ ଅର୍ଥ ୫ବର୍ଷ ମଧ୍ୟରେ କ୍ଷୁଧା ଦୂର କରିବାରେ ସମର୍ଥ ହେବ। ଆହୁରି ମଧ୍ୟ ସାମରିକ ବ୍ୟୟର ୫ପ୍ରତିଶତ ଅର୍ଥରେ ୫ବର୍ଷ ମଧ୍ୟରେ ସମଗ୍ର ବିଶ୍ୱକୁ ଅପପୁଷ୍ଟି ମୁକ୍ତ କରାଯାଇପାରିବ ବୋଲି ଜାତିସଂଘ କହିଛି। ଅନ୍ୟପକ୍ଷରେ ଅସ୍ତ୍ରଶସ୍ତ୍ର, ଗୁଳିଗୋଳା କିଣିବାରେ ଦେଶଗୁଡିକର ଅତ୍ୟଧିକ ଆସକ୍ତି ଯୋଗୁଁ ଭବିଷ୍ୟତରେ ବିଶ୍ୱକୁ ପାନୀୟଜଳ, ପରିମଳ, ଶିକ୍ଷା, ଲିଙ୍ଗଗତ ଅସମାନତା ଏବଂ ଜଳବାୟୁ ପରିବର୍ତ୍ତନର ଭୟାବହ ପରିଣାମ ବିଶ୍ୱକୁ ଭୋଗିବାକୁ ପଡିବ ବୋଲି ରିପୋର୍ଟରେ କଡା ଚେତାବନୀ ଦିଆଯାଇଛି। ବିଶ୍ୱରେ ଅସ୍ତ୍ରଶସ୍ତ୍ର ପ୍ରତିଯୋଗିତାରୁ ସାଂପ୍ରତିକ ସମୟରେ ଦେଶ-ଦେଶ ମଧ୍ୟରେ ଶତ୍ରୁତା, ଆକ୍ରମଣ ଏବଂ ସମ୍ପର୍କରେ ବିଭ୍ରାଟର ସଂକେତ ପ୍ରଦାନ କରେ। ଯୁଦ୍ଧ ବିଭିଷିକା କେବଳ ମୃତ୍ୟୁ ଓ ଧ୍ୱଂସର ତାଣ୍ଡବ ସୃଷ୍ଟି କରିବନାହିଁ, ଗଣତନ୍ତ୍ରକୁ ଦୁର୍ବଳ, ସ୍ୱେଚ୍ଛାଚାରୀ ଶାସକଙ୍କ ଆବିର୍ଭାବ, ରାଷ୍ଟ୍ର-ରାଷ୍ଟ୍ର ମଧ୍ୟରେ ଆସ୍ଥା-ବିଶ୍ୱାସ ହ୍ରାସ, ଅସମାନତା ବୃଦ୍ଧି ଏବଂ ମୂଲ୍ୟବୋଧର ବିନାଶର କାରଣ ହେବ। ସେହିପରି ବଂଚିବା ପାଇଁ ମୌଳିକ ଶିକ୍ଷା, ନୀତି ତଥା ମାନବିକ ମୂଲ୍ୟବୋଧର ଅବକ୍ଷୟ ଘଟାଇବ। ଅର୍ଥନୈତିକ-ସାମାଜିକ ଆବଶ୍ୟକତାଠାରୁ ରାଷ୍ଟ୍ର ଦୂରେଇ ଯିବ। ଲୋକଙ୍କ କଲ୍ୟାଣ, ବିକାଶ ପାଇଁ ବିଶ୍ୱ ଅସ୍ତ୍ରଶସ୍ତ୍ର ନୁହେଁ ଜନହିତକର କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। ଅନ୍ୟଥା ମୃତ୍ୟୁ ଓ ଧ୍ୱଂସ ହିଂସାର ସାର ହେବ।

# 'ଦିନକୁ ଖାଉଛି ଷାଠିଏ ପଉଟି ବୁଦ୍ଧି ହେଲା ତାର ବାମ, ଜଗତେ ବୋଲନ୍ତି ବଡ଼ଖିଆ ବୋଲି ବଡ଼ଖିଆ ତାର ନାମ'।

ପୁଷ୍ପମିତ୍ର ମହାପାତ୍ର

ବ୍ରହ୍ମ ଶବ୍ଦ ଏକ ବ୍ୟାପକ ଶବ୍ଦ ଅଟେ। ଯାହାର ରୂପ-ବର୍ଣ୍ଣ-ଦୀର୍ଘତା ମାପିବା ଏକ ଧୃଷ୍ଟତା ମାତ୍ର। ବ୍ରହ୍ମ ଶବ୍ଦ ଯୋଗରୁ ସ୍ୱୟଂବ୍ରହ୍ମ, ପରଂବ୍ରହ୍ମ, ଦାରୁବ୍ରହ୍ମ, ଶବ୍ଦବ୍ରହ୍ମ, ଶୂନ୍ୟ ବ୍ରହ୍ମ, ଅନ୍ନ ବ୍ରହ୍ମ ଅକ୍ଷର ବ୍ରହ୍ମ ଏବଂ ଅଲେଖ ବ୍ରହ୍ମ ଇତ୍ୟାଦି ପରିବ୍ୟାପକ ଶବ୍ଦ ସୃଷ୍ଟି କରାଯାଇଅଛି। ସ୍ୱୟଂବ୍ରହ୍ମ ଶବ୍ଦ ନିଜର ଆତ୍ମା ସଂପର୍କରେ ବର୍ଣ୍ଣନା କରାଯାଇଅଛି। ପରଂବ୍ରହ୍ମ ଶବ୍ଦ ପରମେଶ୍ୱରଙ୍କ ଚିନ୍ତା ଚୈତନ୍ୟତା ଭାବଧାରାର ସମ୍ବଳିତ ଅଟେ। ଉକ୍ତ ଶବ୍ଦ ମଧ୍ୟରେ ଭରି ରହିଛି ମାଧୁର୍ଯ୍ୟତା ଓ ଭକ୍ତିମିଶ୍ରିତ ରସର ଆସ୍ୱାଦନତା। ପ୍ରଭୁ ଭକ୍ତିର ମଧୁରତା। ରୋଗୀ, ଭୋଗୀ, ବୈରାଗୀ ଯିଏ ହେଉନା କାହିଁକି ଯେ, ଯେପରି ଭାବରେ ସାନ୍ନିଧ କାମନା କରୁଛି ଦୟାର ସାଗର ଦାରୁବ୍ରହ୍ମ ମୂରତି ଅଚିରେ ତାହା ପୂରଣ କରିଥାନ୍ତି।

'ସର୍ବେଷାଂ ସର୍ବକ୍ଷେତ୍ରାଣାଂ ରାଜା ଶ୍ରୀପୁରୁଷୋତ୍ତମଃ। ସର୍ବେଷାଂ ସର୍ବଦେବାନାଂ ରାଜା ଶ୍ରୀପୁରୁଷୋତ୍ତମଃ।।' ପୃଥିବୀର ସମସ୍ତ କ୍ଷେତ୍ର ଓ ତୀର୍ଥମାନଙ୍କର ରାଜା ଶ୍ରୀ ପୁରୁଷୋତ୍ତମ କ୍ଷେତ୍ର ହେଲା ବେଳେ ସମସ୍ତ ଦେବତାଙ୍କ ରାଜା ଦାରୁବ୍ରହ୍ମ ପୁରୁଷୋତ୍ତମ ଶ୍ରୀଜଗନ୍ନାଥ ଅଟନ୍ତି। କଳିଯୁଗର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ଯେଉଁ ଧାମରେ ବିରାଜମାନ କରନ୍ତି ତାହା ଭୋଗର କ୍ଷେତ୍ର ଅଟେ। ଭୋଗ ଏକ ବହ୍ୱର୍ଥକ ଶବ୍ଦ ଯାହାର ଅର୍ଥ - ନୈବେଦ୍ୟ, ଆହାର, ମଣୋହି, ଭକ୍ଷଣ, ଫଳ, ଅର୍ଥ, ଦୁଃଖସୁଖାଦିର ଅନୁଭବ, ବିଳାସ, ସ୍ତ୍ରୀ ସମ୍ଭୋଗ, ପ୍ରାରବ୍ଧ, ସର୍ପର ଫଣା, ପାପ ଓ ପୁଣ୍ୟର ଫଳ ଯାହା ସହନ କରାଯାଏ, ଆୟୁ, ଘର, ପୁର, ଧନ, ଅଧିକାର, ମାନ, ପରିମାଣ ଆଦି। ଏଠାରେ ଭୋଗର ନୈବେଦ୍ୟ, ମଣୋହି, ଆହାର, ଭକ୍ଷଣ ଆଦି ଅର୍ଥର ପ୍ରାସଙ୍ଗିକତା ରହିଛି। ପ୍ରଭୁ ନିଜେ ତ ଭୋଜନପ୍ରିୟ। ସେଥିପାଇଁ ଲୌକିକ ଭାଷାରେ ତାଙ୍କୁ 'ବଡ଼ଖିଆ' ବୋଲି କୁହାଯାଏ। 'ଲକ୍ଷ୍ମୀ ପୁରାଣ'ରେ ବଳରାମ ଦାସ ପ୍ରଭୁଙ୍କ ବଳଦେବଙ୍କ ମୁଖରେ ଏହାର ସୂଚନା ଦେଇଛନ୍ତି, 'ବଳରାମ କହୁଛନ୍ତି ଶୁଣ ଜଗନ୍ନାଥ, ବଡ଼ଖିଆ ବୋଲି ତୋତେ କହନ୍ତି ଜଗତ'। ସେହିପରି ଓଡ଼ିଶା ବିଖ୍ୟାତ ପାଲା ଗାୟକ ସ୍ୱର୍ଗତ ହରିନାଥଙ୍କ ଭାଷାରେ, 'ଦିନକୁ ଖାଉଛି ଷାଠିଏ ପଉଟି ବୁଦ୍ଧି ହେଲା ତାର ବାମ, ଜଗତେ ବୋଲନ୍ତି ବଡ଼ଖିଆ ବୋଲି ବଡ଼ଖିଆ ତାର ନାମ'। ଠାକୁର କେତେ ଭୋଜନପ୍ରିୟ ତାହା ତାଙ୍କର ନୀତିକାନ୍ତିରୁ ଜଣାପଡ଼େ। ସକାଳୁ ଗୋପାଳ ବଲ୍ଲଭ ଭୋଗରୁ ଆରମ୍ଭ କରି ରାତିରେ ବଡ଼ସିଂହାର ଭୋଗରେ ଶେଷ ହେବା ଯାଏଁ ଶ୍ରୀମନ୍ଦିରରେ ନିତି ଛଅଥର ଭୋଗ ଲାଗି ହୁଏ। ଭୋଗର ଆକାର ଷାଠିଏ ପଉଟି ଏବଂ ପ୍ରକାର ଛପନ। ତେଣୁ ତାକୁ 'ଛପନ ଭୋଗ' କୁହାଯାଏ। ଷଡ଼ରସ ବିଶିଷ୍ଟ ଏହି ୫୬ଟି ଭୋଗର ନାମ ଏହିପରି ଅଟକାଳି, ଅମାଲୁ, ଆରିସା, ଏଣ୍ଡୁରି, କଦମ୍ବ, କାକରା, କାନ୍ତି, ହଂସକେଳି, କୋରା, ଖଇରଚୂଳ, ଖଜା, କ୍ଷୀରି, କ୍ଷୀରିସା, ଖୁରୁମା, ଖେଚୁଡ଼ି, ଗଇଁଠା, ଗଜା, ପୋଟଳି, ଚକଟା, ଚକୁଳି, ଚିତଉ, ଛୁଆଁପତ୍ର, ଜଗନ୍ନାଥବଲ୍ଲଭ, ଜେନାମଣି, ଝଲି, ଡାକୁଆ, ଡାଳିମ୍ବ, ଛେନା ତାଡ଼ିଆ, ତ୍ରିପୁରି, ଧଉଳା, ନାଡି, ପଣାସୁଆ, ପଣା, ଅଦା, ପାଚେଡ଼ି, ସର ପାପୁଡ଼ି, ପାଲୁଅ କ୍ଷୀରି, ପଖାଳ, ପିଠା (ପୋଡ଼ପିଠା, ସାତପୁରି, କାନ୍ତି, ସୁଆର, ମହୁବିର), ପୁରି, ସରପୁଳି, ଫେଣି, ବରା, ବଳିବାମନ, ଭଜା, ଲଡୁ, ଖୁଆମଣ୍ଡା, ମନୋହରା, ମହାଦେଇ, ଛେନା ମାଣ୍ଡୁଅ, ମୋହନ ଭୋଗ, ରସାବଳି, ରାଧାବଲ୍ଲଭ, ଲହୁଣିଆ, ଲକ୍ଷ୍ମୀ ବିଳାସ, ସରସ୍ୱତିଆ ଓ ହଂସ ବଲ୍ଲଭ (ମୋଟ ୫୬)। ମାଦଳା ପାଞ୍ଜି ଅନୁସାରେ ଆଗେ ଠାକୁରଙ୍କୁ ୪୩୫ ପ୍ରକାରର ଭୋଗ ଲାଗି ହେଉଥିଲା ଯାହା କାଳକ୍ରମେ ୫୬ରେ ରହିଛି। ଏହି ଛପନଭୋଗ ଶ୍ରୀମନ୍ଦିରର ରୋଷଘରେ ଖୋଦ ମହାଲକ୍ଷ୍ମୀଙ୍କ ତତ୍ତ୍ୱାବଧାନରେ ସୁଆର ଓ ଛତିଶ ପ୍ରକାରର ସେବାୟତଙ୍କ (ଛତିଶା ନିଯୋଗ ବା ମହାଲକ୍ଷ୍ମୀ ନିଯୋଗ) ଦ୍ୱାରା ପ୍ରସ୍ତୁତ ହୁଏ। ପ୍ରତ୍ୟେକରେ ୯ଟି ଲେଖାଏଁ ଝିଙ୍କା ଥିବା ୨୪୦ଟି ଚୁଲିରେ ମାଟିହାଣ୍ଡି ଓ କାଠଜାଳରେ ମା'ଲକ୍ଷ୍ମୀଙ୍କ କୃପାରୁ ଖୁବ କମ ସମୟ ଭିତରେ ସମ୍ପୂର୍ଣ୍ଣ ପାକକ୍ରିୟା ସମ୍ପନ୍ନ ହୁଏ। 'ଜତ୍ରାନ୍ନ ପାଚିକା ଲକ୍ଷ୍ମୀ ସ୍ୱୟଂ ଭୋକ୍ତା ଜନାର୍ଦ୍ଦନଃ'। ସେ ରୋଷେଇର ମହିମା କ'ଣ ବର୍ଣ୍ଣନା କରିବା? ପ୍ରଭୁଙ୍କର ମଣୋହି ପାଇଁ ଉଦ୍ଦିଷ୍ଟ ରନ୍ଧନ ସାମଗ୍ରୀରେ ବିଲାତି ଆଳୁ, ବିଲାତି, ବାଇଗଣ, ଲାଉ, ସଜନା ଛୁଇଁ, ଅମୃତଭଣ୍ଡା, ଭେଣ୍ଡି, ଝୁଡୁଙ୍ଗ, ବିଟ, ଗାଜର, କାପ୍ସିକମ, ଲଙ୍କା ଓ ତିନି ପ୍ରକାର କୋବି ଆଦି ପରିବା ବ୍ୟବହାର ସମ୍ପୂର୍ଣ୍ଣ ନିଷିଦ୍ଧ। ପୌଷ ମାସର ପହିଲି ଭୋଗରେ ୨୩ ପ୍ରକାରର ସାମଗ୍ରୀ ଥାଏ। ପ୍ରଭୁଙ୍କ ନିତି ଦୁଇ ପ୍ରକାର ଭୋଗ ଅର୍ପଣ କରାଯାଏ, ଶଙ୍ଖୁଡ଼ି ଓ ଶୁଖିଲା। ଶଙ୍ଖୁଡ଼ି ଭୋଗରେ ଘିଅ ଅନ୍ନ, ସାଧା ଅନ୍ନ, କାନିକା, ଖେଚୁଡ଼ି, ମିଷ୍ଟାନ୍ନ, ରସାବଳି, ଡାଲି, ଡାଲମା, ବେସର, ମହୁର, ଶାଗ, ଆମ୍ବିଳ ଆଦି ନଅ ପ୍ରକାର ଅନ୍ନ, ଚାରି ପ୍ରକାର ପଖାଳ, ବାର ପ୍ରକାର ମିଠା ବ୍ୟଞ୍ଜନ, ନଅ ପ୍ରକାର ପିଠା ଓ ଦୁଗ୍ଧଜାତ ପଦାର୍ଥ, ଚଉଦ ପ୍ରକାର ତରକାରୀ ଓ ତିନି ପ୍ରକାର ଡାଲି ଅନ୍ତର୍ଭୁକ୍ତ ଥିଲାବେଳେ ଶୁଖିଲା ଭୋଗରେ ଖଜା, ଗଜା, ନାଡ଼ି, ବଡ଼ି, ମାଠପୁଳି, ଝିଲ୍ଲି, ଆରିସା, କାକରା, ମାଲପୁଆ ଆଦି ସାମିଲ ଥାଏ।

'ବ୍ରହ୍ମ ବୈବର୍ତ୍ତ' ପୁରାଣ ଅନୁସାରେ 'ଜଗନ୍ନାଥୋ ଯଥା ସାକ୍ଷାତ ଦର୍ଶନାମ୍ମୁକ୍ତିଦୋ ଧୃବଂ' ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କଲେ ଯେଉଁ ଫଳ ମିଳେ ମହାପ୍ରସାଦରୁ କଣିକାଏ ପାଇଲେ ସେହି ଫଳ ମିଳେ। ସେହିପରି 'ନୀଳାଦ୍ରୀ ମହୋଦୟ' ଅନୁଯାୟୀ ଯେ କୌଣସି ଲୋକ, ପିତୃ ପୁରୁଷ, ମୁନି ଋଷି ଯେ କେହି ମହାପ୍ରସାଦ ସେବନ କଲେ ମୁକ୍ତିପ୍ରାପ୍ତ ହୁଅନ୍ତି। 'କପିଳ ସଂହିତା'ରେ ବର୍ଣ୍ଣିତ ହୋଇଛି ଯେ କୋଟିଏ ଜନ୍ମର ପୁଣ୍ୟ ଥିଲେ ମହାପ୍ରସାଦ ସେବନର ସୌଭାଗ୍ୟ ମିଳେ। ଏପରିକି ଏକାଦଶୀ ଦିନ ଅନ୍ନଭୋଜନ ନିଷିଦ୍ଧ 'ଏକାଦଶ୍ୟାମ୍ ନ ଭୁଞ୍ଜୀତି ପକ୍ଷୟୋରୁଭୟୋରପି' ଥିଲେ ବି ଶ୍ରୀମନ୍ଦିରର ମହାପ୍ରସାଦ ସେବନ କଲେ ତାହା ଦୋଷାବହ ନୁହେଁ, କାରଣ ଶ୍ରୀମନ୍ଦିରର ପଶ୍ଚିମ ଦିଗରେ ଏକାଦଶୀ ଦେବୀ ପ୍ରତିଷ୍ଠିତ ଅଛନ୍ତି ଏବଂ ମନ୍ଦିରର ରୋଷଘରେ ପ୍ରସ୍ତୁତ ହେଉଥିବା ଅନ୍ନରେ ଅନ୍ନତ୍ୱ ଲୋପ ପାଇ ବ୍ରହ୍ମତ୍ୱ ଆରୋପିତ ହେଉଥିବାରୁ ତାହା ଅନ୍ନପ୍ରସାଦ ନୁହେଁ ଅନ୍ନ ବ୍ରହ୍ମ।

ଭାରତ ବର୍ଷରେ ଗଢ଼ି ଉଠିଥିବା ମନ୍ଦିର ମାନଙ୍କର ପୂଜାଉପାସନା ବିଧାନ ଠାରୁ ପୁରୀ ବଡ଼ଦେଉଳର ବିଧିବିଧାନ ଭିନ୍ନ ଓ ସ୍ୱତନ୍ତ୍ର। ଏପରିକି ମହାପ୍ରଭୁଙ୍କର ମହାସ୍ନାନ ନୀତିରେ କେବେ ଗଙ୍ଗାଜଳ ବ୍ୟବହାର ହୁଏ ନାହିଁ। ଦେବତାଙ୍କୁ ଅର୍ପିତ ଫୁଲମାଳରେ କେବେ ଗଣ୍ଠି ପଡ଼େ ନାହିଁ। ଭୋଗ ବା ନୈବେଦ୍ୟ ସମୟରେ କେବେ ଘଣ୍ଟଘଣ୍ଟି ବାଜେ ନାହିଁ। ବିଚିତ୍ର ଏ ଦେବତା - ବିଚିତ୍ର ତାଙ୍କର ନୀତି। ଶ୍ରେଷ୍ଠ ବା ଉତ୍ତମ ମଣିଷ ଭଳି ତାଙ୍କର ଚଳଣି। ଗର୍ବ-ଅହଂକାର କିଛି ନାହିଁ। ଭକ୍ତର ଭକ୍ତି ଓ ଶ୍ରଦ୍ଧାରେ ବନ୍ଧା ମହାପ୍ରଭୁ ଶ୍ରୀଜଗନ୍ନାଥ।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ସେକ୍ଟର-୬, ସିଡିଏ,
କଟକ, ଦୂରଭାଷ : ୯୪୩୭୨୨୫୬୮୯,

# ଜିଏସ୍‌ଟି ବ୍ୟବସ୍ଥା: ତୃଟି ସୁଧାରିଛନ୍ତି ସରକାର

ଗୋପାଳ ମହାପାତ୍ର

୨୦୧୭ ମସିହା ଜୁନମାସ ୩୦ ତାରିଖ ଏବଂ ୧ ଜୁଲାଇର ମଧ୍ୟରାତ୍ରରେ ସଂସଦ ଭବନକୁ ବିଜୁଳୀ ଆଲୁଅ ଏବଂ ଫୁଲରେ ସଜା ଯାଇଥିଲା। ଆଲୋକମାଳାରେ ସଜ୍ଜିତ ସଂସଦରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ରମୋଦୀ ଆର୍ଥୀକ ସ୍ୱାଧିନତାର ଘୋଷଣା କରିଥିଲେ, ତାହା ପୁଣି ମଧ୍ୟ ରାତ୍ରୀରେ। ଜତୀୟ ଗଣମାଧ୍ୟମ ମାନେ ଏହାକୁ ଭାରତ ପାଇଁ ଏକ ଐତିହାସିକ କ୍ଷଣ ବୋଲି କହିଥିଲେ। ମଧ୍ୟ ରାତ୍ରୀରେ ଘୋଷଣା କରିବାର ଉଦେଶ୍ୟ ସ୍ପଷ୍ଟ ଥିଲା ଯେ ପଣ୍ଡିତ ନେହେରୁ ମଧ୍ୟରାତ୍ରୀରେ ଦେଶର ସ୍ୱାଧିନତା ଘୋଷଣା କରିଥିଲେ, ଏଣୁ କୌଣସି ପ୍ରକାରେ ନେହେରୁଙ୍କ ସମକକ୍ଷ ହେବା ପାଇଁ ନରେନ୍ଦ୍ରମୋଦୀ ଜିଏସ୍‌ଟି ବାବଦରେ ଘୋଷଣା କରିଥିଲେ ଓ ଏହାକୁ ଆର୍ଥୀକ ସ୍ୱାଧିନତା ବୋଲି କହିଥିଲେ। ଜୁଲାଇ ୧ ତାରିଖ ୨୦୧୭ ଠାରୁ ଗୁଡସ୍ ଏଣ୍ଡ ସର୍ଭିସେସ ଟ୍ୟାକ୍ସ (ଜିଏସ୍‌ଟି) ଲାଗୁହେଲା ଏବଂ ଏଥିରେ ଭାଟ, ସେବା କର ଏବଂ ଏକସାଇଜଡ୍ୟୁଟିକୁ ମିଶାଇ ଦିଆଗଲା। କିନ୍ତୁ ଯେମିତି ବିମୁଦ୍ରାକରଣ ବିଫଳ ହେଲା ସେହିପରି ଜିଏସ୍‌ଟିରେ ଥିବା ତୃଟି ବିଚ୍ୟୁତି ମଧ୍ୟ ଜଣାପଡିଲା। କେବଳ ବ୍ୟବସାୟୀ ନୁହଁନ୍ତି ସାଧାରଣ ଲୋକଙ୍କ ପାଇଁ ଏହା ମାରକ ସାବ୍ୟସ୍ତ ହେଲା। ଗତ ଅଗଷ୍ଟ ୧୫ ତାରିଖରେ ପ୍ରଧାନମନ୍ତ୍ରୀ ଦେଶକୁ ସମ୍ବୋଧିତ କଲେବେଳେ ଜିଏସ୍‌ଟିରେ ପରିବ ର୍ନ କରାଯିବ ବୋଲି କହିଥିଲେ। ତାଙ୍କ ହିସାବରେ ଜନସାଧାରଣଙ୍କୁ ଏହା ହେଉଛି ଦୀପାବଳୀର ଉପହାର। କିନ୍ତୁ ବୋଧହୁଏ ବିହାର ନିର୍ବାଚନ କାରଣରୁ ଦୀପାବଳୀ ପୂର୍ବରୁ ଜିଏସ୍‌ଟିରେ ଦରରେ ପରିବ ର୍ନ କରାଗଲା ଓ ସେପ୍ଟେମ୍ବର ୨୨ (ଚଳିତମାସ) ଠାରୁ ଏହା ଲାଗୁ ହେବ।

ଜିଏସ୍‌ଟି ପରିଷଦ ସେପ୍ଟେମ୍ବର ୩ ତାରିଖରେ ଏହି ପରିବ ର୍ନ ବାବଦରେ ମଞ୍ଜୁରୀ ଦେଇଥିଲେ। ଏବେ ୧୨ ପ୍ରତିଶତ ଏବଂ ୨୮ ପ୍ରତିଶତର ଜିଏସ୍‌ଟି ହାର (ସ୍ଲାବ) ବଦଳରେ ୫ ପ୍ରତିଶତ ଏବଂ ୧୮ ପ୍ରତିଶତ ହାର ରହିବ। କିନ୍ତୁ ସିଗାରେଟ, ମଦ, ହେଲିକାପ୍ଟର ଓ ଅନ୍ୟ କେତେକ ଜିନିଷ ଉପରେ ୪୦ ପ୍ରତିଶତ ବିଶେଷ ଟିକସ ଲାଗୁ ହେବ। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏ ପ୍ରସଙ୍ଗରେ କହିଛନ୍ତି ସାଧାରଣ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ପରିବ ର୍ନ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଯେ ସାଧାରଣ ଲୋକ, କୃଷକ, ମଧ୍ୟମ ବର୍ଗ ଏବଂ ଏମ୍‌ଏସ୍‌ଏମ୍‌ଇ ଏହି ନୂତନ ଜିଏସ୍‌ଟି ବ୍ୟବସ୍ଥା ପାଇଁ ଲାଭବାନ ହେବେ। ଜାତୀୟ ଗଣମାଧ୍ୟମ ଏହି ନୂତନ ଜିଏସ୍‌ଟି ବ୍ୟବସ୍ଥାର ପ୍ରସାର କରିବା ସହ ପୁନଃ ଚରଣ ବନ୍ଦନାରେ ଲାଗିପଡିଲେ। ଏହାକୁ ମୋଦୀଙ୍କ ମାଷ୍ଟରଷ୍ଟ୍ରୋକ ବୋଲି କୁହାଗଲା। କିନ୍ତୁ ଅସଲ କଥା କଂଗ୍ରେସର ଦୀର୍ଘଦିନର ପରାମର୍ଶ ଏପରିକି ଜିଏସ୍‌ଟି କୁ ସମାଲୋଚନା ସର୍ବୋପରି ଏହି ବ୍ୟବସ୍ଥା ଯୋଗୁଁ ସାଧାରଣ ଜନତା ପ୍ରଭାବିତ ହେବା କାରଣରୁ ସରକାର ତାଙ୍କର ତୃଟିକୁ ସୁଧାରିଛନ୍ତି। ୨୦୧୭ରେ ଯେଉଁ ଜିଏସ୍‌ଟି ଲାଗୁ କରାଯାଇଥିଲା ସେଥିରେ ଲୋକଙ୍କ ଦୈନନ୍ଦିନର ବ୍ୟବହାର୍ଯ୍ୟ ଜିନିଷ ଠାରୁ ଆରମ୍ଭ କରି ଜୀବନ ରକ୍ଷକ ଔଷଧ ଉପରେ ଜିଏସ୍‌ଟି ଲଗାଯାଇଥିଲା। ଏବେ ସରକାର ଏହାକୁ ସାଧାରଣ ଲୋକଙ୍କ ପାଇଁ ଲାଭ ବୋଲି କହୁଛନ୍ତି।

୨୦୧୭ ପରଠାରୁ ରାହୁଲ ଗାନ୍ଧୀ ଅନେକ ଥର କହିଛନ୍ତି ଯେ ଗରୀବ, ମଧ୍ୟମବର୍ଗ ଏବଂ ଏମ୍‌ଏସ୍‌ଏମ୍‌ଇ କୁ ଧ୍ୟାନରେ ରଖି ଟିକସ ଦର ଧାର୍ଯ୍ୟ କରାଯାଉ କିନ୍ତୁ ତାଙ୍କ କଥାକୁ ସରକାର ଗୁରୁତ୍ୱ ଦେଉ ନଥିଲେ। ୨୦୧୭ରେ ଜିଏସ୍‌ଟି ଲାଗୁ ହେବା ପରେ ସାର, ବହି, ଔଷଧ, ପାଠପଢ଼ା ଖର୍ଚ୍ଚ, ଦୁଗ୍ଧ- ଦହି, ଅଟା- ଚାଉଳ ଏପରିକି ପିଲାଙ୍କ ଖାତା ଓ ପେନସିଲ, ଅକସିଜନ, ବୀମା ଏବଂ ଚିକିତ୍ସା ଖର୍ଚ୍ଚ ମହଙ୍ଗା ହୋଇ ଯାଇଥିଲା। ଦେଶରେ ପ୍ରଥମଥର ପାଇଁ କୃଷକଙ୍କ ଉପରେ ଟିକସ ଲାଗୁ କରାଯାଇଥିଲା। ସରକାର କୃଷି କ୍ଷେତ୍ରର ପାଖାପାଖି ୩୬ଟି ବସ୍ତୁ ଉପରେ ଜିଏସ୍‌ଟି ଲଗାଇଥିଲେ। କିନ୍ତୁ ୨୦୧୭ର ଭୁଲ କୁ ସୁଧାରି ଏବେ ଏହାକୁ ଉପହାର ବୋଲି କହୁଛନ୍ତି। ନୂଆ ଜିଏସ୍‌ଟି ଲାଗୁ ହେଲେ କ୍ୟାନସରର ଔଷଧ ଉପରେ ଟିକସ ଲାଗିବ ନାହିଁ। ଦୁଗ୍ଧ, ଛେନା, ପାଉଁରୁଟି ଭଳି ଲୋକଙ୍କ ଦୈନନ୍ଦିନର ଉପଯୋଗୀ ୧୭୫ଟି ବସ୍ତୁ ଶସ୍ତା ହୋଇଯିବ। ହେୟାର ଅଏଲ, ସାବୁନ, ଶାମ୍ପୁ, ଟୁଥବ୍ରସ, ରୋଷେଇ ସାମଗ୍ରୀ ଉପରେ ଏବେ ୫ ପ୍ରତିଶତ ଜିଏସ୍‌ଟି ଲାଗିବ। ୩୩ଟି ଜୀବନ ରକ୍ଷକ ଔଷଧ ଉପରେ ଶୂନ୍‌ରୁ ୧୨ ପ୍ରତିଶତ ଟିକସ ଲାଗିବ। ବ୍ୟକ୍ତିଗତ ସ୍ୱାସ୍ଥ୍ୟ ବୀମା ଏବଂ ଜୀବନବୀମା ଉପରେ ଏବେ ଜିଏସ୍‌ଟି ଲାଗିବ ନାହିଁ। ୨୦୧୭ ଜିଏସ୍‌ଟି ଅନୁସାରେ ବୀମା ପ୍ରିମିୟମ ଉପରେ ୧୮ ପ୍ରତିଶତ ଜିଏସ୍‌ଟି ଲାଗୁଥିଲା। କିନ୍ତୁ ଏବେ ବି ଜଣାପଡିନାହିଁ ଯେ ବୀମା କମ୍ପାନୀ ମାନେ ଉପଭୋକ୍ତାଙ୍କୁ କେମିତି ରିହାତି ଦେବେ? କାରଣ କମ୍ପାନୀମାନେ ତାଙ୍କ କ୍ଷତି ଭରଣା ବାବଦରେ ଗ୍ରାହକଙ୍କ ଠାରୁ ହିଁ ଆଦାୟ କରିବେ। ମୁଖ୍ୟ କଥା ହେଉଛି ଥରେ ଯଦି କୌଣସି ଜିନିଷରେ ଦର ବଢ଼ିଗଲା ତେବେ ପୁଣି କମିବା ପ୍ରାୟତଃ ଅସମ୍ଭବ। ଏଣୁ ଯେଉଁମାନେ ଭାବୁଛନ୍ତି ଯେ ସରକାର ଦୀପାବଳୀର ଉପହାର ଦେଇଛନ୍ତି ସେମାନେ ଅଧିକ ଖୁସି ହେବା ଉଚିତ ନୁହେଁ। ନୂଆ ଜିଏସ୍‌ଟି ଲାଗୁ ହେବା ପରେ ହିଁ ଜଣା ପଡିବ ଜିନିଷ ଶସ୍ତା ହେଉଛି ନା ଅନ୍ୟ କୌଣସି ପ୍ରକାରରେ ଦର ବଢ଼ାଯାଉଛି। ଏମିତିରେ ଦେଖିଲେ ସ୍ପଷ୍ଟ ଯେ ଏଇ ସରକାରଙ୍କ ଟ୍ରାକ ରେକର୍ଡ ହେଉଛି ଶିଳ୍ପପତିଙ୍କୁ ଫାଇଦା ଦେବା। ଜିଏସ୍‌ଟି ପ୍ରସଙ୍ଗରେ କଂଗ୍ରେସ ପକ୍ଷରୁ କୁହାଯାଇଛି ଯେ ଜିଏସ୍‌ଟି ବାବଦରେ ମିଳୁଥିବା ରାଜସ୍ୱର ଦୁଇ ତୃତୀୟାଂଶ ଗରୀବ ଏବଂ ମଧ୍ୟମ ବର୍ଗଙ୍କ ପକେଟରୁ ହିଁ ଯାଇଥାଏ। ଧନକୁବେର ମାନଙ୍କଠାରୁ ମାତ୍ର ୩ ପ୍ରତିଶତ ଜିଏସ୍‌ଟି ଆଦାୟ କରାଯାଇଥାଏ। ଏବେ କର୍ପୋରେଟ ଟିକସ ୩୦ ପ୍ରତିଶତକୁ ହ୍ରାସ କରାଯାଇ ୨୨ ପ୍ରତିଶତ କରାଯାଇଛି। ଏକ ଦେଶ ଏକ ଟିକସ କଥା କହି ମୋଦି ସରକାର ଶୁନ୍ ପ୍ରତିଶତ, ୫ ପ୍ରତିଶତ, ୧୨ ପ୍ରତିଶତ, ୧୮ ପ୍ରତିଶତ, ୨୮ ପ୍ରତିଶତ ହାର ସହ ୦.୨୫ ପ୍ରତିଶତ, ୧.୫ ପ୍ରତିଶତ, ୩ ପ୍ରତିଶତ ଏବଂ ୬ ପ୍ରତିଶତର ବିଶେଷ ହାର ବାଲା ଏକ ଦେଶ ୯ ଟିକସପ୍ରଣାଳୀ ଲାଗୁ କରିଥିଲେ। ଜିଏସ୍‌ଟିକୁ ମୋଦୀଙ୍କର ଏକ ବଡ଼ ସଫଳତା ଭାବେ ପେଶ କରାଯାଉଥିଲା। କିନ୍ତୁ ଏଥିରେ ପରିବ ର୍ନ କାରଣରୁ ସ୍ପଷ୍ଟ ଯେ ୧୪୨ କୋଟିରୁ ଅଧିକ ଜନତାକୁ ପ୍ରଭାବିତ କଲାଭଳି ଜିଏସ୍‌ଟି ବ୍ୟବସ୍ଥା ବାବଦରେ ସେତେବେଳେ କେନ୍ଦ୍ର ସରକାର ଠିକ୍ ଭାବରେ ବିଚାର ବିମର୍ଷ କରିନଥିଲେ। ୨୦୦୫ ମସିହା ଫେବୃୟାରୀ ୨୮ ତାରିଖରେ ତତ୍କାଳୀନ ଉପା ସରକାର ଲୋକ ସଭାରେ ଜିଏସ୍‌ଟି ବାବଦରେ ଔପଚାରିକ ଭାବେ ଘୋଷଣା କରିଥିଲେ। ୨୦୧୧ରେ ତତ୍କାଳୀନ କେନ୍ଦ୍ର ଅର୍ଥମନ୍ତ୍ରୀ ଜିଏସ୍‌ଟି ବିଲ୍ ଆଗତ କରିଥିଲେ କିନ୍ତୁ ସେ ସମୟରେ ଗୁଜୁରାଟରେ ମୁଖ୍ୟମନ୍ତ୍ରୀ (ବ ମାନର ପ୍ରଧାନମନ୍ତ୍ରୀ) ଜିଏସ୍‌ଟିର ଘୋର ବିରୋଧ କରିଥିଲେ। ଏବେ ଜିଏସ୍‌ଟି ନିଜର ବଡ଼ ଉପଲବ୍ଧି ବୋଲି କହୁଛନ୍ତି।

ରାମଚନ୍ଦ୍ରପୁର, ରଣପୁର
ମୋ: ୯୪୩୮୪୮୫୦୯୪

# ପାର୍ଶ୍ୱପରିବର୍ତ୍ତନୀ ଏକାଦଶୀ

ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଭଗବାନ ବିଷ୍ଣୁ ଦେବଶୟନୀ ଏକାଦଶୀରେ ଯୋଗନିଦ୍ରା ଯାଇଥିଲେ। ଦେବପ୍ରବୋଧିନୀ ଏକାଦଶୀରେ ସେ ନିଦ୍ରା ତ୍ୟାଗ କରିବେ। ଏହା ମଧ୍ୟରେ ଭାଦ୍ରବ ମାସ ଶୁକ୍ଳପକ୍ଷରେ ପଡୁଥିବା ପାର୍ଶ୍ୱପରିବର୍ତ୍ତନୀ ଏକାଦଶୀ ଦିନ ଭଗବାନ ବିଷ୍ଣୁ କଡ଼ ଲେଉଟାଇଥାନ୍ତି ବୋଲି ବର୍ଣ୍ଣନା ରହିଛି। ସେଥିପାଇଁ ଏହା ବଡ଼ ଏକାଦଶୀ ମଧ୍ୟରୁ ଅନ୍ୟତମ। ଏହି ଦିନ ବ୍ରତ ଧାରଣ କରି ଭଗବାନ ବିଷ୍ଣୁଙ୍କ ବାମନ ଅବତାର ସହିତ ଦେବୀ ଲକ୍ଷ୍ମୀଙ୍କ ପୂଜା କଲେ ମନୁଷ୍ୟ ବାଜପେୟ ଯଜ୍ଞ ସମାନ ଫଳ ପ୍ରାପ୍ତି କରିଥାଏ ବୋଲି ପଦ୍ମପୁରାଣରେ ବର୍ଣ୍ଣିତ ହୋଇଛି। ପୁରାଣରେ ଥିବା ବର୍ଣ୍ଣନା ଅନୁଯାୟୀ ଭଗବାନ ବିଷ୍ଣୁ ବାମନ ଅବତାର ଧାରଣ କରି ଅସୁରରାଜ ବଳୀ ଠାରୁ ତିନ ପାଦ ଭୂମି ମାଗିଥିଲେ। ଶେଷରେ ତାଙ୍କ ମୁଣ୍ଡରେ ପାଦ ଥୋଇ ତାଙ୍କୁ ପାତାଳପୁରରେ ସ୍ଥାପିତ କରିବା ଲାଗି ବାହାରିଥିଲେ। ଏହି ସମୟରେ ବଳି ଭଗବାନ ବାମନଙ୍କ ଠାରୁ ବର ମାଗିଥିଲା। ବିଷ୍ଣୁ ତା'କୁ ବରଦାନ ଦେଇ କହିଥିଲେ ଯେ ସେ ତାର ସହ ପାତାଳ ଲୋକରେ ରହିବେ। ଏହାପରେ ବଳୀ ସହ ଭଗବାନ ବିଷ୍ଣୁ ପାତାଳ ଲୋକକୁ ଚାଲିଯାଇଥିଲେ। ଦେବୀ ଲକ୍ଷ୍ମୀ ପାତାଳପୁରୀ ଯାଇ ଭଗବାନ ବିଷ୍ଣୁଙ୍କୁ ଉଦ୍ଧାର କରି ଆଣିଥିଲେ। ତେବେ ବଚନ ଦେଇଥିବା ଦୃଷ୍ଟିରୁ ପ୍ରତି ଚର୍ତ୍ତୁମାସ୍ୟା ସମୟରେ ବିଷ୍ଣୁ ପାତାଳ ଲୋକରେ ଯୋଗ ନିଦ୍ରା ଯାଇଥାନ୍ତି। ଏହି ସମୟରେ ସେ ବାମନ ଅବତାରରେ ଥାଆନ୍ତି। ସେଥିପାଇଁ ପାର୍ଶ୍ୱ ପରିବର୍ତ୍ତନୀ ଏକାଦଶୀରେ ଭଗବାନ ବାମନଙ୍କୁ ପୂଜା କରାଯାଏ। ସମ୍ପୂର୍ଣ୍ଣ ନିଷ୍ଠା ସହ ଏହି ଏକାଦଶୀ ବ୍ରତ ରଖୁଥିବା ବ୍ୟକ୍ତି ପୃଥିବୀ ଲୋକରେ ଯଶ ସମ୍ମାନ ପ୍ରାପ୍ତ କରୁଥିବା ବେଳେ ମୃତ୍ୟୁ ପରେ ଭୋଗିବାକୁ ଥିବା କଷ୍ଟରୁ ମୁକ୍ତ ହୋଇଥାଏ। ବ୍ରତଧାରୀ ମୃତ୍ୟୁ ପରେ ସ୍ୱର୍ଗଲୋକ ପ୍ରାପ୍ତ କରିବା ସହ ସେଠାରେ ଚନ୍ଦ୍ରମା ସମାନ ଚମକିଥାଏ। ଏହି ଏକାଦଶୀ ଦିନ ଚାଉଳ, ଦହି ଏବଂ ରୂପା ଦାନ କରିବାର ବିଧି ରହିଛି। ଏହାଦ୍ୱାରା ଅଶେଷ ପୂଣ୍ୟ ଲାଭ ହୋଇଥାଏ। ଯଦି କୌଣସି କାରଣବଶତଃ ଏକାଦଶୀ ବ୍ରତ ରଖି ନହୁଏ ତାହେଲେ ସେ ଦିନ ଭଗବାନ ବିଷ୍ଣୁଙ୍କ ବିଭିନ୍ନ ଅବତାରର କଥା ପାଠ କରିବା ଉଚିତ। ବିଷ୍ଣୁ ସହସ୍ର ନାମ ଶ୍ରବଣ ଏବଂ ଜପ କରିବା ଉଚିତ। ଏହି ଦିନ ରାମାୟଣ ଶୁଣିବା ମଧ୍ୟ ଉତ୍ତମ ଫଳଦାୟୀ ହୋଇଥାଏ। ଓଡ଼ିଆ ଆଧ୍ୟାତ୍ମିକ ଚେତନାରେ ପାର୍ଶ୍ୱ ପରିବର୍ତ୍ତନୀ ଏକାଦଶୀ ଏକ ପବିତ୍ରତମ ଦିନ। ଏହି ଦିନ ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହୋଇଥାଏ।

'ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ

# କୃଷି ସମୃଦ୍ଧ ଯୋଜନାରେ ଆଗେଇବ ରାଜ୍ୟର କୃଷି ପ୍ରଗତି

ହୃଷିକେଷ ପୁହାଣ

ଓଡ଼ିଶା ଏକ ପ୍ରବଣ ଓ ଚାଷ ବାସ ହିଁ ଓଡ଼ିଶାବାସୀଙ୍କ ମୁଖ୍ୟ ଜୀବନ ଜୀବିକା ରୋଜିରୋଟି ଓ ଅର୍ଥନୀତି। ଅନେକ ହୁଏତ ଜାଣିନଥିବେ ଆମ ଚାଷୀ ପୁଅମାନେ ହେଉଛନ୍ତି ସମଗ୍ର ଓଡ଼ିଶା ଜନସଂଖ୍ୟାର ବଡ଼ ଓ ମୁଖ୍ୟ ଆଧାର। ପରିସଂଖ୍ୟନରୁ ଜଣାଯାଇଛି ମୋଟ ଶ୍ରମ ଶକ୍ତିରୁ ପାଖାପାଖି ୫୦% କେବଳ କୃଷି ଓ ଏହି ଚାଷବାସ ସମ୍ପର୍କିତ ହିଁ ଆୟ ହୋଇଥାଏ। ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଡବଲ ଇଞ୍ଜିନ ସରକାର ଶାସନ ଦାୟିତ୍ୱ ନେବାପରେ ଓଡ଼ିଶାବାସୀଙ୍କ ମୁଖ୍ୟ ଅବଲମ୍ବନ କୁହାଯାଉଥିବା କୃଷି କ୍ଷେତ୍ରକୁ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରିଛନ୍ତି। ଦିନଥିଲା ବନ୍ୟା, ବାତ୍ୟା, ମରୁଡ଼ି, ପ୍ରାକୃତିକ ବିପର୍ଯ୍ୟୟ ଓ ତତ୍ ଜନିତ କ୍ଷୟକ୍ଷତିକୁ ନେଇ ଚାଷୀ ଆତ୍ମହତ୍ୟା ଉଦବେଗଜନକ ହୋଇପଡୁଥିଲା ତେବେ ସେ ସମୟ ଆଉ ନାହିଁ। ବର୍ତ୍ତମାନର ମୋହନ ସରକାର କୃଷି ନୀତିକୁ ସଂଗଠିତ କରି ଏହାକୁ ଯୋଜନାବଦ୍ଧ ଭାବରେ ତ୍ୱରାନ୍ୱିତ କରିବା ସହ ଜଳବାୟୁ ପ୍ରତିରୋଧୀ କୃଷି ପଦ୍ଧତି ଓ ଡିଜିଟାଇଜେସନ ଭଳି ବ୍ୟବସ୍ଥାକୁ ଗ୍ରହଣ କରିବା ଦ୍ୱାରା ଓଡ଼ିଶାରେ କୃଷି କ୍ଷେତ୍ରରେ ବ୍ୟାପକ ରୂପାନ୍ତରଣ ହେବା ସହ ଉଲ୍ଲେଖନୀୟ ଭାବେ କେବଳ ଅଭିବୃଦ୍ଧି ହୋଇନାହିଁ ବରଂ ସମଗ୍ର ଭାରତକୁ ଏବେ କୃଷି ଉତ୍ପାଦନ ଭିତ୍ତିକ ରାଜ୍ୟ ଭାବେ ଏବଂ ରେକର୍ଡ଼ ସଂଖ୍ୟକ ଖାଦ୍ୟଶସ୍ୟ ଉତ୍ପାଦନ କରି ଓଡ଼ିଶା ତାର ସ୍ୱତନ୍ତତା ବଜାୟ ରଖିଛି। ଓଡ଼ିଶାର ଚାଷବାସ ଭିତରେ ମୁଖ୍ୟତଃ ହେଉଛି ଧାନ ଚାଷ। ତେଣୁ ସରକାର ଇନପୁଟ ସବସିଡି ତୁରନ୍ତ ପ୍ରଦାନ କରି ଚାଷୀକୁ ଆଗେଇବା ପାଇଁ ସହଯୋଗର ହାତ ବଢ଼ାଇଛନ୍ତି।

ମୋହନ ସରକାରଙ୍କ ଡବଲ ଇଞ୍ଜିନ ସରକାରର ଚାଷୀ ନୀତି ଭିତରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ସମୃଦ୍ଧ କୃଷକ ଯୋଜନା। ଏହି ଯୋଜନା ଦ୍ୱାରା ଓଡ଼ିଶାର ଚାଷୀପୁଅମାନଙ୍କ ଠାରୁ ପ୍ରତି କ୍ୱିଣ୍ଟାଲ ପିଛା ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଏମଏସପି ୨୩୦୦ ଟଙ୍କା ସହିତ ଅତିରିକ୍ତ ୮୦୦ ଟଙ୍କା ମିଶାଇ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ଦେଇ ଧାନ କ୍ରୟ କରାଯାଉଛି। ଏହା ବ୍ୟତୀତ ସ୍ୱତନ୍ତ୍ର ଭାବେ ଖାଦ୍ୟଥାଳିରେ ପୁଷ୍ଟିଶସ୍ୟର ପୁନରଉଦ୍ଧାର ନିମିତ୍ତ ସରକାର ନୂତନ ଭାବେ ଶ୍ରୀ ଅନ୍ନ ଅଭିଯାନ ଆରମ୍ଭ କରିଛନ୍ତି। ସୂଚନାଥାଉକି ରାଜ୍ୟରେ ଅତ୍ୟନ୍ତ ଲୋକପ୍ରିୟ ହୋଇପାରିଥିବା ଏହି ଯୋଜନାଟି ତମାମ ଓଡ଼ିଶାର ସମସ୍ତ ୩୦ଟି ଜିଲ୍ଲାରେ ୧୭୭ଟି ବୃଷ୍ଟିପୁଷ୍ଟ ବ୍ଲକରେ କାର୍ଯ୍ୟକାରୀ କରାଯାଉଛି। ସରକାର ଚାଷୀପୁଅକୁ ଆର୍ଥିକ ପ୍ରୋତ୍ସାହନ ଯୋଗାଇ ସେମାନଙ୍କ ସହାୟତା ନିମିତ୍ତ ପ୍ରତି କ୍ୱିଣ୍ଟାଲ ପିଛା ୪୨୯୦ ଟଙ୍କା ସର୍ବାଧିକ ସହାୟକ ମୂଲ୍ୟ ବ୍ୟତୀତ କ୍ୱିଣ୍ଟାଲ ପିଛା ଅତିରିକ୍ତ ୨୧୦ ଟଙ୍କା ବର୍ଦ୍ଧିତ ପ୍ରୋତ୍ସାହନ ସହାୟତା ପ୍ରଦାନ କରି ମାଣ୍ଡିଆ କ୍ରୟ କରୁଛନ୍ତି। ୨୦୨୪-୨୫ ବର୍ଷରେ ୭.୬୪ ଲକ୍ଷ କ୍ୱିଣ୍ଟାଲ ମାଣ୍ଡିଆ କ୍ରୟ କରାଯାଇଛି।

ସରକାର କୃଷି କ୍ଷେତ୍ର ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଚାର କରାଯାଉଥିବା କୃଷି ଉତ୍ପାଦନ ଓ ଖାଦ୍ୟଶସ୍ୟର ଉପଲବ୍ଧତା ବୃଦ୍ଧି, କୃଷି ରପ୍ତାନି ବୃଦ୍ଧି, ଶ୍ରମିକ ଅଭାବକୁ ହ୍ରାସ, ଦୁର୍ଲ୍ଲଭ ପ୍ରାକୃତିକ ସମ୍ପଦ ଏବଂ କୃଷି ସାମଗ୍ରୀର ବିଚାର ପୂର୍ଣ୍ଣ ବ୍ୟବହାରକୁ ସହଜ କରିବା ନିମନ୍ତେ କୃଷି ଯାନ୍ତ୍ରିକୀକରଣ ଉପରେ ଧ୍ୟାନ ଦିଆଯାଇଛି। ଏହାର ସୁଫଳ ଚାଷୀପୁଅମାନେ ପାଉଛନ୍ତି ଯାହାଦ୍ୱାରା କେବଳ ୨୦୨୪-୨୫ ଆର୍ଥିକ ବର୍ଷରେ ରାଜ୍ୟର କୃଷି ଶକ୍ତି ବ୍ୟବହାର ୨.୬୦ କିଲୋୱାଟ ହେକ୍ଟରରେ ପହଞ୍ଚିଛି। ସରକାର ଦୂରଦୃଷ୍ଟି ସମ୍ପନ୍ନ ଯୋଜନା ରଖିଛନ୍ତି ୨୦୩୬ ସୁଦ୍ଧା ଏହା ୩.୫ କିଲୋୱାଟ / ହେକ୍ଟରରେ ପହଞ୍ଚିବା ପାଇଁ ଯୋଜନା ରହିଛି।

କୃଷି ଉତ୍ପାଦନ କ୍ଷେତ୍ରକୁ ତ୍ୱରାନ୍ୱିତ କରିବା ନିମିତ୍ତ ଲୋକପ୍ରିୟ ମୋହନ ସରକାର କୃଷି ଉତ୍ପାଦନ କ୍ଲଷ୍ଟର ଯୋଜନା ୧୦୦ଟି ଆଦିବାସୀ ବହୁଳ ବ୍ଲକରେ କୃଷି ଉତ୍ପାଦନ କ୍ଲଷ୍ଟର (ଏପିସିଏସ) ସ୍ଥାପନ କରାଯାଇ ଜୀବିକା ସମ୍ପଦ ସୃଷ୍ଟି କରିବା ସହିତ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ଉତ୍ପାଦ ପାଇଁ ବଜାର ସଂଯୋଗ ବ୍ୟବସ୍ଥା କରାଯିବାର ବ୍ୟବସ୍ଥା କରାଯାଇଛି। ଏହାର ସୁଫଳ ସ୍ୱରୂପ ୧୬ ଜିଲ୍ଲାର ୧୦୦ଟି ବ୍ଲକରେ ୨୫୮୩୫୪ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟମାନଙ୍କୁ ନେଇ ୨୧୪୮ ଉତ୍ପାଦକ ଗୋଷ୍ଠୀ ଏବଂ ୬୨ ଉତ୍ପାଦକ କମ୍ପାନୀକୁ ପ୍ରୋତ୍ସାହିତ କରାଯାଇଛି। କେବଳ ସେତିକି ନୁହେଁ ଉତ୍ପାଦକ ଗୋଷ୍ଠୀର ଚାଷୀ ମାନଙ୍କ ଦ୍ୱାରା ୧୧୩୭୭ ଲକ୍ଷ ଟଙ୍କାର ସାମୂହିକ ବିପଣନ କରାଯାଇଛି। ଓଡ଼ିଶାର ଲୋକପ୍ରିୟ ମୋହନ ସରକାର ଚାଷୀପୁଅଙ୍କ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ନିମିତ୍ତ ସେମାନଙ୍କୁ ବ୍ୟାଙ୍କିଙ୍ଗ ସହାୟତାର ବ୍ୟବସ୍ଥା କରିବା ସହ କୃଷି ବିଭାଗ ସ୍ୱତନ୍ତ୍ର ସହାୟତା ପ୍ରଦାନ କରୁଛି ଏବଂ ଆନ୍ତର୍ଜାତିକ ସହଯୋଗ ଅନୁଷ୍ଠାନର ମିଳିତ ଉଦ୍ୟୋଗରେ ଉନ୍ନତ କୃଷିଯନ୍ତ୍ରପାତି, ଉପକରଣ ଓ ଆନୁସଙ୍ଗିକ ସହାୟକ ଉପକରଣ କିଣିବା ପାଇଁ ସହଯୋଗ ପ୍ରଦାନ କରାଯାଉଛି। ସରକାର ସହରାଞ୍ଚଳରେ ବାସ କରୁଥିବା ଚାଷ କ୍ଷେତର ଚଷାପୁଅଙ୍କ ପାଇଁ ସିଏମ କିଶାନ ଯୋଜନା ପ୍ରକଳ୍ପ ହାତକୁ ନେଇ ସେମାନଙ୍କ ପାଇଁ ସାମଗ୍ରିକ ସହାୟତା କରୁଛନ୍ତି ଓ ସେମାନଙ୍କ ଉତ୍ପାଦିତ କୃଷିଜାତ ସାମଗ୍ରୀ କିଣିବା ସହ ବିପର୍ଯ୍ୟୟ ସମୟରେ ସେମାନଙ୍କର ଚାଷ କ୍ଷୟକ୍ଷତି ଜନିତ କଷ୍ଟକୁ ଲାଘବ କରିବା ପାଇଁ ସହଯୋଗ ରାଶି ପ୍ରଦାନ କରିଥାଏ। ଓଡ଼ିଶା ପରି ଏକ କୃଷି ପ୍ରଧାନ ରାଜ୍ୟରେ ବିଶେଷକରି ରବି ଋତୁରେ ଜଳସେଚନ ସୁବିଧା ନଥିବାରୁ ଫସଲ ପ୍ରସ୍ତୁତି ଓ ଉତ୍ପାଦନ କଷ୍ଟକର ହୋଇଥାଏ। ଏହି ସମସ୍ୟାକୁ ମୁକାବିଲା କରିବା ପାଇଁ ଓଡ଼ିଶା ସରକାର ନୂତନ ଭାବେ ରାଜ୍ୟରେ ରସାୟନମୁକ୍ତ ଜୈବିକ ଚାଷକୁ ଉତ୍ସାହିତ କରିବା ନିମିତ୍ତ 'ଓଡ଼ିଶା ବଳଭଦ୍ର ଜୈବିକ ଚାଷ ମିଶନ' ପରି ଏକ ପ୍ରମୁଖ କାର୍ଯ୍ୟକ୍ରମ ଜରିଆରେ ମୃତ୍ତିକାର ଜୈବ ଅଙ୍ଗାର ବୃଦ୍ଧି ନିମିତ୍ତ ତାଲିମ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ସବୁଠାରୁ ଏକ ଗୁରୁତ୍ୱପୂର୍ଣ୍ଣ ଓ ସ୍ମରଣୀୟ ପଦକ୍ଷେପ ହେଉଛି ଲୋକପ୍ରିୟ ମୋହନ ସରକାର ଅମୃତ ଅନ୍ନ ଯୋଜନା ହାତକୁ ନେଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ମହାପ୍ରସାଦ ପ୍ରସ୍ତୁତି ତଥା କୋଠଭୋଗ ଓ ଅନ୍ୟାନ୍ୟ ଭୋଗ ପ୍ରସ୍ତୁତି ପାଇଁ ଜୈବିକ ପ୍ରଣାଳୀ ଧାନ ଚାଷ ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନେଇଛନ୍ତି। ଓଡ଼ିଶାର ଚାଷୀ ପୁଅ ତାର ଉତ୍ପାଦିତ ସାମଗ୍ରୀକୁ ଗଚ୍ଛିତ କରି ରଖିବା ପାଇଁ ଶୀତଳ ଭଣ୍ଡାର ଉପରେ ନିର୍ଭରଶୀଳ ଥିବାରୁ ଏହି ବ୍ୟବସ୍ଥାକୁ ସୁଦୃଢ଼ ଓ ଯୋଜନାବଦ୍ଧ କରି ରାଜ୍ୟର ୫୮ଟି ଉପଖଣ୍ଡରେ ଶୀତଳ ଭଣ୍ଡାର ଘରୋଇ ସହଯୋଗରେ ପ୍ରତିଷ୍ଠାର ଯୋଜନା ରହିଛି। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାଦ୍ୱାରା ଯୁବ ଉଦ୍ୟୋଗୀ ବା ଯୁବଚାଷୀମାନେ ଚାଷବାସ ପ୍ରତି ଆଗ୍ରହ ବଢ଼ାଉଛନ୍ତି ଏବଂ ଏହାଦ୍ୱାରା ସେମାନେ ସ୍ୱାବଲମ୍ବୀ ହେବା ସହ ରାଜ୍ୟର ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବାରେ ସହାୟକ ହେଉଛନ୍ତି।

ଓଡ଼ିଶାର ଲୋକପ୍ରିୟ ମୋହନ ସରକାରଙ୍କ 'ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା' ଏପରି ଏକ ଚାଷୀ ଅନୁକୂଳ ଓ ଚାଷୀ ଅର୍ଥନୀତିକୁ ସୁଦୃଢ଼ କରୁଥବା ବିଶାଳ କାର୍ଯ୍ୟକ୍ରମ ସରକାରଙ୍କ ଏହି ବଡ଼ ଯୋଜନାରେ ଚାଷୀ ଓ ଏହି ସମ୍ପର୍କିତ ଉଦ୍ୟୋଗ ପ୍ରତିଷ୍ଠା ନିମିତ୍ତ ଏକ କୋଟି ଟଙ୍କା ପର୍ଯ୍ୟନ୍ତ ରିହାତିର ବ୍ୟବସ୍ଥା ରହିଛି। ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପୂର୍ବଭାରତ ବିକାଶର ମୂଳକେନ୍ଦ୍ର ଓଡ଼ିଶା ହୋଇଥିବାରୁ ଏବଂ ବିକଶିତ ଓଡ଼ିଶା ୨୦୩୬ ତଥା ବିକଶିତ ଭାରତ ୨୦୪୭ ନିମିତ୍ତ ବିଶେଷକରି ଓଡ଼ିଶାରେ କୃଷି ପ୍ରଗତିକୁ ଶୀର୍ଷରେ ପହଞ୍ଚାଇବା ସହ ଓଡ଼ିଶାକୁ କୃଷି ଅର୍ଥନୀତିର ଅଭିବୃଦ୍ଧି ସମ୍ପନ୍ନ ରାଜ୍ୟ ଭାବେ ଗଢ଼ି ତୋଳିବା ପାଇଁ ଯେଉଁ ଖସଡ଼ା ପ୍ରସ୍ତୁତ କରିଛନ୍ତି ସେ କ୍ଷେତ୍ରରେ ଆମ ସମସ୍ତଙ୍କର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି।

ଥାଇଲୋ, ଅଲିକଣ୍ଟା, ବାଲିକୁଦା,
ଜଗତସିଂହପୁର-୭୫୪୧୦୮, ଦୂରଭାଷ : ୭୦୦୮୪୩୮୯୫୯



# ଟିପିଡବ୍ଲୁଓଡିଏଲ୍ ପକ୍ଷରୁ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରିସରରେ ମେଗା ବୃକ୍ଷରୋପଣ ଅଭିଯାନ



ବୁର୍ଲା, ୧୫।୯:(ମନ୍ଥନ) ଟାଟା ଭଲେଣ୍ଟିୟରିଂ ସପ୍ତାହ ୨୪ର ଅବସରରେ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଡବ୍ଲୁଓଡିଏଲ୍) ପକ୍ଷରୁ ଏହାର ସାମାଜିକ ଦାୟିତ୍ୱବୋଧ (ଉ୫ଜ) କାର୍ଯ୍ୟକଳାପ ଅଂଶ ଭାବେ ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଓ ଏନଜିଓ 'ଆଲୋକ'ର ମିଳିତ ସହଭାଗିତାରେ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ପରିସରରେ ଏକ ମେଗା ବୃକ୍ଷରୋପଣ ଅଭିଯାନ ଆୟୋଜିତ କରାଯାଇଥିଲା । ଏହି ଅଭିଯାନ ଟିପିଡବ୍ଲୁଓଡିଏଲର ଜୈବ ବିବିଧତା ପ୍ରତି ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ । ଏହି ଅଭିଯାନରେ ଟିପିଡବ୍ଲୁଓଡିଏଲର କର୍ମଚାରୀ, ବିଶ୍ୱ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସମେତ ୨୦୦ରୁ ଅଧିକ ଉତ୍ସାହୀ ସ୍ୱେଚ୍ଛାସେବକଙ୍କ ସକ୍ରିୟ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା । ଏକାଠି ସେମାନେ ବିଶ୍ୱବିଦ୍ୟାଳୟ ପରିସରରେ ୪୦୦ ରୁ ଅଧିକ ବୃକ୍ଷଚାରା ରୋପଣ କରିଥିଲେ, ଯାହା ଏକ ସବୁଜ ଭବିଷ୍ୟତ ଗଠନ ଦିଗରେ ଏକ ଅର୍ଥପୂର୍ଣ୍ଣ ପଦକ୍ଷେପ ଅଟେ । ଏହି କାର୍ଯ୍ୟକ୍ରମରେ ଟିପିଡବ୍ଲୁଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ପ୍ରବୀଣ ବର୍ମା ଏବଂ କମ୍ପାନୀର ବରିଷ୍ଠ ଅଧିକାରୀଙ୍କ ସମେତ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଧୁ ଭୂଷଣ ମିଶ୍ର, ବିଶ୍ୱ ବିଦ୍ୟାଳୟର ଅନ୍ୟାନ୍ୟ ବିଶିଷ୍ଟ ପ୍ରଫେସରମାନେ ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଡକ୍ଟର ସତ୍ୟ ନାରାୟଣ ନନ୍ଦଙ୍କ ସହିତ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ମଧ୍ୟ ବିଶ୍ୱ ବିଦ୍ୟାଳୟ କ୍ୟାମ୍ପସ ପରିସରରେ ବୃକ୍ଷଚାରା ରୋପଣ କରିଥିଲେ । ଏହି ଅବସରରେ ଟିପିଡବ୍ଲୁଓଡିଏଲର ସିଇଓ ଶ୍ରୀ ବର୍ମା ପ୍ରକାଶ କରିଥିଲେ ଯେ, ଏହିପରି ପଦକ୍ଷେପ ମାଧ୍ୟମରେ ଆମେ ସମ୍ପ୍ରଦାୟ- ବିଶେଷକରି ଯୁବ ପିଢ଼ିଙ୍କୁ ପରିବେଶ ସୁରକ୍ଷା ଦିଗରେ ସକ୍ରିୟ ଭାବରେ ଅଂଶଗ୍ରହଣ କରାଇ ପ୍ରେରଣା ଦେବାକୁ ଲକ୍ଷ୍ୟ ରଖିଛୁ । ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରିସରରେ ବୃକ୍ଷରୋପଣ ଅଭିଯାନ ଭବିଷ୍ୟତ ପିଢ଼ି ପାଇଁ ଏକ ସ୍ୱଚ୍ଛ, ସବୁଜ ଏବଂ ସୁସ୍ଥ ପରିବେଶ ଗଠନ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ।

## ରାସ୍ତା ଅବରୋଧକୁ ନେଇ କୃଷ୍ଣକୁମାରପୁର ଗ୍ରାମବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

ଢେଙ୍କାନାଳ, ୧୫।୯:(ମନ୍ଥନ) କୃଷ୍ଣକୁମାରପୁର ଖମାର (ପଡା-ବିରାଡିଆ) ଗ୍ରାମର ହାଲବନ୍ଦୋବସ୍ତରେ ଥିବା ରାସ୍ତା ଖାତା ନଂ-୩୭୬, ପ୍ଲଟ୍ ନଂ-୧୩୩୧କୁ ସେହି ଗ୍ରାମର ଅଞ୍ଜଳି ମିଶ୍ର ଅବରୋଧ କରୁଥିବାରୁ ରାସ୍ତା ଖୋଲିବା ନିମନ୍ତେ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଏକ ପତ୍ରମାଧ୍ୟମରେ ଜଣାଇଛନ୍ତି । ପ୍ରକାଶ ଯେ, ଗ୍ରାମବାସୀମାନେ ଉକ୍ତ ରାସ୍ତାରେ ପୂର୍ବରୁ ଚାଷଜମିକୁ ଯିବା ପାଇଁ ଏହି ରାସ୍ତାରେ ଯିବା ଆସିବା କରିଥାନ୍ତି । ବିଲକୁ ଶଗଡ ନେବା, ହଳ ନେବା ଇତ୍ୟାଦି ଚାଷଜମିକୁ ନେଉଥିଲେ । ଏବେ ତାହା ବନ୍ଦ କରିଦେବାରୁ ଗ୍ରାମବାସୀ ଯିବା ଆସିବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଶ୍ରୀମତୀ ମିଶ୍ରଙ୍କୁ ପଚାରିବାରୁ ସେ କୁହନ୍ତି ଏହା ସରକାରୀ ଜାଗା ମୁଁ ଦଖଲ କରିଛି । ତେଣୁ ଗ୍ରାମବାସୀମାନେ ଏହାକୁ ବିଚାର କରି ତହସିଲଦାରଙ୍କ ଜରିଆରେ ରାସ୍ତାଟିକୁ ଖୋଲାଗଲେ ସମସ୍ତ ଗ୍ରାମବାସୀ, ଚାଷୀ, ମୁଲିଆ ଓ ଜନସାଧାରଣ ଚାଷଜମିକୁ ଯିବା ଆସିବା ସୁବିଧାରେ କରିପାରିବେ ବୋଲି ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଲଳିତ କୁମାର ବେହେରାଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି ।

# ପୂର୍ତ୍ତବିଭାଗ ବାଇପାସ ରାସ୍ତା ମରାମତିରେ ମନ୍ଥରତା

ଖଣ୍ଡପଡ଼ା, ୧୫।୯:(ମନ୍ଥନ) ଖଣ୍ଡପଡ଼ା ସହରାଞ୍ଚଳ ଅଧୀନ ବ୍ଲକ ଛକ ଠାରୁ ଖଳିସାହିକୁ ସଂଯୋଗ କରୁଥିବା ବାଇପାସ ରାସ୍ତା ନିର୍ମାଣରେ ବିଳମ୍ବ ଯୋଗୁଁ ଜନଅସନ୍ତୋଷ ସୃଷ୍ଟି ହୋଇଛି । ଗତ ପ୍ରାୟ ଅଢେଇ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଉକ୍ତ ରାସ୍ତା ମରାମତି କାର୍ଯ୍ୟ ନ ସରିବା ଯୋଗୁଁ ବ୍ୟାପକ ଜନ ଅସନ୍ତୋଷ ସୃଷ୍ଟି ହୋଇଥିବା ବେଳେ କେବେ କାମ ଶେଷ ହେବ ସେ ବାବଦରେ ସୂଚନା ନଥିବା ଜଣାପଡିଛି । ମିଳିଥିବା ଅଭିଯୋଗ ଅନୁଯାୟୀ ତ ରାସ୍ତା ମରାମତି କାର୍ଯ୍ୟ ନ ସରିବା ଯୋଗୁଁ ବ୍ୟାପକ ଜନ ଅସନ୍ତୋଷ ସୃଷ୍ଟି ହୋଇଥିବା ନେଇ ମନ୍ଥନରେ ଏକାଧିକ ଥର ଖବର ପ୍ରକାଶ ପାଇଥିଲା । ତେବେ ଖବର ପ୍ରକାଶ ପରେ ତତ୍ପରତା ଦେଖାଇଥିବା ଠିକା ସଂସ୍ଥା ଅତ୍ୟନ୍ତ ତରବରିଆ ଭାବେ ମାତ୍ର କେଇଦିନ ମଧ୍ୟରେ ଏହାର ମରାମତି ଶେଷ କରିବାକୁ ଅଣ୍ଟା ଭିଡିଥିଲା । ମାତ୍ର ନିମ୍ନମାନର କାମ ଯୋଗୁଁ ପ୍ରଥମେ ପିଚୁ ଉଠି ଯାଇଥିବା ବେଳେ ରାସ୍ତା ସଂଲଗ୍ନ ଅଞ୍ଚଳରେ ବିଛା ଯାଇଥିବା ପେଭର ବ୍ଲକ ସାମାନ୍ୟ ବର୍ଷାରେ ଧୋଇଯାଇଥିଲାୟ ଖାଲିସେତିକି ନୁହେଁ



ନିମ୍ନମାନର ନିର୍ମାଣ ଯୋଗୁଁ ଏକାଧିକ ସ୍ଥାନରେ ପେଭର ବ୍ଲକ ଉଠିଯାଇଥିବା ବେଳେ ଏକାଧିକ ସ୍ଥାନରେ ଖାଲ ମଧ୍ୟ ସୃଷ୍ଟି ହୋଇଥିଲା । ଫଳରେ ପେଭର ବ୍ଲକ କାର୍ଯ୍ୟ ଆଜିପର୍ଯ୍ୟନ୍ତ ଶେଷ ନ ହୋଇ ଅଧାପାନ୍ତରିଆ ଭାବେ ପଡିରହିଛି । ଏବେ ନୂତନ କୋର୍ଟ ସମ୍ମୁଖ ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଥିବା ଯୋଗୁଁ ପଥଚାରୀଙ୍କ ପାଇଁ ସମସ୍ୟା ଦ୍ୱିଗୁଣିତ ହୋଇଛି । ଉଲ୍ଲେଖଯୋଗ୍ୟ ଯେ ପ୍ରାୟ ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ ଏହି କାର୍ଯ୍ୟ ମନ୍ଥର ଗତିରେ ଚାଲିବା ସହିତ କେବଳ ରାସ୍ତା କାମ କିଛି ମାସ ତଳେ ସରିଥିଲା । ନିର୍ମାଣ କାର୍ଯ୍ୟ ନିମ୍ନମାନରନେଇ ବାରମ୍ବାର ଅଭିଯୋଗ ପରେ ପୂର୍ତ୍ତବିଭାଗ ପକ୍ଷରୁ ଏହାକୁ ଗୁରୁ ଦିଆଯାଇଥିବା ବେଳେ କିନ୍ତୁ ପ୍ରାୟ ୪ ମାସ ବିତିଥିଲେ ମଧ୍ୟ କାମ ସରିନଥିବା ଏବଂ ସମ୍ପୃକ୍ତ ଠିକା ସଂସ୍ଥା ଦିନ ଗଡାଉଥିବା ଦେଖିବାକୁ ମିଳିଛି । ଅନ୍ୟପକ୍ଷରେ ଆଗକୁ ଲଗାଣ ବର୍ଷା ଆସୁଥିବାରୁ କାମ ହେବା ଦିଗରେ ନାନା ସମସ୍ୟା ଉପୁଜିବ ବୋଲି ସ୍ଥାନୀୟ ବାସିନ୍ଦା କହିଥିବା ବେଳେ ଅସମ୍ପୂର୍ଣ୍ଣ ପେଭର ବ୍ଲକ ଗୁଡିକ ମଧ୍ୟ ଧୋଇହୋଇଯିବାର ଆଶଙ୍କା ସୃଷ୍ଟି ହୋଇଥିବା ଅଞ୍ଚଳବାସୀ ଆଶଙ୍କା କରିଛନ୍ତି । ଜିଲ୍ଲା ପ୍ରଶାସନ ପକ୍ଷରୁ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି ।

# ବାଇକ ଚୋର ଗିରଫ, ବାଇକ ଜବତ

କାକଟପୁର, ୧୫।୯:(ମନ୍ଥନ)କାକଟପୁର ଥାନା ଅନ୍ତର୍ଗତ ଦହିଖିଆ । ଗ୍ରାମର ଚନ୍ଦ୍ରଶେଖର ପରିଡା ନିଜ ଗ୍ୟାରେଜ ରେ ତାଙ୍କ OD13A6511 splender plus ମୋଟର ବାଇକ ଟିକୁ ରଖି ଘରକୁ ଯାଇଥିବାବେଳେ ଗତକାଲି ରାତ୍ରି ରେ କୋଣସି ଅଜଣା ଦୁର୍ବୃର୍ତ୍ତ ଗ୍ୟାରେଜ କବାଟ ଭାଙ୍ଗି ଚୋରିକରି ନେଇଥିବା ଗାଡି ମାଲିକ ଶ୍ରୀ ପରିଡା କାକଟପୁର ଥାନା ରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପାଇ କାକଟପୁର ଥାନା ଆଇଆଇସି ବସନ୍ତ କୁମାର ସାହୁ ଙ୍କ ନିର୍ଦ୍ଦେଶ କ୍ରମେ ଥାନା ଏଏସଆଇ ପ୍ରମୋଦ କୁମାର ସେଠୀ, ଏସଆଇ ଗୌରୀଶଙ୍କର ସେଠୀ ବିଭିନ୍ନ ସ୍ଥାନ ଚଢ଼ାଉ କରିବାବେଳେ ପ୍ରାଚୀ ବିହାର ର ମୋଷ୍ଟ ୱାଣ୍ଟେଡ ବାଇକ ଚୋର ଗଗନ ବିହାରୀ ଛୁଆଳ ସିଂହ ଓରଫ ଗୁନ କୁ ଚୋରା ବାଇକ ସହିତ ଚୋରୀ ରେ ବ୍ୟବହୃତ ହାତୁଡି କୁ ଜବତ କରିବା ସହିତ ଚୋର କୁ ଗିରଫ କରିବାରେ ସଫଳ ହୋଇଛନ୍ତି । ଏ ସଂକ୍ରାନ୍ତ ରେ କାକଟପୁର ଥାନା ରେ ଏକ ମାମଲା ରୁଜୁ କରାଯାଇ ଥାନା କେସ ନମ୍ବର ୨୭୪/୨୦୨୫ ରେ ପୋଲିସ ଘଟଣା ର ତଦନ୍ତ କରୁଛି । ଏଠାରେ ସୂଚନା ଥାଉକି ଗଗନ ବିହାରୀ ଓରଫ ଗୁନ ର ନିଜ ଘର ଖୋର୍ଦ୍ଧା ଜିଲ୍ଲା ଗଡ଼ମାଣତିରି ଅଂଚଳରେ ହୋଇଥିବାବେଳେ, କାକଟପୁର ପ୍ରାଚୀ ବିହାର ଠାରେ ରହି ଏକାଧିକ ଚୋରୀ ମାମଲା ରେ ତା'ର ସମ୍ପୃକ୍ତି ରହିଥିବା ପୋଲିସ ପ୍ରକାଶ କରିଛି । ଆଜି ତା'ର ଜାମିନ ନାମଞ୍ଜୁର ହେବାରୁ ତାକୁ ନିମାପଡା ଜେଲ କୁ ପଠାଇ ଦିଆଯାଇଛି ।

# 'ଆସ ସ୍କୁଲ୍ ଯିବା କମିଟି'ର ପଦଯାତ୍ରା

ଢେଙ୍କାନାଳ, ୧୫।୯:(ମନ୍ଥନ) ଢେଙ୍କାନାଳ ଜିଲ୍ଲା ସଦର ବ୍ଲକ୍ ଅନ୍ତର୍ଗତ କାକୁଡିଭାଗ କ୍ଲଷ୍ଟର ଅଧିନ ସମସ୍ତ ବିଦ୍ୟାଳୟରେ ଆସ ସ୍କୁଲ୍ ଯିବା କମିଟି ତରଫରୁ ଶନିବାର ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ବିଇଓ ଦିବ୍ୟ ପ୍ରକାଶ ପ୍ରଧାନ ଓ ବିଆରସିସି ଦେବବ୍ରତ ନାଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କାକୁଡିଭାଗ କ୍ଲଷ୍ଟରର ୭ଟି ପ୍ରାଥମିକ ବିଦ୍ୟାଳୟ, ୪ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ୨ଟି ଉଚ୍ଚ ବିଦ୍ୟାଳୟରେ ପଦଯାତ୍ରା ଆୟୋଜିତ ହୋଇଥିଲା । ଏହି ପଦଯାତ୍ରାରେ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ପରିଚାଳନା କମିଟି ସଭ୍ୟସଭ୍ୟା, ସମାଜସେବୀ, ଆଶା କର୍ମୀ ଓ ଅଙ୍ଗନୱାଡି କର୍ମୀ ଆଦି ସାମିଲ୍ ହୋଇଥିଲେ । ଜାତୀୟ ଶିକ୍ଷାନୀତି ୨୦୨୦କୁ ଆଧାର କରି ରାଜ୍ୟର ସମସ୍ତ ପିଲାକୁ ବିଦ୍ୟାଳୟରେ ନାମ ଲେଖାଇ ବିକଶିତ ଓଡିଶା ଗଠନ କରିବାର ସଂକଳ୍ପ ନିଆଯାଇଛି । ସରକାରର ଉକ୍ତ ସଂକଳ୍ପକୁ ଚରିତାର୍ଥ କରିବା ପାଇଁ ପ୍ରତି ବିଦ୍ୟାଳୟରେ ଆସ ସ୍କୁଲ୍ ଯିବା କମିଟି ଗଠିତ ହୋଇଛି । ଶନିବାର ଦିନ କମିଟି ଓ ଛାତ୍ରଛାତ୍ରୀଙ୍କ ମିଳିତ ସହଯୋଗରେ ପଦଯାତ୍ରା କରାଯାଇ ଅଧାରୁ ପାଠ ଛାଡିଥିବା ଓ ବିଦ୍ୟାଳୟରେ ଆଦୌ ନାମ ଲେଖାଇ ନଥିବା ପିଲାଙ୍କୁ ନାମ ଲେଖାଇବାକୁ ଅଂଚଳବାସୀଙ୍କୁ ସଚେତନ କରାଯାଇଥିଲା । ପଦଯାତ୍ରା ସମୟରେ ଛାତ୍ରଛାତ୍ରୀମାନେ ଶିକ୍ଷାର ଉପକାରିତା ଓ ବିଦ୍ୟାଳୟ ଗୁଡିକରେ ଉପଲବ୍ଧ ବିଭିନ୍ନ ସୁବିଧା ସୁଯୋଗ ସଂପର୍କରେ ସ୍ଲୋଗାନ ଦେଇ ଓ ପ୍ଲା-କାର୍ଡ ପ୍ରଦର୍ଶନ କରି ଜନସାଧାରଣଙ୍କୁ ସଚେତନତା ବାଂଟିଥିଲେ । ଶିକ୍ଷାର ପ୍ରଗତି ପାଇଁ ସରକାରଙ୍କର ଏତାଦୃଶ କାର୍ଯ୍ୟକ୍ରମକୁ ଜନସାଧାରଣ ପ୍ରଶଂସା କରିଥିଲେ । କାର୍ଯ୍ୟକ୍ରମ ଆୟୋଜନରେ କ୍ଲଷ୍ଟରର ସମସ୍ତ ପ୍ରଧାନଶିକ୍ଷକ ଓ ସିଆରସିସି ଅର୍ଜୁନ ନାୟକ ସହଯୋଗ କରିଥିଲେ ।

# ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ

ଖଣ୍ଡପଡ଼ା, ୧୫।୯:(ମନ୍ଥନ) ଖଣ୍ଡପଡ଼ା ବ୍ଲକ ସଭାଗୃହରେ ଜିଲ୍ଲାପାଳଙ୍କ ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ନୟାଗଡ଼ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ଶୁଣିଥିଲେ । ସମୁଦାୟ ୧୧୨ଟି ଅଭିଯୋଗରୁ ୨୪ ଟି ସମସ୍ୟାର ତୁରନ୍ତ ସମାଧାନ ହୋଇଥିବା ନେଇ ଜିଲ୍ଲା ପ୍ରଶାସନ ଠାରୁ ସୂଚନା ମିଳିଛି । ସେହିପରି ମୋଟ ୧୦୪ଟି ବ୍ୟକ୍ତିଗତ ସମସ୍ୟା ଥିବାବେଳେ, ୪ଟି ଗ୍ରାମ୍ୟ ସମସ୍ୟା ଏବଂ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ପାଇଁ ୪ ଜଣ ଆବେଦନ କରିଥିବା ସୂଚନା ରହିଛି । ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଏଡିଏମ ବିଜୟ କୁମାର ନାୟକ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦାର, ଏସପି ଏସ ସୁଶ୍ରୀ, ଖଣ୍ଡପଡ଼ା ବିଡ଼ିଓ ଅଙ୍କୁର ଅଭିଳାଷ, ତହସିଲଦାର ବିଶ୍ୱବିସ୍ମୃତ ତ୍ରିପାଠୀ, ଅଧକ୍ଷା ଉପମା ବେହେରା, ଗୋଷ୍ଠୀ ଚିକିତ୍ସାଧିକାରୀ ଅଭିସାର ପଣ୍ଡାଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ଓଡିଶା କୃଷକ ସଭା ୩ୟ ବେଗୁନିଆପଡା ବ୍ଲକ ସମ୍ମିଳନୀ ଅନୁଷ୍ଠିତ

କୋଦଳା, ୧୫।୯:(ମନ୍ଥନ)ଓଡିଶା କୃଷକ ସଭା ୩ୟ ବେଗୁନିଆପଡା ବ୍ଲକ ସମ୍ମିଳନୀ କୋଦଳା ଠାରେ ଅନୁଷ୍ଠିତ ହୋଇଯାଇଛି । କୋଦଳା ଜେଲ ରୋଡ଼ ଠାରୁ ପୁରୁଷ ଓ ମହିଳା ପଟୁଆର ବାହାରି ତହସିଲ କାର୍ଯ୍ୟାଳୟ ଠାରେ ତହସିଲଦାରଙ୍କ ନିର୍ଦ୍ଦେଶ କ୍ରମେ ମୁଖ୍ୟ କିରାଣୀ ଓ ଜିଲ୍ଲା ମଙ୍ଗଳ ଅଧିକାରୀ ଙ୍କ ପ୍ରତିନିଧି ଙ୍କୁ ସ୍ମାରକ ପତ୍ର ପ୍ରଦାନ କରି କୋଦଳା ସହର ପରିକ୍ରମା କରିବା ସହିତ କୋଦଳା ବିଜେ ବାବା ଶ୍ରୀ ଦଣ୍ଡିଶ୍ୱର ମନ୍ଦିର ପ୍ରାଙ୍ଗଣରେ ସମ୍ମିଳନୀ ର ଲାଲ ପତକାକୁ ବ୍ଲକ ସଭାପତି ମୋଚିଆ । ଶବର ଉତ୍ତୋଳନ କରିଥିଲେ । ସମ୍ମିଳନୀ ପ୍ରତିନିଧି ଅଧିବେଶନ କୁ ଜିଲ୍ଲା ସଭାପତି ପି.ହରିକୃଷ୍ଣ ରେଡ୍ଡୀ ଉଦଘାଟନ କରି ଥିଲେ । ଜିଲ୍ଲା ରେ ସାର କଳା ବଜାର ବନ୍ଦ କରିବା ଓ ପ୍ରଯ୍ୟାପ୍ତ ପରିମାଣ ସାର ସମବାୟ ସମିତି ମାନଂକୁ ଯୋଗାଣ କରିବାଜଙ୍ଗଲ ଅଧିକାର ଆଇନ



ଅନୁଯାଇ ଆଦିବାସୀ ଙ୍କୁ ଜଙ୍ଗଲ ଜମିର ପଟ୍ଟା. ଦଖଲ ରେ ଥିବା ସରକାରୀ ଜମି ଭୂମି ଙ୍କ ନାମ ପଟ୍ଟା ଦେବା । ଓଯୋଜନା ରେ ଦଳିତ ଭୂମି ହୀନ ଙ୍କୁ ପଟ୍ଟା ଦେବା, ମୁଲିଆ । ଙ୍କୁ ମନରେଗା ଯୋଜନାରେ ବାର୍ଷିକ ୨୦୦ଦିନ କାମ ଦୈନିକ୬୦୦ଟଙ୍କା ମଜୁରୀ ଦେବା ଓ ସ୍ୱାମନାଥନ କମିଟି ସୁପାରିଶ କରିଥିବା ଚାଷୀ ଫସଲ ର ଖର୍ଚ୍ଚ ର ଦେଢ଼ ଗୁଣ ଦର ଦେବାଓ ଋଣ ଛାଡ଼ ଇତ୍ୟାଦି ଦାବୀ ନେଇ ଆନ୍ଦୋଳନ ଦାବୀ ହାସଲ ପାଇଁ ସଂଗଠନ କୁ ସୁଦୃଢ଼ କରି ସାମ୍ପସରଣ କରିବା ନିଷ୍ପତ୍ତି ହୋଇ ଥୀଲା । ଏଥିରେ ଜିଲ୍ଲା ସମ୍ପାଦକ ଅଜୟ ଗୌଡ଼. କୃଷକ ନେତା ଯୋଗେଶ ସାହୁ. ବକ୍ତବ୍ୟ ରଖିଥିଲେ । ୨୫ଜଣ ବ୍ଲକ କମିଟି ଗଠନ ହୋଇ ମୋଚିଆ । ଶବର ବ୍ଲକ ସଭାପତି ଓ ପ୍ରକାଶ ଯାନୀ ଙ୍କୁ ବ୍ଲକ ସମ୍ପାଦକ ରୂପେ ନିର୍ବାଚିତ କରିଥିଲେ । ଉଦୟ ପ୍ରଧାନ. ନିରାଶ ଯାନୀ. ବିଜୟ ନାୟକ. ମଙ୍ଗଳା ଶବର. ଭାସ୍କର ଯାନୀ ଓ ସୌରୀ ଦାସ ଙ୍କୁ କର୍ମ କର୍ତ୍ତା ଚୟନ କରିଥିଲେ ।

# ଜଗଦଳପୁରରେ ମିଳିତ ଜନ ଶୁଣାଣି ଶିବିର




କୁକୁଡାଖଣ୍ଡି, ୧୫।୯:(ମନ୍ଥନ) ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ପଞ୍ଚାୟତ ସ୍ତରୀୟ ମିଳିତ ଜନ ଶୁଣାଣି ଶିବିର କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ଜଗଦଳପୁର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ସ୍ତରୀୟ ଶିବିରରେ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଜଗଦଳପୁର ଗ୍ରାମ ପଞ୍ଚାୟତର ବିଭିନ୍ନ ସମସ୍ୟା ଓ ଅଭିଯୋଗ ଶୁଣିବା ସହ ତୁରନ୍ତ ଏହାର ସମାଧାନ କରିଥିଲେ । ଏଥିରେ ବ୍ରହ୍ମପୁର କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କି ନୋଡାଲ ଅଧିକାରୀ ଭାବେ ଯୋଗଦେଇଥିବା ବେଳେ ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ଡାକ୍ତର ପଲ୍ଲବୀ ସ୍ୱାଇଁ, ସ୍ଥାନୀୟ ସରପଞ୍ଚ କ୍ରାନ୍ତିକୁମାରି ଦେବୀ, ସମିତିସଭ୍ୟ ବି.ରବୀନ୍ଦ୍ରନାଥ ପାତ୍ର, ଅତିରିକ୍ତ ତହସିଲଦାର ଶୁଭସ୍ମିତା ଦାଶ, ସହକାରୀ ଯନ୍ତ୍ରୀ ଅନୁରାଗ ରଥ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅଭିଯୋଗ ଶୁଣାଣି ରେ ପାଖାପାଖି ୧୩୮ ଟି ଅଭିଯୋଗ ହୋଇଥିଲା । ଶିବିରରେ ସିଡିପିଓ କୁସୁମ କୁମାରୀ ସାହୁ, ବିଇଓ ସନ୍ତୋଷେ ମହାପାତ୍ର, ଜିପିଓ ସୁପ୍ରଭା ସାହୁ, ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ମନୋଜ କୁମାର ପ୍ରଧାନ, ପିଇଓ ତନ୍ମୟୀ, ପଟ୍ଟନାୟକ, କୃଷି ଅଧିକାରୀ ସୁବ୍ରତ କୁମାର ବାରିକ ପ୍ରମୁଖ ଉପସ୍ଥିତ ଥିଲେ । ମୁଖ୍ୟ ସମସ୍ୟା ରାସ୍ତାର ଉନ୍ନତିକରଣ, ରାସ୍ତା ଓ ଡ୍ରେନ ନିର୍ମାଣ, ପୋଖରୀ ପୁନରୁଦ୍ଧାର, ରାସନ କାର୍ଡର ସଂଶୋଧନ, ଆବାସ ଯୋଜନା ନୂତନ ତାଲିକା ପ୍ରସ୍ତୁତ, ଘର ପଟ୍ଟା, ବିଧବା, ବାର୍ଦ୍ଧକ୍ୟ ବିକଳାଙ୍ଗ ଭତ୍ତା, ରାସନ କାର୍ଡର ସଂଶୋଧନ, ପାନୀୟ ଜଳ ଯୋଗାଣ, ସୁଭଦ୍ରା ଯୋଜନା ଭଳି ବିଭିନ୍ନ ସମସ୍ୟା ଉପରେ ଲୋକମାନଙ୍କ ସହ ଆଲୋଚନା ହୋଇଥିଲା । ଶିବିରରେ ସମସ୍ତ ଲାଇନ ବିଭାଗର ବିଭାଗୀୟ ଅଧିକାରୀ ଅଙ୍ଗନବାଡି କର୍ମୀ ଉପସ୍ଥିତ ଥିଲେ । ପୂର୍ବ ସରକାରଙ୍କ ସମୟରେ ଲୋକମାନେ ଅଭିଯୋଗ କରିବାକୁ ବିଭିନ୍ନ ବିଭାଗକୁ ଦୌଡୁଥିଲେ ଓ ନାନା ସମସ୍ୟାର ସମ୍ମୁଖିନ ହେଉଥିଲେ କିନ୍ତୁ ଆଜି ଜଗଦଳପୁର ପଞ୍ଚାୟତ କୁ ବିଭାଗୀୟ ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣିବାକୁ ଆସୁଛନ୍ତି । ବିକଶିତ ଗାଁ ବିକଶିତ ଓଡ଼ିଶା ନାରା ଦେଇଥିବା ଡବଲ ଇଞ୍ଜିନ ସରକାରଙ୍କ ଏହି ପଦକ୍ଷେପକୁ ଜନସାଧାରଣ ସ୍ୱାଗତ ଜଣାଇଛନ୍ତି । ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜଗଦଳପୁର ଗ୍ରାମପଞ୍ଚାୟତ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମରେ ଲୋକମାନେ ନିଜର ଅଭିଯୋଗ ସିଧା ସଳଖ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ।

# ଯାଗା ପ୍ଲଟିଂ ବିରୋଧରେ ଏସ୍‌ପିଙ୍କୁ ଅଭିଯୋଗ

ଢେଙ୍କାନାଳ, ୧୫।୯:(ମନ୍ଥନ)ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ୍ ଅନ୍ତର୍ଗତ ଏକତାଳି ଗ୍ରାମର ସ୍ୱର୍ଗତ କୁଶ ଦାସଙ୍କ ପତ୍ନୀ ମୀନା ଦାସ (୮୨)ଙ୍କ ଘର ପାଖରେ ଥିବା ପାହଡକୁ ତାଡି ପ୍ଲଟି କରିବାକୁ ନେଇ ଏସ୍‌ପିଙ୍କୁ ଏକ ଅଭିଯୋଗ ପତ୍ର ଦାଖଲ କରିଛନ୍ତି । ପ୍ରକାଶ ଯେ, ଏକତାଳି ଗ୍ରାମର କୈଳାସ ଚନ୍ଦ୍ର ରାଉତ, ଦିଲ୍ଲୀପ ରାଉତ, ଅମରେନ୍ଦ୍ର ରାଉତ, ରସାନନ୍ଦ ରାଉତ, ବିରଂଚି ନାରାୟଣ ରାଉତ, ନନ୍ଦ କିଶୋର ବେହେରା, ଯୋଗୀନାଥ ରାଉତ, ହରିହର ରାଉତ, କୁଳମଣି ରାଉତ, ମୋହନ ସାହୁ ପ୍ରମୁଖ ଏହି ଗ୍ରାମ ପାଖରେ ଥିବା ଏକ ପାହାଡକୁ ଜେସିବି ଦ୍ୱାରା ତାଡି ସମତଳ କରି ପ୍ଲଟିଂ କରୁଛନ୍ତି । ଯାହାଫଳରେ ଆଖପାଖରେ ଥିବା ଧାନ ଫସଲ ନଷ୍ଟ ହେବାରେ ଲାଗୁଛି, ଜେସିବି ଶବ୍ଦରେ ଲୋକେ ଘରେ ଶୋଇପାରୁ ନାହାଁନ୍ତି । ଏପରିକି ଘର ସମ୍ମୁଖରେ ବଡ ବଡ ପଥର ପକାଉଛନ୍ତି । ଏହାକୁ ମୀନା ଦାସଙ୍କ ପୁଅ ବିରୋଧ କରିବାରୁ ତାଙ୍କୁ ସେମାନେ ମାଡିମାରି ଚୁପ୍ କରିଦେଇଥିଲେ ଓ ଧମକ ଦେଇ କହିଲେ ଆଉ ଥରେ ପାଟି ଫିଟାଇଲେ ଘର ଓ ପରିବାରକୁ ବୋମା ପକାଇ ଉଡାଇଦେବୁ ବୋଲି । କେତେଦିନ ବିତିଯାଇଥିଲେ ମଧ୍ୟ ଗତ ୧୨.୦୯.୨୦୨୫ରିଖରେ ପୁନର୍ବାର ସାନପୁଅ ଗଗନକୁ ଅମରେନ୍ଦ୍ର ରାଉତ ଓ ଦିଲ୍ଲୀପ ରାଉତ ତଂଟିଚିପି ମାରିଦେବାକୁ ଚେଷ୍ଟା କରିଥିଲେ କିନ୍ତୁ ଗଗନ ଜୀବନ ବିକଳରେ ଦୌଡି ପଳାଇ ଆସିଥିଲା । ଏହି ବିଷୟରେ ଭୁବନ ଥାନାରେ ଜଣାଇଥିଲେ ମଧ୍ୟ କୌଣସି କେଶ୍ ରେଜିଷ୍ଟ୍ରି କରିନଥିଲେ । ପରଦିନ ତା୧୩.୦୯.୨୦୨୫ରିଖ ଦିନ ଗଗନ ବିଲରେ କାମ କରୁଥିବାବେଳେ କାହିଁକି ଥାନାକୁ ଯାଇଥିଲୁ ବୋଲି କହି ଦିଲ୍ଲୀପ ରାଉତ, କୁଳମଣି ରାଉତ, ଗୋପୀନାଥ ରାଉତ ଓ ଅନ୍ୟମାନେ ଗଗନକୁ ଗୋଇଠା, ବିଧା ମାରି ତଳେ ପକାଇଦେଇଥିଲେ ଓ ଧମକ ଦେଇ କହିଥିଲେ ଯେ, ତୋତେ ଓ ତୋ ପରିବାରକୁ ପେଟ୍ରୋଲ ପକାଇ ଜାଳିଦେବୁ । ଫଳରେ ଗଗନ ଅଚେତ ହୋଇ ପଡିଥିବାବେଳେ ଆଖପାଖରେ କାମ କରୁଥିବା ଲୋକମାନେ ଗଗନଙ୍କୁ ଉଠାଇଥିଲେ । ତେଣୁ ଏହାର ସୁବିଚାର କରି ଦୋଷୀକୁ ଦଣ୍ଡ ପ୍ରଦାନ କରିବା ସହ ଗଗନଙ୍କ ପରିବାରକୁ ନ୍ୟାୟ ମିଳିବା ପାଇଁ ମୀନା ଦାସ ଢେଙ୍କାନାଳ ଆରକ୍ଷୀ ଅଧିକ୍ଷଙ୍କୁ ଏକ ଅଭିଯୋଗ ପତ୍ର ଦାଖଲ କରିଛନ୍ତି ।

# ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ସୁସ୍ଥ ନାରୀ ଓ ସଶକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମ ସମ୍ପର୍କିତ ଜିଲ୍ଲା ସ୍ତରୀୟ ବୈଠକ

ଜଗତସିଂହପୁର, ୧୫।୯:(ମନ୍ଥନ)୧୫-୦୯-୨୦ ୨୫ ରିଖଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହ ଠାରେ ଜିଲ୍ଲାପାଳ ଶ୍ରୀ ଜେ ସୋନାଲ ଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ବିଭାଗକୁ ନେଇ ସୁସ୍ଥ ନାରୀ ଓ ସଶକ୍ତ ପରିବାର ଅଭିଯାନ ସମ୍ପର୍କିତ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲାପାଳ କହିଥିଲେ ଯେ ଆମ ଜିଲ୍ଲା ରେ ଏହି କାର୍ଯ୍ୟକ୍ରମକୁ ଏକ ମିଶନ ମୋଡ଼ କରିବା ପାଇଁ ପଡିବ । ଏହାର ଶତ ପ୍ରତିଶତ ସଫଳତା ହାସଲ ପାଇଁ ଦାୟିତ୍ୱର ସହ ନିଜ ନିଜ କାର୍ଯ୍ୟ ସମ୍ପାଦନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବିଦ୍ୟାଳୟ ସ୍ତରରେ ମୋବାଇଲ ହେଲଥ ୟୁନିଟ ମାଧ୍ୟମରେ ପିଲାମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ । ଏହି କାର୍ଯ୍ୟକ୍ରମ ର ବ୍ୟାପକ ପ୍ରଚାର ପ୍ରସାର ପାଇଁ ପୋଷ୍ଟର ମାଧ୍ୟମରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଙ୍କ ବୈଠକ ସ୍ଥଳରେ ଓ ବିଦ୍ୟାଳୟ ମାନଙ୍କରେ ଛାତ୍ରଛାତ୍ରୀ ଓ ମିଶନଶକ୍ତି ମହିଳା ମାନଙ୍କୁ ସଚେତନ କରିବା ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀ ଙ୍କୁ




ନିର୍ଦ୍ଦେଶ ଦେଇଥିଲେ । ବର୍ତ୍ତମାନ ଡାଇବେଟିସ ଅଧିକ ଲୋକଙ୍କୁ ହେଉଥିବାରୁ ଚିନି ଓ ତେଲ କମ ଖାଇବା ଏବଂ ଯୋଗ, ବ୍ୟାୟାମ ଅଭ୍ୟାସ କରିବାକୁ ଅଧିକ ସଚେତନତା ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ ।ଏହି ଅବସରରେ ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡା. ରାଜେନ୍ଦ୍ର ପାଣିଗ୍ରାହୀ ଏହି ଅଭିଯାନର ଲକ୍ଷ୍ୟ ଓ ଆଭିମୁଖ୍ୟ ଉପରେ ସମସ୍ତ ଅଧିକାରୀ ମାନଙ୍କୁ ଅବଗତ କରାଇ ଥିଲେ । ଏହି କାର୍ଯ୍ୟକ୍ରମ ଚଳିତ ସେପ୍ଟେମ୍ବର ୧୭ତାରିଖରୁ ଆରମ୍ଭ ହୋଇ ଅକ୍ଟୋବର ୨ତାରିଖ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ଚାଲିବ । ଏଥିରେ ମୁଖ୍ୟତଃ ଗ୍ରାମ୍ୟ ସ୍ତରରୁ ଜିଲ୍ଲା ସ୍ତର ପର୍ଯ୍ୟନ୍ତ ସମସ୍ତ ମହିଳା ହିତାଧିକାରୀ ମାନଙ୍କର ବିଭିନ୍ନ ପରୀକ୍ଷା ଯଥା ଅଣସଂକ୍ରାମକ ରୋଗ ଚିହ୍ନଟକରଣ, ଟିବି ରୋଗର ପରୀକ୍ଷା , ମା ମାନଙ୍କର ବିଭିନ୍ନ ସ୍ୱାସ୍ଥ୍ୟ ପରୀକ୍ଷା ଯଥା ଅଣସଂକ୍ରାମକ ରୋଗର ଚିହ୍ନଟ କରଣ, ଟିଭି ରୋଗର ପରୀକ୍ଷା, ଟୀକାକରଣ,ବିଭିନ୍ନ ପ୍ରକାର କର୍କଟ ରୋଗ, ସିକିଲ ସେଲ ଓ ଥାଲାସେମିଆ । ଇତ୍ୟାଦି ରୋଗର ପରୀକ୍ଷା, ଗର୍ଭବତୀ ମା ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ବିଭିନ୍ନ ସଚେତନଧର୍ମୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବୟକାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ବିଭିନ୍ନ ବିଭାଗର ସମନ୍ୱୟ ସହିତ ସମାଜର ସବୁ ବର୍ଗର ଲୋକଙ୍କୁ ଏଥିରେ ସାମିଲ କରାଯାଇ ବ୍ୟାପକ ସଚେତନତା ସୃଷ୍ଟି କରି ମହିଳା ମାନଙ୍କ ବିଭିନ୍ନ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଅଧିକ ରୁ ଅଧିକ ସଂଖ୍ୟକ ମହିଳା ଓ ମା ମାନଙ୍କ ଅଂଶ ଗ୍ରହଣ ପାଇଁ ପଦକ୍ଷେପ ନିଆଯିବ । ଏଥି ସହିତ ଏହି ଅଭିଯାନ ସମୟରେ ପି ଏଚ ସି, ସି ଏଚ ସି, ଡି ଏଚ ଏଚ ଓ ଅନ୍ୟାନ୍ୟ ସବସେଣ୍ଟର ସ୍ୱାସ୍ଥ୍ୟ କେନ୍ଦ୍ର ମାନଙ୍କରେ ସ୍ୱାସ୍ଥ୍ୟପରୀକ୍ଷା କରାଯିବ । ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଏହି କାର୍ଯ୍ୟକ୍ରମକୁ କିଭଳି ସଫଳତା ର ସହ ଜିଲ୍ଲା ରେ କରାଯିବ ସେଥିଲାଗି ସମସ୍ତ ସ୍ୱାସ୍ଥ୍ୟ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ,ଅତରିକ୍ତ ଜିଲ୍ଲାପାଳ ଶ୍ରୀ ଜ୍ୟୋତି ଶଙ୍କର ରାୟ, ମେଡିକାଲ ସୁପାରିଟେଣ୍ଡେଣ୍ଟ ଡା କେ ସି ସାହୁ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରମୋଦ କୁମାର ବାରିକ , ଡ଼ା ରଶ୍ମୀ ରଞ୍ଜନ ପଟ୍ଟନାୟକ, ଡ଼ା ବାସନ୍ତୀ ପାଲ, ଡ଼ା ଶତ୍ରୁଘ୍ନ ଦାସ ,ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ବିଷ୍ଣୁ ପ୍ରିୟା ସେଠୀ,ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ , ଜିଲ୍ଲା ଶିକ୍ଷା ଅଧିକାରୀ ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସକ, ଘରୋଇ ଚିକିତ୍ସାଳୟ ର ଚିକିତ୍ସକ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ସର୍ବ ଶେଷ ରେ ସନ୍ଧ୍ୟା ରାଣୀ ପଣ୍ଡା, ଜିଲ୍ଲା ଡେପୁଟୀ ମ୍ୟାନେଜର ଧନ୍ୟବାଦ ଅର୍ପଣ କରିଥିଲେ ।



# ବ୍ଲେଣ୍ଡର୍ସ ପ୍ରାଇଡ ପକ୍ଷରୁ 'ଫୋର ଏଲିମେଣ୍ଟସ'ର ଶୁଭାରମ୍ଭ

ଭୁବନେଶ୍ୱର,୧୫।୯ (ନି.ପ୍ର) : ପ୍ରମିୟମ ହ୍ୱିସକି ବ୍ରାଣ୍ଡମାନଙ୍କ ମଧ୍ୟରେ ସବୁଠାରୁ ଅଗ୍ରଣୀ ବ୍ରାଣ୍ଡ, ବ୍ଲେଣ୍ଡର୍ସ ପ୍ରାଇଡ ପକ୍ଷରୁ ଏହାର ନୂତନ 'ବ୍ଲେଣ୍ଡର୍ସ ପ୍ରାଇଡ ଫୋର ଏଲିମେଂଟସ'ର ଶୁଭାରମ୍ଭ କରାଯାଇଛି । ପ୍ରକୃତିର ଚାରୋଟି ମୂଳ ତତ୍ତ୍ୱରୁ ପ୍ରେରିତ, ଏହା ଏକ ସୁନିୟୋଜିତ ଓ ସୁନ୍ଦର ମିଶ୍ରଣ, ଯାହା ପ୍ରତ୍ୟେକରେ ଅଲଗା ଅଲଗା ସ୍ୱାଦର ଅନୁଭବ ଦେଇଥାଏ । ଅଭିଜ୍ଞ ହ୍ୱିସ୍କି ପ୍ରେମୀ ଓ ନୂଆ ସ୍ୱାଦ ଖୋଜୁଥିବା ଲୋକଙ୍କୁ ଆକର୍ଷିତ କରିବା ପାଇଁ ପ୍ରସ୍ତୁତ ହୋଇଥିବା ଏହି ବିଶେଷ ମିଶ୍ରଣ ବ୍ଲେଣ୍ଡର୍ସ ପ୍ରାଇଡର ଏକ ବଡ଼ ସଫଳତା ।

ମାଷ୍ଟର ବ୍ଲେଣ୍ଡର କେଭିନ ବାଲମଫୋର୍ଥ ଏହି ଅନନ୍ୟ ଏବଂ ସ୍ୱାଦିଷ୍ଟ ମାଷ୍ଟରପିସ ପ୍ରସ୍ତୁତ କରିବା ପାଇଁ ଚାରି ପ୍ରକାରର ସ୍କଚ ମାଲ୍ଟସ ସହିତ ବଛା ବଛା ଭାରତୀୟ ଶସ୍ୟକୁ ବ୍ୟବହାର କରାଯାଇଛି । ଏହି ଚାରି ତତ୍ତ୍ୱ ମିଶ୍ରଣ ହୋଇ 'ଅମ୍ବର ଡ୍ରପ'ରେ ସ୍ୱାଦର ଜୀବନତା ଭରି ଦିଏ ଏବଂ ଏହା ଏକ ଅଦ୍ଭୁତ ଅନୁଭୂତି ପାଇଁ ଆମନ୍ତ୍ରଣ କରନ୍ତି ।




ପେର୍ନୋଡ ରିଚାର୍ଡ ଇଣ୍ଡିଆର ଜେନେରାଲ ମ୍ୟାନେଜର- ମାର୍କେଟିଂ ଇସୱିଣ୍ଡର ସିଂହ କହିଛନ୍ତିଯେ, "ଉଦ୍ଭାବନ ଏବଂ ଉତ୍କର୍ଷତା ପ୍ରତି ଆମର ଉତ୍ସର୍ଗୀକୃତ ଭାବ ବ୍ଲେଣ୍ଡର୍ସ ପ୍ରାଇଡକୁ ହ୍ୱିସକି ଶିଳ୍ପରେ ଅଗ୍ରଣୀ କରାଇଛି । ଆଜି, ଆମେ ବ୍ଲେଣ୍ଡର୍ସ ପ୍ରାଇଡ ଫୋର ଏଲିମେଂଟସର ଉପସ୍ଥାପନକରି ବହୁତ ଖୁସି, ଯାହା ଆମ ଫୋର୍ଟଫୋଲିଓକୁ ଏକ ଗତିଶୀଳ ଯୋଗଦାନ ହେବାକୁ ଯାଉଛି । " ଏହି ନୂତନ ମିଶ୍ରଣର ପ୍ରସ୍ତୁତି ସଂପର୍କରେ ମତଦେଇ ମାଷ୍ଟର ବ୍ଲେଣ୍ଡର କେଭିନ ବାଲମଫୋର୍ଥ କହିଛନ୍ତି ଯେ, " ବ୍ଲେଣ୍ଡର୍ସ ପ୍ରାଇଡ ଫୋର ଏଲିମେଂଟସ ସହିତ ଆମେ ଗ୍ରାହକ ମାନଙ୍କୁ ଏକ ଅନନ୍ୟ ଏବଂ ଭିନ୍ନ ଅନୁଭୂତି ପ୍ରଦାନ କରୁଛୁ । ଏହି ପ୍ରମିୟମ ହ୍ୱିସକି ଚାରି ଶୈଳୀର ସ୍କଚ ମାଲ୍ଟ ଏବଂ ଭାରତୀୟ ଶସ୍ୟ ସ୍ପିରିଟସ ମିଶ୍ରଣରେ ଅତ୍ୟନ୍ତ ଯତ୍ନର ସହକାରେ ପ୍ରସ୍ତୁତ ହୋଇଛି । ଯାହା ମୌଳିକ ଶକ୍ତି- ପୃଥିବୀ , ବାୟୁ , ଅଗ୍ନି ଏବଂ ଜଳକୁ ବର୍ଣ୍ଣନା କରେ । "

# ବେଦାନ୍ତ ଆଲୁମିନିୟମ ୫ ଇଂଚ ବିଲେଟ୍ ଲଂଚ କରିବା ସହିତ ୧.୨୫ ଏମଟିପିଏ କ୍ଷମତା ପର୍ଯ୍ୟନ୍ତ ପୋର୍ଟଫୋଲିଓକୁ ସମ୍ପ୍ରସାରଣ କରିଛି

ଭୁବନେଶ୍ୱର,୧୫।୯ (ନି.ପ୍ର) : ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ଏବଂ ଦେଶର ଶୀର୍ଷ ବିଲେଟ୍ ନିର୍ମାତା ବେଦାନ୍ତ ଆଲୁମିନିୟମ ଆଜି ଆଲୁମିନିୟମ ଏକ୍ସଟ୍ରୁଜନ ଶିଳ୍ପ ପାଇଁ ଦେଶର ପ୍ରଥମ ଉତ୍ସର୍ଗୀକୃତ ପ୍ରଦର୍ଶନୀ ଏବଂ ସମ୍ମିଳନୀ ଆଲୁମେକ୍ସ ଇଣ୍ଡିଆ ୨୦୨୫ ରେ ଏହାର ନୂତନ ୫ ଇଂଚ ଆଲୁମିନିୟମ ବିଲେଟ୍ ଲଂଚ ଘୋଷଣା କରିଛି । ବିଭିନ୍ନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ପ୍ରୟୋଗରେ ସଠିକ୍-ଇଞ୍ଜିନିୟର୍ଡ ଆଲୁମିନିୟମର ବର୍ଦ୍ଧିତ ଚାହିଦା ପୂରଣ କରିବା ପାଇଁ ୫ ଇଂଚ ବିଲେଟ୍ ବିକଶିତ କରାଯାଇଛି । ସେମାନଙ୍କର ଉନ୍ନତ ଡିଜାଇନ୍ ଏବଂ ପ୍ରୟୋଗର ବିସ୍ତୃତ ପରିସର ସହିତ, ବେଦାନ୍ତ ଆଲୁମିନିୟମର ୫ ଇଂଚ ବିଲେଟ୍ ଭାରତ ଏବଂ ବାହାରେ ଡାଉନଷ୍ଟ୍ରିମ୍ ଶିଳ୍ପ ପାଇଁ ନୂତନ ସୁଯୋଗକୁ ଅନଲକ୍ କରିବାକୁ ପ୍ରସ୍ତୁତ ।

୫ ଇଂଚ ଆଲୁମିନିୟମ ବିଲେଟ୍ ଛୋଟରୁ ମଧ୍ୟମ ପ୍ରୋଫାଇଲ୍ ଉତ୍ପାଦନ ଏବଂ ଅଟୋମୋଟିଭ୍, ଏରୋସ୍ପେସ୍ ଏବଂ ଏଚଭିଏସି ଶିଳ୍ପ ପାଇଁ ସିମଲେସ୍ ଟ୍ୟୁବ୍ ଏକ୍ସଟ୍ରୁଡିଂ ପାଇଁ ଆଦର୍ଶ ଭାବରେ ଉପଯୁକ୍ତ । ସେମାନଙ୍କର ବହୁମୁଖୀତା କୁଲିଂ ସିଷ୍ଟମ୍ ପାଇଁ ମାଇକ୍ରୋ-ଟ୍ୟୁବ୍ ଏବଂ କଣ୍ଡେନ୍ସର ଟ୍ୟୁବ୍ ଉତ୍ପାଦନ କରିବା ସହିତ ବୈଦ୍ୟୁତିକ ବସ୍ବାର୍, ରଡ୍ ଏବଂ ହ୍ୟାଣ୍ଡେଲ୍ ଭଳି ଛୋଟ କଠିନ ପ୍ରୋଫାଇଲ୍ ମଧ୍ୟ ବିସ୍ତାର କରିଛି । ଏହା ବ୍ୟତୀତ, ବିଲେଟ୍‌ଗୁଡ଼ିକ ଝରକା ଏବଂ ଦ୍ୱାର ଫ୍ରେମ୍, ହିଟ୍ ସିଙ୍କ୍ ଏବଂ ଜଳସେଚନ ଟ୍ୟୁବ୍ ଭଳି ଫମ୍ପା ପ୍ରୋଫାଇଲ୍



ପାଇଁ ବ୍ୟବହୃତ ହୁଏ, ଏବଂ ଅଟୋମୋଟିଭ୍ ଉପାଦାନ ଏବଂ ଏରୋସ୍ପେସ୍ ଫିଟିଂ ପାଇଁ ସ୍ଲଗ୍‌ରେ କଟାଯାଇପାରିବ । ନୂତନ ୫-ଇଂଚ ଲଂଚ ସହିତ, ବେଦାନ୍ତ ଆଲୁମିନିୟମ୍ ୫ ରୁ ୧୨ ଇଂଚ ପର୍ଯ୍ୟନ୍ତ ଏକ ବିସ୍ତୃତ ବିଲେଟ୍ ପୋର୍ଟଫୋଲିଓ ପ୍ରଦାନ କରେ, ଯାହା ବିଭିନ୍ନ ଶିଳ୍ପ ଆବଶ୍ୟକତା ପାଇଁ ସମ୍ପୂର୍ଣ୍ଣ କଷ୍ଟମାଇଜେବଲ୍ ଅଟେ । ବହୁବିଧ କ୍ଷେତ୍ର ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଫିଡଷ୍ଟକ୍ ଭାବରେ, ଆମର ବିଲେଟ୍‌ଗୁଡ଼ିକ ଉନ୍ନତ ପ୍ରକ୍ରିୟା ନିୟନ୍ତ୍ରଣ ମାଧ୍ୟମରେ ଉତ୍କୃଷ୍ଟ ଧାତୁଗ୍ରାଫି, ଧାତୁ ପରିଷ୍କାରତା ଏବଂ ସ୍ଥିର ଗୁଣବତା ପ୍ରଦାନ କରେ, ଯାହା ନମନୀୟତା ଏବଂ ନିର୍ଭରଯୋଗ୍ୟ କାର୍ଯ୍ୟଦକ୍ଷତା ଉଭୟ ସୁନିଶ୍ଚିତ କରେ ।

ଏହି ଗୁରୁତ୍ୱପୂର୍ଣ୍ଣ ଲଂଚ ସହିତ, ବେଦାନ୍ତ ଆଲୁମିନିୟମ୍ ବିଶ୍ୱର ଅଗ୍ରଣୀ ବିଲେଟ୍ ଉତ୍ପାଦକମାନଙ୍କ ମଧ୍ୟରୁ ଜଣେ ଭାବରେ ଉଭା ହେବା ଏବଂ ଏଲିଟ୍ ଦଶ ମିଲିୟନ ଟନ୍ କ୍ଲବରେ ଯୋଗଦେବା ପାଇଁ ଏହାର ରୋଡମ୍ୟାପ୍ ମଧ୍ୟ ଉନ୍ମୋଚନ କରିଛି । କମ୍ପାନୀ ଏହାର ବିଲେଟ୍ କାଷ୍ଟିଂ କ୍ଷମତାକୁ ବର୍ତମାନର ୫୮୦ କେଟିପିଏ ରୁ ୧.୨୫ ଏମଟିପିଏକୁ ବିସ୍ତାର କରିବାକୁ ଯାଉଛି, ଯାହା ଭାରତରେ ଏହାର ଦୃଢ଼ ନେତୃତ୍ୱ ଉପରେ ଆଧାରିତ, ଯେଉଁଠାରେ ଏହା ଘରୋଇ ବିଲେଟ୍ ବଜାରର ଅଧାରୁ ଅଧିକ ନିୟନ୍ତ୍ରଣ କରେ । ଏହି ଅଭିବୃଦ୍ଧି ଏବଂ କମ୍ପାନୀର ପୋର୍ଟଫୋଲିଓର ୯୦% ପର୍ଯ୍ୟନ୍ତ ମୂଲ୍ୟଯୁକ୍ତ ଉତ୍ପାଦଗୁଡ଼ିକୁ ବିସ୍ତାର କରିବାର ଲକ୍ଷ୍ୟ ସହିତ, ବେଦାନ୍ତ ଆଲୁମିନିୟମ ବୈଦ୍ୟୁତିକ ଯାନ, ସୌର ଶକ୍ତି, ରେଳବାଇ, କୋଠା ଏବଂ ନିର୍ମାଣ, ମହାକାଶ ଏବଂ ପ୍ରତିରକ୍ଷା ଭଳି ଉଚ୍ଚ-ବିକାଶ ଶିଳ୍ପରୁ ବର୍ଦ୍ଧିତ ଚାହିଦା ପୂରଣ କରିବାକୁ ଲକ୍ଷ୍ୟ ରଖିଛି ।

# "ଖଲାସି ଫେନୋମେନନ ପରେ, ଆଦିତ୍ୟ ଗଡ଼ଭି ଏହି ପର୍ବାଣୀ ଋତୁରେ କୋକ୍ ଷ୍ଟୁଡ଼ିଓ ଭାରତକୁ ମିଠା ଖାରା ଆଣିଛନ୍ତି"

ଭୁବନେଶ୍ୱର,୧୫।୯ (ନି.ପ୍ର) : କୋକ୍ ଷ୍ଟୁଡ଼ିଓ ଭାରତ, ଏକ ମଂଚ୍ ଯାହା ଭାରତର ବିବିଧ ସଙ୍ଗୀତର ପାରମ୍ପରିକତାକୁ ପାଳନ କରିବା ସହିତ ଏହାର ଅଧୁନତମ ସିଜିନ ୩ ଟ୍ରାକ୍ ମିଠା ଖାରାର ଶୁଭାରମ୍ଭ କରିଛି । ନବରାତ୍ରୀ ଉତ୍ସବର ଆବେଗତାକୁ ଉପସ୍ଥାପନ କରିବା ସହିତ ଏହି ଗୀତକୁ ସଜା ଯାଇଛି ଏହାର ପ୍ରାସଙ୍ଗୀକତାକୁ ନେଇ ଯାହା ସିଦ୍ଧାର୍ଥ ଅମିତ ଭାବସାରଙ୍କ ସଙ୍ଗୀତ ପରିଚାଳନାରେ ଆସିଛି ଯେଉଁ ଲୋକ କଳାରେ ନିଜର ଦକ୍ଷତାକୁ ପ୍ରତିପାଦନ କରିଛନ୍ତି ଆଦିତ୍ୟ ଗଡ଼ଭି ତଥା ମଧୁବନ୍ତୀ ବାଗ୍‌ଚିଙ୍କ ଆବେଗପୂର୍ଣ୍ଣ ସଙ୍ଗୀତ କଳାକୁ ନେଇ ଏହା ଥାନୁଖାନଙ୍କ ସତେଜଭରା ପ୍ରତିଜ୍ଞାବଦ୍ଧତାକୁ ଉପସ୍ଥାପନ କରିଛି । କୋକ୍ ଷ୍ଟୁଡ଼ିଓ ଭାରତ ପାଇଁ ବିଶେଷ ଭାବରେ ପ୍ରସ୍ତୁତ ହୋଇଥିବା, ମିଠା ଖାରାର ମାଧୁର୍ଯ୍ୟତା ଏହାର ଲୋକତାଳର ବିଶେଷତ୍ୱ ସହିତ ପାରମ୍ପରିକ ସ୍ୱର, ଆଇକନିକ୍ ଖଲାସିର ବଂଶାନୁକ୍ରମିକତାକୁ ନେଇ ପୁନର୍ବାର ଗୁଜୁରାଟର ସାଂସ୍କୃତିକ ମୌଳିକତାକୁ ଏହା ଆଲୋକପାତ କରିଛି ।

ଦୀର୍ଘ ୬୦୦ ବର୍ଷ ପୁରୁଣା ଆଗାଦିଆ ସମ୍ପ୍ରଦାୟର ବଂଶାନୁକ୍ରମିକତାର ସ୍ୱରକୁ ଉପସ୍ଥାପିତ କରି ମିଠା ଖାରା ସେହି




ଉଦ୍ଦିଷ୍ଟକାରୀ ଦୃଢ଼ ସାମାଜିକ ପରମ୍ପରାକୁ ଉଜ୍ଜିବିତ ତଥା ପ୍ରତିଫଳିତ କରିଛି । ଗୁଜୁରାଟରେ ମିଠୁର ଅର୍ଥ ଲୁଣ, ଯାହାକି ଅତ୍ୟନ୍ତ ଜରୁରୀ କିନ୍ତୁ ଏହା କଠିନତାରେ ଭରି ରହିଥାଏ । ଅଗରିଆଙ୍କ ପାଇଁ ଏହି ଲୁଣ ସେମାନଙ୍କର ଜୀବନ ଧାରା ଠାରୁ ଆହୁରି ଅଧିକ ଅଟେ ଯାହାକି ଏକ ଐତିହ୍ୟ ପରମ୍ପରାକୁ ଧିରସ୍ଥିର ଭାବରେ ବହନ କରି ଏକ ବଂଶାନୁକ୍ରମିକତାକୁ ଅତି ଗର୍ବର ସହିତ ଆଣିପାରିଛି । ଚ୍ରିତ୍ର ମାନଙ୍କର ଅତ୍ୟନ୍ତ ଗଭୀର ଭାବଧାରାର ଦର୍ପଣ ଜରିଆରେ ଏହା ସେହି କାହାଣୀକୁ ବଖାଣିଛି, ଯାହାକି କିପରି ପ୍ରତ୍ୟେକ ପୀଢ଼ି ଏଭଳି ଏକ କାହାଣୀ ସହିତ ନିଜକୁ ସାମିଲ କରି ସେମାନଙ୍କର ଭାବାବେଗକୁ ଏଭଳି ଦୁଇଟି ଅର୍ଥରେ ନେଇଛନ୍ତି ଯେଉଁଠାରେ ଏହା ହାର୍ସ (ଖାରା) ଭାବରେ ଦେଖାଦେଇଛି ବାସ୍ତବ କ୍ଷେତ୍ରରେ ସେମାନଙ୍କର ମଧୁରତା (ମିଠା) ଏଠାରେ ଉତରାଧିକାରୀ ଅଟେ । ତେଣୁ ସେଥିପାଇଁ ମିଠା ଖାର ଏଠାରେ ଜୀବନ ପ୍ରଦାନ କରିଛି ଏକ ସଙ୍ଗୀତ ଭାବରେ ଯାହାକି ସେମାନଙ୍କର ପରିଚ୍ୟକୁ ଏଠାରେ ସ୍ଥିର କରିପାରିଛି ଏବଂ ଏକ ସମ୍ପ୍ରଦାୟର ଲୁଣ ଭଳି ରହିଥିବା ଆତ୍ମୀୟତାକୁ ସବୁ ସମୟରେ ପ୍ରତିଧ୍ୱନିତ କରିପାରିଛି । ଶାନ୍ତନୁ ଗାଙ୍ଗାନେ, ଆଇଏମଏକ୍ସ (ଇଂଟିଗ୍ରେଟେଡ଼ ମାର୍କେଟିଙ୍ଗ ଏକ୍ସପେରିନସ୍) ଲିଡ଼, କୋକା-କୋଲା ଆଇଏନଏସଡ଼ବ୍ଲୁଏ ନିଜର ମତବ୍ୟକ୍ତ କରି କହିଛନ୍ତି, "ପର୍ବାଣୀ ଏଭଳି ଏକ ଘଟଣା ଅଟେ ଯେଉଁଠାରେ ସଙ୍ଗୀତ ଏହାର ସାଂସ୍କୃତିକ ସହିତ ସଂଯୋଗ ହୋଇ ରହିଥାଏ । ମିଠା ଖାରା ସହିତ ଆମର ଆତ୍ମୀୟତା ଏକ ସେତୁ ସୃଷ୍ଟି କରୁଛି ଯାହା ପରମ୍ପରା ଏବଂ ଯୁବକ ମାନଙ୍କର ସଙ୍ଗୀତ ପ୍ରତି ଥିବା ଆତ୍ମୀୟତାକୁ ପାରମ୍ପରିକ ଶୈଳୀରେ ଏହା ସହିତ ସଂଯୋଗ କରିପାରୁଛି । କୋକ୍ ଷ୍ଟୁଡ଼ିଓ ଭାରତ ଏକ ମଂଚ୍ ପ୍ରଦାନ କରୁଛି ଯେଉଁଠାରେ କିମ୍ବଦନ୍ତୀ ସ୍ୱର ଗୁଡ଼ିକ ଏକାଠି ହୋଇଛି ସେହିମାନଙ୍କ ଦ୍ୱାରା ଯାହା ମଧ୍ୟରେ ରହିଛନ୍ତି ଆଦିତ୍ୟ ଗଡ଼ଭି ଏବଂ ମଧୁବନ୍ତୀ ବାଗ୍‌ଚିଙ୍କ ସହିତ ଯୁବ ପ୍ରତିଭାବାନ ଥାନୁଖାନ ଯିଏକି ବାସ୍ତବ କାହାଣୀର ସୃଷ୍ଟିକର୍ତା ଯାହା ସଙ୍ଗୀତ, ସଂସ୍କୃତି ଏବଂ ଗ୍ରାହକ ମାନଙ୍କୁ ସମଗ୍ର ଭାରତରେ ଗୋଟିଏ ସୂତ୍ରରେ ଯୋଡ଼ି ପାରିଛି ।"

# ଇରେଡା ପକ୍ଷରୁ ପର୍ପେଚୁଆଲ ବଣ୍ଡ୍ ଜରିଆରେ ୪୫୩ କୋଟିଟଙ୍କା ସଂଗ୍ରହ

ଭୁବନେଶ୍ୱର,୧୫।୯ (ନି.ପ୍ର) : ଭାରତୀୟ ଅକ୍ଷୟ ଶକ୍ତି ବିକାଶ ଏଜେନ୍ସି ଲିମିଟେଡ୍ (ଇରେଡା) ଏହାର ଦ୍ୱିତୀୟ ପର୍ପେଚୁଆଲ୍ ବଣ୍ଡସ ଜାରିକରି ବାର୍ଷିକ ୭.୭୦ ପ୍ରତିଶତ ରିଟର୍ଣ୍ଣ ସହ ୪୫୩ କୋଟିଟଙ୍କା ସଂଗ୍ରହ କରିଛି । ସବୁଜଶକ୍ତି ପ୍ରକଳ୍ପଗୁଡ଼ିକୁ ପାଣ୍ଠି ପ୍ରଦାନ କରିବାରେ କମ୍ପାନିର ପୁଞ୍ଜି ଆଧାରକୁ ସୁଦୃଢ଼ କରିବା ଦିଗରେଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଏହି ଇସ୍ୟୁ ପାଇଁ ନିବେଶକଙ୍କ ପ୍ରବଳ ଆଗ୍ରହ ଦେଖିବାକୁ ମିଳିଥିଲା । ୧୦୦ କୋଟିଟଙ୍କାର ମୂଳ ଆକାର ଏବଂ ୪୦୦ କୋଟିଟଙ୍କାର ଗ୍ରିନ୍ ସୋବିକଳ୍ପ ପାଇଁ ୧୩୪୩ କୋଟିଟଙ୍କାର ବିଡ୍ ଆସିଥିଲା । ଫଳରେ ଇସ୍ୟୁ ୨.୬୯ ଗୁଣା ଅଧିକ ସବ୍‌ସ୍କ୍ରାଇବ୍ ହୋଇଥିଲା । ତାହା ଭାରତର ଅକ୍ଷୟଶକ୍ତି କ୍ଷେତ୍ରର ଅଗ୍ରଣୀ ଫାଇନାନ୍ସ ପ୍ରଦାନକାରୀ ଭାବେ ଇରେଡାର ଭୂମିକା ଉପରେ ବଢୁଥିବା ବିଶ୍ୱାସକୁ ଦର୍ଶାଉଛି । ଏହା ଉପରେ ମତ ରଖି ଇରେଡାର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଶ୍ରୀ ପ୍ରଦୀପ କୁମାର ଦାସ କହିଛନ୍ତି ଯେ, "ଏହିବଣ୍ଡ୍ ଆମର ଟାୟାର-୧ ପୁଞ୍ଜିକୁ ସୁଦୃଢ଼ କରିବ ଏବଂ ଅକ୍ଷୟଶକ୍ତି ଫାଇନାନ୍ସକୁ ବଢ଼ାଇବାରେ ସହାୟକ ହେବ ଯାହା ଏକ ସବୁଜ ଓ ଅଧିକ ସ୍ଥାୟୀ ଭବିଷ୍ୟତ ଆଡ଼କୁ ଭାରତର ପରିବର୍ତନକୁ ତ୍ୱରାନ୍ୱିତ କରିବ । ଇରେଡା ଉପରେ ଜାରି ରଖିଥିବା ବିଶ୍ୱାସ ଏବଂ ଜବରଦସ୍ତ ସମର୍ଥନ ଦେଇଥିବା ସମସ୍ତ ନିବେଶକଙ୍କୁ ମୁଁ ହାର୍ଦ୍ଦିକ କୃତଜ୍ଞତା ଜଣାଉଛି । ଅକ୍ଷୟଶକ୍ତି ବ୍ୟବସ୍ଥା ଓ ଦେଶକୁ ଶ୍ରେଷ୍ଠ ମୂଲ୍ୟ ପ୍ରଦାନ କରିବାରେତାହା ଆମକୁ ଅନୁପ୍ରାଣିତ କରିବ ।'' ପର୍ପେଚୁଆଲ୍ ବଣ୍ଡରେ ବିନା ମାଚ୍ୟୁରିଟି କିମ୍ବା ରିଡେମ୍ପସନ ସମେତ ସ୍ୱତନ୍ତ୍ର ସୁବିଧା ରହିଛି ଏବଂ କେବଳ କମ୍ପାନି ବିକଳ୍ପରେ ତାହାକୁ ହାସଲ କରିହେବ । ଏହି ପ୍ରତିଭୂତି ବାର୍ଷିକ ୭.୭୦ ପ୍ରତିଶତ ରିଟର୍ଣ୍ଣ ପ୍ରଦାନ କରୁଥିବାବେଳେ୧୦ ବର୍ଷହାସଲ ନ କଲେବଣ୍ଡର ଜୀବନକାଳରେ ୫୦ ପଏଂଟ୍ ପ୍ରତିଶତ ଷ୍ଟେପଅପ୍ ଦେବ । ଏହି ହାଇବ୍ରିଡ୍ ଉପକରଣରେ ଇକ୍ୱିଟିଭଳି ଗୁଣ ରହିଥିବା ବେଳେ ଇରେଡାର ସ୍ଥିର ଓ ଦୀର୍ଘକାଳୀନ ପୁଞ୍ଜି ଉତ୍ସ ପ୍ରଦାନ କରୁଛି ।

# ଆମାଜନ ପେ ଓ ଆଇସିଆଇସିଆଇ ବ୍ୟାଙ୍କ ମଧ୍ୟରେ ସହଯୋଗିତାର ନବୀକରଣ

ଭୁବନେଶ୍ୱର,୧୫।୯ : ଆମାଜନ ପେ ଓ ଆଇସିଆଇସିଆଇ ବ୍ୟାଙ୍କ ପକ୍ଷରୁ ଆମାଜନ ପେ ଆଇସିଆଇସିଆଇ ବ୍ୟାଙ୍କ କ୍ରେଡିଟ କାର୍ଡ ପାଇଁ ସେମାନଙ୍କ ଦୀର୍ଘକାଳୀନ ସହଯୋଗିତାର ନବୀକରଣ ଘୋଷଣା କରିଛନ୍ତି । ଏହା ହେଉଛି ଭାରତର ସବୁଠୁ ଅଧିକ ଗ୍ରହଣୀୟ ହୋଇଥିବା କୋ-ବ୍ରାଣ୍ଡେଡ କ୍ରେଡିଟ କାର୍ଡ ଯାହାର ୫ ନିୟୁତରୁ ଅଧିକ ଗ୍ରାହକ ରହିଛନ୍ତି । ୨୦୧୮ରେ ଶୁଭାରମ୍ଭ ହେବା ପରଠାରୁ ଏହି କାର୍ଡ ସରଳ, ସ୍ୱଚ୍ଛ ରିୱାର୍ଡ ଓ ନିରବଚ୍ଛିନ୍ନ ସୁବିଧା ଜରିଆରେ ଡିଜିଟାଲ ପେମେଂଟକୁ ବଦଳାଇଛି । ୨୦୨୫ ଅକ୍ଟୋବର ୧୧ରୁ ଲାଗୁ ହେଉଥିବା ଆମାଜନ ପେ ଆଇସିଆଇସିଆଇ ବ୍ୟାଙ୍କ କ୍ରେଡିଟ କାର୍ଡରେ ଅନ୍ତର୍ଜାତୀୟ କାରବାରରେ ଫୋରେକ୍ସ ଫି ହ୍ରାସ ପାଇବ । ଏଥିରେ ଆମାଜନ ପ୍ରାଇମ ସଦସ୍ୟମାନେ ସପିଂ ଓ ଭ୍ରମଣ ବୁକିଂ ଉପରେ ୫%ର ଅସୀମିତ କ୍ୟାସବ୍ୟାକ ସୁବିଧା ପୂର୍ବଭଳି ପାଇପାରିବେ ଏବଂ ଅଣ ପ୍ରାଇମ ସଦସ୍ୟଙ୍କୁ ୩% ଅସୀମିତ ରିୱାର୍ଡ ମିଳିବ । ଏହି ସୁବିଧାଗୁଡ଼ିକ ସହିତ ଏହି କାର୍ଡ ଭାରତର ସବୁଠୁ ଭଲ ରିୱାର୍ଡ ପ୍ରଦାନ କରୁଥିବା ସବୁଦିନିଆ କ୍ରେଡିଟ କାର୍ଡରେ ପରିଣତ ହୋଇଛି । ଏ ସମ୍ପର୍କରେ ଆମାଜନ ପେ ଇଣ୍ଡିଆର କ୍ରେଡିଟ ଓ ଲେଣ୍ଡିଂ ଡାଇରେକ୍ଟରର ଶ୍ରୀ ମୟଙ୍କ ଜୈନ କହିଛନ୍ତି ଯେ, 'ଏହି ସୁବିଧାଗୁଡ଼ିକ ସହିତ ଆମେ ଭାରତର ସବୁଠୁ ବିଶ୍ୱସନୀୟ କୋ-ବ୍ରାଣ୍ଡେଡ କ୍ରେଡିଟ କାର୍ଡକୁ ନୂଆ ଶିଖରରେ ପହଂଚାଇଛୁ । ୫ ନିୟୁତରୁ ଅଧିକ ଗ୍ରାହକ ନିରନ୍ତର ଭାବେ ଅସୀମିତ କ୍ୟାସବ୍ୟାକ, ଶୂନ ସାମିଲ ହେବା ଏବଂ ବାର୍ଷିକ ଫି ଏବଂ ନିରବଚ୍ଛିନ୍ନ ରିଡେମ୍ପସନ ସୁବିଧା ଉପଯୋଗ କରୁଛନ୍ତି । ଗ୍ରାହକଙ୍କ ପାଇଁ ସର୍ବାଧିକ ଗୁରୁତ୍ୱ ରଖୁଥିବା ସବୁଦିନିଆ ଅତ୍ୟାବଶ୍ୟକ ଜିନିଷ ଏବଂ ଏବେ ଭ୍ରମଣ ଭଳି ବର୍ଗରେ ଗ୍ରାହକଙ୍କ ତରଫରୁ ନବସୃଜନ ଜାରି ରଖିବା ଏବଂ ରିୱାର୍ଡକୁ ସୁଦୃଢ଼ କରିବାକୁ ଆମେ ପ୍ରତିବଦ୍ଧ ରହିଛୁ । ଏହି ଉନ୍ନତି ଗ୍ରାହକଙ୍କ ପ୍ରତି ଆମର ରହିଥିବା ଆଗ୍ରହ ଏବଂ ଲୋକଙ୍କ ନିତିଦିନିଆ ଜୀବରେ ଋଣକୁ ସହଜରେ ସାମିଲ କରିବା ପାଇଁ ଆମର ରହିଥିବା ପ୍ରତିବଦ୍ଧତାକୁ ଦର୍ଶାଉଛି ।'' ଆଇସିଆଇସିଆଇ ବ୍ୟାଙ୍କର କାର୍ଡସ ଓ ପେମେଂଟ ସମାଧାନର ମୁଖ୍ୟ ଶ୍ରୀ ବିପୁଳ ଅଗ୍ରୱାଲ କହିଛନ୍ତି ଯେ, 'ଆମାଜନ ପେ ଆଇସିଆଇସିଆଇ ବ୍ୟାଙ୍କ କ୍ରେଡିଟ କାର୍ଡ ହେଉଛି ଦେଶର ଅନ୍ୟତମ ଦ୍ରୁତ ଅଭିବୃଦ୍ଧିଶୀଳ କୋବ୍ରାଣ୍ଡେଡ କ୍ରେଡିଟ କାର୍ଡ । ଆମାଜନ ପେ ସହିତ ଆମ ସହଯୋଗିତାର ନବୀକରଣ କରିବା ଏବଂ ଗ୍ରାହକଙ୍କୁ ଉନ୍ନତ ସୁବିଧା ଯୋଗାଇ ଦେଉଥିବାରୁ ଆମେ ଉଲ୍ଲସିତ । ଉତମ ରିୱାର୍ଡ ଓ ନମନୀୟତ ରିଡିମ ବିକଳ୍ପକୁ ନେଇ ଭାରତୀୟ ଗ୍ରାହକଙ୍କ ମଧ୍ୟରେ ଭ୍ରମଣ ବଢ଼ିବାର ଆଗ୍ରହକୁ ଆମେ ଦେଖିପାରୁଛୁ । ଫୋରେକ୍ସ ଫି କମ କରି ଆମେ ଡିଜିଟାଲ ଅଭ୍ୟସ୍ତ ଗ୍ରାହକଙ୍କ ପାଇଁ କାର୍ଡକୁ ଆହୁରି ଆକର୍ଷଣୀୟ କରିପାରିଛୁ ଯେଉଁମାନେ ପେମେଂଟରେ ସ୍ମାର୍ଟ ଉପାୟ ଖୋଜୁଛନ୍ତି ।''

# ଆମାଜନ ପକ୍ଷରୁ 'ୟର୍ଲି ଡେଜ୍' ଅଫର

ଭୁବନେଶ୍ୱର,୧୫।୯ (ନି.ପ୍ର) : ଆମାଜନ ଗ୍ରେଟ ଇଣ୍ଡିଆନ ଫେଷ୍ଟିଭାଲ ୨୦୨୫ ପୂର୍ବରୁ ଆମାଜନ ଡଟ୍ ଇନ ପକ୍ଷରୁ 'ୟର୍ଲି ଡିଲ୍‌ସ'ର ଉନ୍ମୋଚନ କରାଯାଇଛି ଯାହା ଗ୍ରାହକଙ୍କୁ ଆସନ୍ତା ସେପ୍ଟେମ୍ବର ୧୩ ତାରିଖରୁ ଉତ୍ସାହଜନକ ପ୍ରି-ଫେଷ୍ଟିଭାଲ ଅଫର୍ ପ୍ରଦାନ କରୁଛି । ତେବେ ମୁଖ୍ୟ ଉତ୍ସବ ବା ଆମାଜନ ଗ୍ରେଟ ଇଣ୍ଡିଆନ ଫେଷ୍ଟିଭାଲ ଆସନ୍ତା ସେପ୍ଟେମ୍ବର ୨୩ ତାରିଖରେ ଆରମ୍ଭ ହେବ ଏବଂ ପ୍ରାଇମ ମେମ୍ବରମାନେ ସ୍ୱତନ୍ତ୍ର ଭାବେ ୨୪ ଘଂଟା ପୂର୍ବରୁ ୟର୍ଲି ଆକ୍‌ସେସକୁ ଉପଭୋଗ କରିପାରିବେ । ଚଳିତ ବର୍ଷର ଏହି ସପିଙ୍ଗ ଫେଷ୍ଟିଭାଲ ପାର୍ବଣ ଉତ୍ସବକୁ ପରିପୂର୍ଣ୍ଣ କରିବା ପାଇଁ ବିସ୍ତୃତ ଡେଲିଭରି ନେଟ୍‌ୱର୍କ, ଏଆଇ-ପରିଚାଳିତ ସପିଙ୍ଗ ଟୁଲ ଓ ସ୍ୱତନ୍ତ୍ର ଏଂଟରଟେନ୍‌ମେଂଟ ବିକଳ୍ପ ମାଧ୍ୟମରେ ଉନ୍ନତ ସପିଙ୍ଗ ଅନୁଭୂତି ଆଣିଛି । ଏହି ସପିଂ ଇଭେଂଟ ସମୟରେ ପ୍ରାଇମ ସଦସ୍ୟମାନେ ଚମତ୍କାର ମୂଲ୍ୟ ପାଇପାରିବେ । ୨୪ ଘଂଟା ପୂର୍ବରୁ ୟର୍ଲି ଆକ୍‌ସେସ ବ୍ୟତୀତ ପ୍ରାଇମ ମେମ୍ବରମାନେ ସ୍ୱତନ୍ତ୍ର 'ପ୍ରାଇମ ଧମାକା ଅଫର'କୁ ଉନ୍ମୋଚନ କରିପାରିବେ ଯେଉଁଥିରେ ପାର୍ବଣ ଅବଧି ସମୟରେ ଆକର୍ଷଣୀୟ ଡିଲ ଓ ପ୍ରାଇମ-ଓନ୍‌ଲି ଅଫର ଉପଲବ୍ଧ ରହିବ । ଆମାଜନ ପକ୍ଷରୁ ଏହି ସପିଂ ଇଭେଂଟ ସମୟରେ ଆମାଜନ ଇନ୍‌ଫ୍ଲୁଏନ୍ସର ପ୍ରୋଗ୍ରାମ ମାଧ୍ୟମରେ ସପେବୁଲ କଂଟେଂଟ ଦ୍ୱାରା ଡିଲଗୁଡିକୁ ପ୍ରଦର୍ଶିତ କରିବା ପାଇଁ ସମୀରା ରେଡି, ରାଜୀବ ମଖ୍‌ନି ଓ ରଣବୀର ବ୍ରାରଙ୍କ ସମେତ ୧ ଲକ୍ଷରୁ ଅଧିକ କ୍ରିଏଟରଙ୍କୁ ନିୟୋଜିତ କରାଯିବ । ଏହି ପଦକ୍ଷେପ ୩୦୦୦ରୁ ଅଧିକ କ୍ରିଏଟରଙ୍କ ସହିତ ଏଲିଭେଟ, ଫ୍ୟାଶନ, ହୋମ୍ ଓ ନୂଆ ଟେକ୍ ଇନ୍‌ଫ୍ଲୁଏନ୍ସର ପ୍ରୋଗ୍ରାମ ଭଳି ସ୍ୱତନ୍ତ୍ର ପ୍ରୋଗ୍ରାମଗୁଡ଼ିକୁ ବ୍ୟାପ୍ତ ରହିଛି । ସପିଙ୍ଗକୁ ଆହୁରି ରିୱାର୍ଡିଙ୍ଗ କରିବା ପାଇଁ ଆମାଜନ ପେ' ଲାଟର ପକ୍ଷରୁ ଫ୍ୟାଶନ, ଫର୍ଣ୍ଣିଚର, କିଚେନ ଆପ୍ଲାଏନ୍ସ ଆଦି ବର୍ଗରେ ପରବର୍ତୀ ୩ ମାସ ପାଇଁ ସ୍ୱତନ୍ତ୍ର ନୋ-କଷ୍ଟ ଇଏମଆଇ ପ୍ଲାନ ପ୍ରଦାନ କରାଯାଉଛି । ଯୋଗ୍ୟ ଗ୍ରାହକମାନେ ସପିଂ, ରିଚାର୍ଜ , ବିଲ୍ ପେମେଂଟ ଓ ଆମାଜନ ଡଟ୍ ଇନରେ ଟ୍ରାଭେଲ ବୁକିଂ ଉପରେ ୬୦,୦୦୦ ଟଙ୍କା ପର୍ଯ୍ୟନ୍ତ ତତ୍କାଳ ଋଣ ପାଇପାରିବେ । ରିୱାର୍ଡସ ଗୋଲ୍ଡ ପ୍ରୋଗ୍ରାମ ମାଧ୍ୟମରେ ଗତ ୩ ମାସରେ ୨୫ଟି ଟ୍ରାଞ୍ଜାକ୍ସନ ସମ୍ପୂର୍ଣ୍ଣ କରିଥିବା ପ୍ରାଇମ ମେମ୍ବରମାନେ ନିର୍ଦ୍ଦିଷ୍ଟ ବର୍ଗରେ ୫%ର ନିଶ୍ଚିତ କ୍ୟାଶବ୍ୟାକ (ଅଣ ପ୍ରାଇମ ସଦସ୍ୟଙ୍କ ପାଇଁ ୩%) ପାଇବେ । ଆମାଜନର ଏହି ସପିଂ ଇଭେଂଟ ସମୟରେ ଗ୍ରାହକମାନେ ଆମାଜନ ଡଟ୍ ଇନରେ ୧ ଲକ୍ଷରୁ ଅଧିକ ଉତ୍ପାଦ ଉପରେ ସର୍ବନିମ୍ନ ମୂଲ୍ୟ, ଉତ୍ସାହଜନକ ଡିଲ ଓ ଅଫର, ପ୍ରମୁଖ ବ୍ରାଣ୍ଡଗୁଡିକରୁ ୩୦,୦୦୦ରୁ ଅଧିକ ନୂଆ ଲଂଚ ଆଦି ଅନ୍ୱେଷଣ କରିପାରିବେ । ଏହି ସମୟରେ ଗ୍ରାହକମାନେ ଏସବିଆଇ କ୍ରେଡିଟ ଓ ଡେବିଟ କାର୍ଡ ଏବଂ ଇଏମଆଇ ଟ୍ରାଞ୍ଜାକ୍ସନ ଉପରେ ୧୦%ର ତତ୍କାଳ ରିହାତି ଉପଭୋଗ କରିପାରିବେ । ସେହିପରି ଆମାଜନ ବିଜ୍‌ନେସ୍ ପକ୍ଷରୁ ଇଲେକ୍‌ଟ୍ରୋନିକ୍ସ, ଅଫିସ ଉପକରଣ, ଆପ୍ଲାଏନ୍ସ, ଅଫିସ ଡେକୋର ଓ ଫର୍ଣ୍ଣିଚର ଭଳି ବର୍ଗରେ ୬୫% ପର୍ଯ୍ୟନ୍ତ ରିହାତି ଦିଆଯାଉଛି ।

# ବଲାଙ୍ଗିରଠାରେ"ସିଟ୍ରସ୍"ର ନୂତନ ଶୋ ରୁମ୍ ଖୋଲିଲା

ବଲାଙ୍ଗିର,୧୫।୯ (ନି.ପ୍ର) : ଓଡିଶାର ପ୍ରିୟ ପୁରୁଷ ବ୍ରାଣ୍ଡ "ସିଟ୍ରସ୍" କ୍ଲୁଥିଂ ଷ୍ଟୋର୍ ଏହାର ନୂତନ ଷ୍ଟୋର୍ ବଲାଙ୍ଗିରଠାରେ ଶୁଭ ଉଦ୍‌ଘାଟନ କରିବା ସହ ଏହାର ସଫଳତାର କାହାଣୀ ଜାରି ରଖିଛି । ଚଳିତ ବର୍ଷ ଫେବୃୟାରୀ ମାସରେ ଭୁବନେଶ୍ୱର, ପୁରୀ ଓ ଅନୁଗୁଳଠାରେ ମାତ୍ର ୪୮ଘଣ୍ଟା ବ୍ୟବଧାନରେ "ସିଟ୍ରସ୍"ର ତିନୋଟି ନୂତନ ଷ୍ଟୋର୍ ଆରମ୍ଭ କରାଯାଇ ରେକର୍ଡ ସୃଷ୍ଟି ହୋଇଥିଲା ଏବଂ ଗ୍ରାହକମାନଙ୍କଠାରୁ ଜବରଦସ୍ତ ପ୍ରତିକ୍ରିୟା ମିଳିଥିଲା । ଷ୍ଟୋର୍‌କୁ ଆହୁରି ବିସ୍ତାର କରିବାର ପ୍ରତିଶୃତିକୁ ପୂରଣ କରି ସିଟ୍ରସ୍ ବଲାଙ୍ଗିରଠାରେ (୮୦୦ବର୍ଗଫୁଟ)ର ଏକ ନୂତନ ଆଉଟ୍‌ଲେଟ୍ ଖୋଲିଛି । ଏହି ଉଦ୍‌ଘାଟନୀ ଉତ୍ସବରେ ବିଶିଷ୍ଟ ଅଭିନେତା ସବ୍ୟସାଚୀ ମିଶ୍ର ମୁଖ୍ୟ ଅତିଥି ରୂପେ ଯୋଗଦେଇ ଏହି ଷ୍ଟୋର୍‌ର ଉଦ୍‌ଘାଟନ କରିଥିଲେ । ସିଟ୍ରସ୍ କ୍ଲୁଥିଂର ପରିଚାଳନା ନିର୍ଦ୍ଦେଶକ ହିତେଶ ଜୈନ୍ ଏବଂ ସିଟ୍ରସ୍ କ୍ଲୁଥିଂର ସିଏମ୍‌ଓ ତଥା ରିଟେଲ୍ ମୁଖ୍ୟ ସୟମ୍ ସିଂଘବିଙ୍କ ସମେତ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଏଥିରେ ଯୋଗଦେଇଥିଲେ । ଏଥିରେ ଫ୍ରାଞ୍ଚାଇଜ୍ ଡିଷ୍ଟ୍ରିବ୍ୟୁଟର ଶ୍ୟାମ ସୁନ୍ଦର ସନ୍ଥୋଲିଆ, ଫ୍ରାଞ୍ଚାଇଜ୍ ଡିଷ୍ଟ୍ରିବ୍ୟୁଟର ଉମେଶ ଅଗ୍ରୱାଲ ଏବଂ ସିଟ୍ରସ୍‌ର ଫ୍ରାଞ୍ଚାଇଜ୍ ମାଲିକ ରାମଚନ୍ଦ୍ର ଅଗ୍ରୱାଲ ମଧ୍ୟ ଉପସ୍ଥିତ ଥିଲେ । ଏହି ଅବସରରେ ସିଟ୍ରସ୍ ଏହାର ଫେଷ୍ଟିଭ ଅଫର ମଧ୍ୟ ଘୋଷଣା କରିଥିଲା । ଯେଉଁ ଗ୍ରାହକମାନେ ୪,୯୯୯ କିମ୍ବା ତା ଠାରୁ ଅଧିକ ମୂଲ୍ୟର ପୋଷାକ କିଣିବେ ସେମାନେ ଏକ ଆକର୍ଷଣୀୟ ଲକି ଡ୍ର ପାଇଁ ଯୋଗ୍ୟ ବିବେଚିତ ହେବେ । ପ୍ରତ୍ୟେକ ଷ୍ଟୋର୍‌ରେ ଜଣେ ଭାଗ୍ୟବାନ ଗ୍ରାହକଙ୍କୁ ୩୨ ଇଞ୍ଚର ଏଲ୍‌ଇଡି ଟିଭି ପ୍ରଦାନ କରାଯିବ ଏବଂ ପାଞ୍ଚଟି ସିଟ୍ରସ୍ ଷ୍ଟୋର୍‌ରେ ଜଣେ ମହା ପୁରସ୍କାର ବିଜେତାଙ୍କୁ ଏକ ରୟାଲ ଏନ୍‌ଫିଲ୍ଡ ହଣ୍ଟର ମୋଟର ସାଇକେଲ ମିଳିବ । ୨୪ ଘଣ୍ଟା ମଧ୍ୟରେ ବଲାଙ୍ଗିର ଓ ନୂଆପାଟଣା ଠାରେ ଦୁଇଟି ନୂତନ ଷ୍ଟୋର୍ ଖୋଲି ରେକର୍ଡ ସୃଷ୍ଟି କରିଛନ୍ତି ।




# ଡାବର ଏବଂ ରେକିଟ୍ ମିଶୋ ମଲ୍ ସହିତ ବ୍ୟକ୍ତିଗତ ଯତ୍ନ ଉତ୍ପାଦଗୁଡ଼ିକର ବ୍ୟାପକ ପ୍ରବେଶକୁ ସକ୍ଷମ କରିବା ପାଇଁ ସହଭାଗୀ ହୋଇଛି

ଭୁବନେଶ୍ୱର,୧୫।୯ (ନି.ପ୍ର) : ମିଶୋ ମଲ୍ ଏଫଏମସିଜି ଉତ୍ପାଦର ଅଗ୍ରଣୀ ଖେଳାଳୀ ଡାବର ଏବଂ ରେକିଟ୍ ସହିତ ସହଭାଗୀତା ଘୋଷଣା କରିଛି, ଯାହା ସେମାନଙ୍କର ବିଶ୍ୱସ୍ତ ବ୍ୟକ୍ତିଗତ ଯତ୍ନ ବ୍ରାଣ୍ଡଗୁଡ଼ିକୁ ସାରା ଭାରତରେ ଗ୍ରାହକଙ୍କ ପାଖରେ ପହଂଚାଇଛି । ଏହି ସହଭାଗୀତା ସହିତ, ଡୁରେକ୍ସ, ମୁଭ, ଭେଟ୍, ଡେଟଲ୍ ଏବଂ ଡାବର ଭଳି ଘରୋଇ ନାମଗୁଡ଼ିକ ଏବେ ମିଶୋର ମୂଲ୍ୟ-ସଚେତନ ଗ୍ରାହକମାନଙ୍କ ପାଇଁ, ବିଶେଷକରି ଟାୟାର-୨+ ସହରଗୁଡ଼ିକରେ ଉପଲବ୍ଧ ହେବ ।

ଏହି ସହଯୋଗ ଗୁଣାତ୍ମକ ଉତ୍ପାଦଗୁଡ଼ିକୁ ଭାରତୀୟ ପରିବାର ତଥା ସୁଲଭ କରିବା ପାଇଁ ଏକ ସହଭାଗୀ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ । ବିସ୍ତାରିତ ପୋର୍ଟଫୋଲିଓ ବ୍ୟକ୍ତିଗତ ଯତ୍ନ ବର୍ଗରେ ମିଶୋ ମଲ୍‌ର ଉପସ୍ଥିତିକୁ ଆହୁରି ମଜବୁତ କରିବ ।

ଲଂଚ ହେବାର ଗୋଟିଏ ମାସ ମଧ୍ୟରେ, ପ୍ଲାଟଫର୍ମଟି କେଶ ତେଲ, ମୁଖ ଯତ୍ନ ଏବଂ ବ୍ୟକ୍ତିଗତ ପରିଚ୍ଛନ୍ନତା ଭଳି ବର୍ଗରେ ଆକର୍ଷଣ ଦେଖିଛି, ଯେଉଁଥିରେ ରୁରକି, ଜବଲପୁର, ତାଞ୍ଜାଭୁର, ନାସିକ୍ ଏବଂ ଶିଲଂ ଭଳି ସହରରୁ ଉଚ୍ଚ ଆକର୍ଷଣ ଆସିଛି । ଉଲ୍ଲେଖନୀୟ ଭାବରେ, ନୂତନ ଅନଲାଇନ୍ କ୍ରେତାମାନଙ୍କ ମଧ୍ୟରୁ ଅଧିକାଂଶ ଟାୟାର ୨+ ଅଂଚଳରୁ ଆସିଛନ୍ତି, ଯାହା ମେଟ୍ରୋ ସହର ବାହାରେ ମୂଲ୍ୟ-ଚାଳିତ ଉତ୍ପାଦ ପାଇଁ ବଢୁଥିବା ଆଗ୍ରହକୁ ପ୍ରତିଫଳିତ କରୁଛି ।

ଆଗକୁ ମିଶୋ ଅତିରିକ୍ତ ବ୍ରାଣ୍ଡଗୁଡ଼ିକୁ ବଜାୟ ରଖି ଏବଂ ଅନ୍ବୋର୍ଡ କରି ଏହାର ଉତ୍ପାଦ ସଂଗ୍ରହକୁ ବିସ୍ତାର କରିବାକୁ ଯୋଜନା କରୁଛି, ସେମାନଙ୍କୁ କମ ଟିକେଟ୍ ଉତ୍ପାଦ ପ୍ରଦାନ କରିବାକୁ ଏବଂ ଉଚ୍ଚ ଫ୍ରିକ୍ୱେନ୍ସି ଉତ୍ପାଦ ବର୍ଗଗୁଡ଼ିକରେ ପ୍ରବେଶ ବୃଦ୍ଧି କରିବାକୁ ଅନୁମତି ଦେବା ସହିତ ଏକ ସ୍ୱତନ୍ତ୍ର ମୂଲ୍ୟର ସିକେୟୁ ପ୍ରଚଳନ କରି ଏବଂ କ୍ୟୁରେଟେଡ୍ ବଣ୍ଡଲ୍ ପ୍ରଦାନ କରିଛି । ଟାୟାର ୨+ ବଜାରରେ ମିଶୋର ଉପସ୍ଥିତିକୁ ବ୍ୟବହାର କରି, ମିଶୋ ଅଂଶୀଦାର ବ୍ରାଣ୍ଡଗୁଡ଼ିକୁ ସୁଲଭ, ବିଶ୍ୱସ୍ତ ବିକଳ୍ପ ଖୋଜୁଥିବା ଭାରତୀୟ ପରିବାର ସହିତ ସେମାନଙ୍କର ସଂଯୋଗକୁ ମଜବୁତ କରିବାରେ ସାହାଯ୍ୟ କରିବାକୁ ଲକ୍ଷ୍ୟ ରଖିଛି ।



# ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ୧୩୩ଟି ଅଭିଯୋଗ

ଡେଲାଙ୍ଗ,୧୫।୯ (ନି.ପ୍ର) : ଡେଲାଙ୍ଗ ବ୍ଲକ ପରିସରରେ ଥିବା ବିଜୁ ପଟ୍ଟନାୟକ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଅଧ୍ୟକ୍ଷତା କରିଥିଲେ । ମୋଟ ୧୩୩ଟି ଅଭିଯୋଗ ମଧ୍ୟରେ ୧୨ଟି ଅଭିଯୋଗର ସମାଧାନ ତତକ୍ଷଣାତ ହୋଇଥିବା ଜଣାପଡିଛି । ଅନ୍ୟ ଅଭିଯୋଗ ଗୁଡିକ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ପରିଡା ନିର୍ଦ୍ଦେଶ ଦେଇଥିଲେ । ଅଭିଯୋଗ ମଧ୍ୟରେ ଗଙ୍ଗୁଆ ନାଳର ପାଣି ଦୟା ନଦୀରେ ପଶି ପାଣି ସବୁ ବିଷାକ୍ତ ହେଉଛି । ଯାହା ଫଳରେ ପିପିଲି ଡେଲାଙ୍ଗ କଣାସ ଅଂଚଳରେ ବହୁ ମାରତ୍ମକ ରୋଗ ସୃଷ୍ଟି ହୋଇ ଲୋକମାନେ ହଇଜା ଭଳି ରୋଗରେ ମୃତ ବରଣ କରୁଛନ୍ତି । ତାର ସ୍ଥାୟୀ ପ୍ରତିକାର କରିବା ସହ ଜନସାଧରଣଙ୍କ ଜୀବନ ପ୍ରତି ଥିବା ବିପଦକୁ ସୁରକ୍ଷା ଯୋଗାଇବା ଦେବା ପ୍ରଦୂଷଣ ମୁକ୍ତ କରିବା ପାଇଁ କୃଷକ ନେତା ଅଶୋକ ପ୍ରଧାନ ଦାବୀ କରିଥିଲେ ।ସେହିପରି ଡେଲାଙ୍ଗ ଅଂଚଳରେ ସାର ଅ ଭ । ବ ଦେଖାଦେଇଥିବା ବେଳେ ଓଡିଶା ଆର୍ଦଶ ବିଦ୍ୟାଳୟର ଛାତ୍ରୀବାସ ଗୃହ ନିର୍ମାଣ ସରିଥିଲେ ସୁଧା ସେଠାରେ ଛାତ୍ରୀମାନଙ୍କୁ ରଖିବାର ବ୍ୟବସ୍ଥା କରାଯାଇନି ।



ଓଡିଶା ଆର୍ଦଶ ବିଦ୍ୟାଳୟ ଡେଲାଙ୍ଗକୁ ଅତି ନିମ୍ନମାନର ଖାଦ୍ୟ ଯୋଗାଇ ଦିଆଯାଉଥିବା ବେଳେ ସେହି ବିଦ୍ୟାଳୟ ପକ୍ଷରୁ ରନ୍ଧା ଖାଦ୍ୟ ଛାତ୍ରଛାତ୍ରୀ ମାନଙ୍କୁ ଯୋଗାଇ ଦେବାକୁ ଦାବୀ ହୋଇଛି । ଘନିପୁର ପଂଚାୟତର ସରପଂଚଙ୍କୁ ଜିଲ୍ଲାପାଳ ଅସିଦ୍ଧ ଘୋଷଣା କରିବା ପରେ ନାଏବ ସରପଂଚଙ୍କୁ ଦାୟିତ୍ୱ ପ୍ରଦାନ କରାଯାଉନଥିବାରୁ ଔର୍ଦସଭ୍ୟ/ ସଭ୍ୟାମାନେ ଅଭିଯୋଗ କରିଥିଲେ । ବାତଲ ଗ୍ରାମରେ ଜଳସେଚନ ସୁବିଧା ନଥାଇ ଜଳକର ଆଦାୟକୁ ପ୍ରତ୍ୟାହାର କରିବା ସହ ମାଣିତ୍ରୀ ପାଟଣା ପରିବା ଚାଷୀଙ୍କୁ କ୍ଷତିପୁରଣ ପ୍ରଦାନ କରିବା ଅଭିଯୋଗ ହୋଇଥିଲା । ସେହିପରି ରେଙ୍ଗଳ ,ଇଛାପୁର , ଅରାଗଡ , ଯମୁନା ଝାରପଡା. ବରପଦା , ହରିରାଜପୁର ଅଂଚଳରୁ ବେଆଇନ ମୋରମ ଓ ମାଙ୍କଡା ପଥର ଚୋରାଚାଳଣ ହେଉଥିବା ସହ ସରକାରଙ୍କର କୋଟି କୋଟି ଟଙ୍କା ମାଫିଆ ମାନେ ରାଜସ୍ୱ ହାନି କରୁଥିବାରୁ ସେମାନଙ୍କ ବିରୁଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ବେଆଇନି ଚୋରାଚାଳଣକୁ ବନ୍ଦ କରିବା ପାଇଁ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି । ଧାନକେରା ପଂଚାୟତରେ କଲ୍ୟାଣମଣ୍ଡପ ଅଧାପନ୍ତରିଆ ଭାବେ ପଡିରହିବା ସହ ପଶୁଚିକିତ୍ସାଳୟ ଖୋଲା ଯାଇଛି ସେଠାକୁ ଡାକ୍ତର ଯାଉନଥିବା ଅଭିଯୋଗ ହୋଇଛି । ଇନ୍ଦିପୁର ବଜାରରେ ସରକାରୀ ଜମିକୁ ଜବର ଦଖଲ ଉଛେଦ କରିବା । ଗଡକାଳୁପଡା ଠାରୁ ଚାଇଁପୁର ରାସ୍ତା ମଝିରେ କଂକ୍ରିଟ ରାସ୍ତା ନିର୍ମାଣ ନହୋଇ ପଡିରହିବା ।ହରିପୁର ବଦ୍ୟାଳୟରେ ଆବଶ୍ୟକୀୟ ଶିକ୍ଷକ ନଥିବା ସହ ସାମ୍ବାଦିକମାନଙ୍କ ପାଇଁ ବ୍ଲକରେ ଏକ ଗୃହ ଯୋଗାଇ ଦେବାକୁ ଦାବୀ ହେବା ସହ ଗମନାଗମନ,ସ୍ୱାସ୍ଥ୍ୟ,ପାନୀୟଜଳ ସମସ୍ୟା,ରାସନକାର୍ଡ , ଭତା ପ୍ରଦାନ ,ପ୍ରଧାନମନ୍ତ୍ରୀ ଓ ଅନ୍ତୋଦ୍ୱୟ ଯୋଜନାରେ ଆବାସ ଗୃହ ନମିଳିବା ଆଦି ବିଭିନ୍ନ ଅଭିଯୋଗ ହୋଇଥିଲା । ଏହି ଜନ ଶୁଣାଣି ଶିବିରେ ପୁରୀ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପ୍ରତୀକ ସିଂହ,ଉପଜିଲ୍ଲାପାଳ ରାଜ କିଶୋର ଜେନା ,ଏଡିଏମ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସଚ୍ଚିନ ପଟେଲ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଅକ୍ଷୟ କୁମାର ଶତପଥି ,ଏସଡିପିଓ ପିପିଲି ଦେବାଶିଷ ମିଶ୍ର, ବିଡିଓ କ୍ଷିତିସ ଚନ୍ଦ୍ର ବେହେରା ,ତହସିଲାଦର ଦେବୀ ପ୍ରସାଦ ଆଚାର୍ଯ୍ୟ, ଜିଲ୍ଲା ଗ୍ରିଭାନ୍ସ ଅଧିକାରୀ ପଂଚାନନ ପରିଜା ପ୍ରମୁଖ ଉପସ୍ଥିତ ଥିବା ବେଳେ ଜିଲ୍ଲାପାଳଙ୍କ ଉପସ୍ଥିତି ଜାଣି ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ରହିଥିବା ଦେଖିବାକୁ ମିଳିଛି ।

# ବିଜେପିର ସେବାପକ୍ଷ କର୍ମଶାଳା

ଦଶପଲ୍ଲା, ୧୫/୦୯(ନି.ପ୍ର) ଆଜି ଦିବା ୨ ଘଟିକା ସମୟରେ ଶ୍ରୀ ଚନ୍ଦ୍ରଶେଖର ମନ୍ଦିର ପ୍ରାଙ୍ଗଣରେ ଭାରତୀୟ ଜନତା ପାର୍ଟି ,ଣିଗୋଚ୍ଛା ମଣ୍ଡଳ ତରଫରୁ ସେବା ପକ୍ଷ କର୍ମ ଶାଳା ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ନାୟକ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇ ଯାଇଛି ଉକ୍ତ ବୈଠକ ରେ ସ୍ୱଚ୍ଛ, ଗଛ, ସେବା ଆଞ୍ଚଳିକ ସମସ୍ୟା ବିଷୟରେ ଆଲୋଚନା କରାଯାଇ ଥିଲା ଏବଂ ସେପଟ୍ଟେମ୍ବର ୧୭ ରୁ ଅକଟୋବର ୨ ପର୍ଯ୍ୟନ୍ତ ମଣ୍ଡଳ, ଜିଲ୍ଲା, ଯେଉଁ ସବୁ କାର୍ଯ୍ୟକ୍ରମ ଦଳ ହାତ କୁ ନେବ, ଆମେ କରିବା ପାଇଁ ପ୍ରତିଶୃତି ବଦ୍ଧ ,ମା ପାଇଁ ଗଛ କାର୍ଯ୍ୟକ୍ରମ ୧୭ ରେ ଘରୋଇ, ବୁଥ ସ୍ତର ଏବଂ ପଂଚାୟତ ରେ ଏବଂ ମଣ୍ଡଳ ସ୍ତରରେ କରିବା ପାଇଁ ନିଷ୍ପତି ନିଆଗଲା ଏବଂ ଏହି ନୂଆଗାଁ ଗ୍ରାପ ର ମୁଖ୍ୟ ରାସ୍ତା ତିନୋଟି ଯଥା. ଦୋଳମୁଣ୍ଡେଇ ରାସ୍ତା, ଦଦାର ରାସ୍ତା ଏବଂ ଅଭୟପୁର ରାସ୍ତା ବର୍ତ୍ତମାନ ବହୁତ ଅସୁବିଧା ଏଣୁ ତୁରନ୍ତ ପଦେକ୍ଷପ ପାଇଁ ଆଜିର ବୈଠକ ରେ ଆଲୋଚନା ହୋଇ ଉକ୍ତ ବିଭାଗ କୁ ଜଣାଇବା ପାଇଁ ଆଲୋଚନା ହୋଇ ଥିଲା ଏବଂ ନୂଆଗାଁ ସ୍ୱାସ୍ଥ୍ୟ କେନ୍ଦ୍ର ଡାକ୍ତର ନଥିବାରୁ ଜନସାଧାରଣ ବହୁ ଅସୁବିଧା ଭୋଗୁ ଛନ୍ତି ଏଣୁ ଉକ୍ତ ବିଭାଗ ତୁରନ୍ତ ପଦକ୍ଷେପ ନେବା ପାଇଁ ଆଲୋଚନା ହୋଇ ଥିଲା । ନେଟୱାର୍କ, ବିଦ୍ୟୁତ ବିଭାଗ ମଧ୍ୟ ହଇରାଣ କରି ଥିବା ଆଲୋଚନା ହୋଇ ଥିଲା ନୂଆଗାଁ ଗ୍ରାପ କୁ ମାନନୀୟ କନ୍ଧମାଳ ସାଂସଦ ଶ୍ରୀ ସୁକାନ୍ତ କୁମାର ପାଣିଗ୍ରାହୀ ଭାଇ ମହୋଦୟ ଙ୍କ ସାଂସଦ ପାଣ୍ଠି ରୁ ଦୋଳମୁଣ୍ଡେଇ କୋଠ ଘର କୁ ଦୁଇ ଲକ୍ଷ ଏବଂ ନୂଆଗାଁ ନବଗ୍ରହ ମଣ୍ଡପ ଉନ୍ନତି ପାଇଁ ଏକ ଲକ୍ଷ ମଞ୍ଜୁର ହୋଇ ଥିବାରୁ ମାନନୀୟ ସାଂସଦ ଶ୍ରୀ ପାଣିଗ୍ରାହୀ ଙ୍କୁ ସାଧୁବାଦ ସହ କୃତଜ୍ଞତା ଜଣାଇଛନ୍ତି । ଉକ୍ତ କାର୍ଯ୍ୟକ୍ରମ ମୁଖ୍ୟ ଅତିଥି ଭାବେ ଶ୍ରୀ କିଶୋର ଚନ୍ଦ୍ର ଦଳବେହେରା ପୂର୍ବ ତନ ଜିଲ୍ଲା ପରିଷଦ ସଭ୍ୟ ତଥା ଦଶପଲ୍ଲା ବ୍ଲକ ପ୍ରତିନିଧି ସାଂସଦ କନ୍ଧମାଳ, ସାଧାରଣ ସମ୍ପାଦକ ଗୋକୁଳ ଚନ୍ଦ୍ର ନାୟକ, ଦନାର୍ଦ୍ଦନ ସାହୁ ସହ ସମ୍ପାଦକ, ବିପ୍ର ନାୟକ, ଅରୁଣ ନାୟକ, ପ୍ରମୋଦ ଦଳବେହେରା, ଜଗନ୍ନାଥ ନାୟକ,ସରୋଜ ନାୟକ, ସିମାଞ୍ଚଳ ନାୟକ, ଅଭିନ୍ୟୁ ନାୟକ ଆଦି କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

# ନବରଙ୍ଗପୁର ଠାରେ ‘ସ୍ୱଚ୍ଛତା ହିଁ ସେବା ‘ ସ୍ୱଚ୍ଛୋତ୍ସବ କାର୍ଯ୍ୟକ୍ରମ ଉପଲକ୍ଷେ ପ୍ରସ୍ତୁତି ବୈଠକ

ନବରଙ୍ଗପୁର,୧୫।୯ (ନି.ପ୍ର) : ଆଜି ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ ଗୃହରେ ମାନ୍ୟବର ସାଂସଦ (ଲୋକସଭା) ବଳଭଦ୍ର ମାଝିଙ୍କ ଅଧକ୍ଷତା ରେ ଆସନ୍ତା ୧୭ ସେପ୍ଟମ୍ବର ରୁ ୨ ଅକ୍ଟୋବର( ଗାନ୍ଧୀ ଜୟନ୍ତୀ)ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ସ୍ୱଚ୍ଛୋତ୍ସବ (ସେବା ପକ୍ଷ) ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।ଏହି ବୈଠକରେ ମାନ୍ୟବର ବିଧାୟକ ନବରଙ୍ଗପୁର




ଗୌରୀ ଶଙ୍କର ମାଝୀ,ମାନ୍ୟବର ବିଧାୟକ ଝରି ଗାଁ ନରସିଂହ ଭତରା, ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ,ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ ଏବଂ କୁଞ୍ଜ ବିହାରୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।ଦେଶରେ ପରବର୍ତୀ ପିଢ଼ିକୁ ଏକ ସ୍ୱଚ୍ଛ,ସବୁଜ ଓ ସୁସ୍ଥ ଭବିଷ୍ୟତ ଦେବା ପାଇଁ ଏହି କାର୍ଯ୍ୟକ୍ରମକୁ ଜନ ଆନ୍ଦୋଳନରେ ପରିଣତ କରିବାକୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାରେ ସମସ୍ତ ପଞ୍ଚାୟତ, ବ୍ଲକ, ସରକାରୀ କାର୍ଯ୍ୟାଳୟ,ହାଟ, ଡାକ୍ତରଖାନା, ବ୍ୟାଙ୍କ,ଶିକ୍ଷାନୁଷ୍ଠାନ, ବ୍ୟବସାୟିକ ପ୍ରତିଷ୍ଠାନ ଓ ସମସ୍ତ ଜନ ଗହଳି ପୂର୍ଣ୍ଣ ଅଞ୍ଚଳରେ ସମସ୍ତଙ୍କୁ ସାମିଲ କରି ସ୍ୱଚ୍ଛତା ଅଭିଯାନ ଆରମ୍ଭ କରାଯିବ ।ଏହି ଅବସରରେ ସ୍କୁଲ୍ କଲେଜ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ପେଣ୍ଟି ପ୍ରତିଯୋଗିତା, କୃଷି,କଳା,ଉଦ୍ୟୋଗୀ ଇତ୍ୟାଦି କ୍ଷେତ୍ର ରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ବ୍ୟକ୍ତି ବିଶେଷ ଙ୍କୁ ସମ୍ମାନିତ କରାଯିବା ପାଇଁ ସାଂସଦ ବୈଠକ ରେ କହିଥିଲେ। ଅକ୍ଟୋବର ୩ ତାରିଖ ରେ ଦୁର୍ଗା ପୂଜା ସଫେଇ ଅଭିଯାନ, ଏକକ ଉପଯୋଗ ପ୍ଲାଷ୍ଟିକ ମୁକ୍ତ ବଜାର,ସେପଟ୍ଟେମ୍ବର ୨୫ ତାରିଖ ରେ ଏକ ଦିନ,ଏକ ଘଣ୍ଟା,ଏକ ସାଥ କାର୍ଯ୍ୟକ୍ରମରେ ସମସ୍ତ ଜନ ସାଧାରଣ ସାମିଲ ହେବା,ସେପଟ୍ଟେମ୍ବର ୨୭ ତାରିଖ ରେ ପର୍ଯ୍ୟଟନ ସ୍ଥଳ ରେ ସ୍ୱଚ୍ଛତା ଓ ସଫେଇ କୁ ଗୁରୁତ୍ୱ, ପ୍ରତ୍ୟେକ ଗାଁ,ପ୍ରତ୍ୟେକ ପଞ୍ଚାୟତ,ପ୍ରତ୍ୟେକ ବ୍ଲକରେ ମହିଳା ଗୋଷ୍ଠୀ,ସ୍ୱଚ୍ଛ ସାଥୀ, ଜନ ପ୍ରତିନିଧି,ଜନ ସାଧାରଣ ସାମିଲ ହେବା, ଖୋଲା ମଳତ୍ୟାଗ ମୁକ୍ତ ଗାଁ ଘୋଷଣା,ସଫାଇ ମିତ୍ର ଶିବିର, ଉପରେ ବିଶେଷ ଆଲୋଚନା ହୋଇଥିଲା ।ଜିଲ୍ଲାପାଳ ବି ଡି ଓ ମାନଙ୍କୁ ନିଜ ବ୍ଲକ୍ ରେ ସଫେଇ ଓ ପରିମଳ ଅଭିଯାନ କୁ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦେଇଥିଲେ ।ବୈଠକ ରେ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ,ପୌରପାଳିକା ନିର୍ବାହୀ ଅଧିକାରୀ ଓ ସମସ୍ତ ବିଡ଼ିଓ ଉପସ୍ଥିତ ଥିଲେ ।ଶେଷରେ ଜିଲ୍ଲାପାଳ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ସ୍ୱଚ୍ଛ ନାରୀ ଓ ସଶକ୍ତ ପରିବାର ଅଭିଯାନ ନେଇ ପ୍ରସ୍ତୁତି ବୈଠକ

ମାଲକାନଗିରି,୧୫।୯ (ନି.ପ୍ର) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୧୭ ସେପ୍ଟମ୍ବର ୨୦୨୫ରେ ‘ସ୍ୱସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ’ ଶୁଭାରମ୍ଭ କରିବାକୁ ଯାଉଛନ୍ତି। ଏହି ପରିପ୍ରେକ୍ଷୀରେ ଆଜି ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ଠାରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହା ଏକ ଜାତୀୟ ସ୍ତରୀୟ ଅଭିଯାନ ଯାହା ଓଡ଼ିଶା ସମେତ ସମସ୍ତ ରାଜ୍ୟରେ ଏକ ସୁସ୍ଥ ଭବିଷ୍ୟତ ପୀଢ଼ି ଗଠନ ପାଇଁ ଶିବିର ପଦ୍ଧତି ମାଧମରେ ସମସ୍ତ ବୟସର ମହିଳା ଏବଂ ଝିଅ ମାନଙ୍କୁ ପ୍ରାଥମିକତା ଭିତ୍ତିରେ ବ୍ୟାପକ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ସେବା ପ୍ରଦାନ କରିବା ପାଇଁ ଯୋଜନା କରାଯାଇଛି ବୋଲି ଜିଲ୍ଲାପାଳ କହିଛନ୍ତି ।ଏହି କାର୍ଯ୍ୟକ୍ରମକୁ ଲୋକଙ୍କ ପାଖରେ ସଠିକ୍ ଭାବରେ ପହଞ୍ଚାଇବା



ତଥା ଜିଲ୍ଲାକୁ ରାଜ୍ୟ ସ୍ତରରେ ଏକ ଉତ୍ତମ ସ୍ଥାନରେ ପହଞ୍ଚାଇବା ଉପରେ ଜିଲ୍ଲାପାଳ ଜୋର୍ ଦେବା ସହିତ ଉପସ୍ଥିତ ଥିବା ସମସ୍ତ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଏବଂ ଅନ୍ୟ ବିଭାଗର ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।ଏହି ଅଭିଯାନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆସନ୍ତା ୧୭ ସେପ୍ଟମ୍ବରରୁ ଆରମ୍ଭ ହୋଇ ୨ ଅକ୍ଟୋବର ପର୍ଯ୍ୟନ୍ତ ଚାଲୁ ରହିବ ।ଏହି ଅଭିଯାନରେ ନାରୀ ମାନଙ୍କ ପାଇଁ ଅନେକ କାର୍ଯ୍ୟକ୍ରମ କରାଯିବ ଯେମିତି କି ସ୍ୱାସ୍ଥ୍ୟ ପରୀକ୍ଷା, ସ୍ୱାସ୍ଥ୍ୟ ସେବା ସହିତ ପ୍ରତ୍ୟେକ ବୟସର ଝିଅମାନଙ୍କର (ବିଶେଷକରି କିଶୋରୀ ମାନଙ୍କ) ମଧ୍ୟ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ମାଧମରେ କରାଯିବ । ଏଥି ସହିତ ରକ୍ତ ପରୀକ୍ଷା, ରକ୍ତଦାନ ଶିବିର, ଅଣ ସଂକ୍ରାମକ ରୋଗ ପରୀକ୍ଷା, ରକ୍ତହୀନତା ର ପରୀକ୍ଷା, ରକ୍ତ ଶର୍କରା ପରୀକ୍ଷା, ରକ୍ତ ଶିକୁଳି ପରୀକ୍ଷା, ଗର୍ଭବତୀ ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଇତ୍ୟାଦି ଏହି ଶିବିରରେ ଆୟୋଜନ କରାଯିବ ।କେବଳ ଜିଲ୍ଲା ସ୍ତରରେ ନୁହେଁ ଏହି ଶିବିର ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ମଧ କରାଯିବ । ଏହି ବୈଠକରେ ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ଏଚ୍, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ବ୍ରଜବନ୍ଧୁ ଦାସ ଓ ଏଡିପିଏଚଓ ନିହାର ରଞ୍ଜନ ପ୍ରହରାଜ ଉପସ୍ଥିତ ଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ,ଶିକ୍ଷା ,ମହିଳା ଓ ଶିଶୁ ବିକାଶ,ଜିଲ୍ଲା ସମାଜ ମଙ୍ଗଳ ତଥା ମିଶନ ଶକ୍ତି, ସୂଚନା ଓ ଲୋକ ସଂପର୍କ ବିଭାଗର ସମସ୍ତ ଅଧିକାରୀମାନେ ଉପସ୍ଥିତ ଥିଲେ । ସୂଚନା ଯୋଗ୍ୟ ଉକ୍ତ କାର୍ଯ୍ୟକ୍ରମ ସମୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଉପଖଣ୍ଡ , ଗୋଷ୍ଠୀ ଚିକିତ୍ସାଳୟ ସମ୍ମୁଖରେ ଶିବିର ଆୟୋଜନ କରାଯାଇ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସେବା ମଧ୍ୟ ଯୋଗାଇ ଦିଆଯିବ । ଜିଲ୍ଲା ପ୍ରକଳ୍ପ ଅଧିକାରୀ ଡ଼ଃ ମୌସୁମୀ ମିଶ୍ର ସମସ୍ତଙ୍କ ସହଯୋଗ କାମନା କରିଥିଲେ ।

# ଅଙ୍ଗନବାଡି କର୍ମୀଙ୍କ ପରଲୋକ

କାକଟପୁର ୧୫ /୯ : କାକଟପୁର ବ୍ଲକ ଅନ୍ତର୍ଗତ ପାଟସୁନ୍ଦର ଗ୍ରାମ ପଞ୍ଚାୟତର ପଥରପକା ଗ୍ରାମର ହୃଦାନନ୍ଦ ସ୍ୱାଇଁଙ୍କ ପତ୍ନୀ ଦମୟନ୍ତୀ ସ୍ୱାଇଁ (୪୯) ଙ୍କର ନିଜ ବାସଭବନରେ ପରଲୋକ ହୋଇଯାଇଛି । ସେ ପଥରପକା ଅଙ୍ଗନବାଡି କେନ୍ଦ୍ରରେ କାର୍ଯ୍ୟ କରୁଥିଲେ । କର୍କଟ ରୋଗରେ ଆକ୍ରାନ୍ତ ଶ୍ରୀମତୀ ସ୍ୱାଇଁଙ୍କ ଅତ୍ୟଧିକ ଦେହ ଖରାପ ଯୋଗୁଁ ତାଙ୍କୁ ବମ୍ବେ ର ଟାଟା ମେମରିଆଲ ହସ୍ପିଟାଲରେ ଚିକିତ୍ସା କରାଯିବା ପରେ ସେ ସାମୟିକ ସୁସ୍ଥ ହୋଇ ଘରେ ରହୁଥିଲେ । ତାଙ୍କ ଅକାଳ ବିୟୋଗ ରେ ଗ୍ରାମରେ ଓ କାକଟପୁର ବ୍ଲକ ମହିଳା ଶିଶୁବିଭାଗ ର ସମସ୍ତ ଅଙ୍ଗନବାଡି କର୍ମୀଙ୍କ ମହଲରେ ରେ ଶୋକର ଛାୟା ଖେଳି ଯାଇଥିଲା । ତାଙ୍କ ପାର୍ଥିବ ଶରୀରକୁ ଏକ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ସ୍ମଶାନ ରେ ଦାହ କରାଯାଇଥିଲା । ପୁତ୍ର ସୌଭାଗ୍ୟ ମୁଖାଗ୍ନି ଦେଇଥିଲେ । ସେଠାରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା ।

# ପୁରପଲ୍ଲୀରେ ମହିଳାମାନେ ପାଳିଲେ ଦ୍ୱିତିବାହନ ଓଷା

ଦଶପଲ୍ଲା,୧୫।୯ (ନି.ପ୍ର) : ଦଶପଲ୍ଲା ସହରାଞ୍ଚଳ ସମେତ ପୁରପଲ୍ଲୀରେ ସବୁଠି ଦ୍ୱିତୀୟା ଓଷା ପର୍ବ ପାଳିତ ହୋଇଯାଇଛି। ମହିଳାମାନେ ପରିବାରର ମଙ୍ଗଳ ମନାସିବା ସହ ସନ୍ତାନ ପ୍ରାପ୍ତି ନିମନ୍ତେ ଏହି ପର୍ବ ବର୍ଷ ବର୍ଷ ଧରି ପାଳନ କରି ଆସୁଥିବା ଜଣାପଡିଛି । ଦ୍ୱିତୀୟା ଓଷା ଅବସରରେ ସର୍ବତ୍ର ଦୂତିବାହାନଙ୍କୁ ପୂଜା କରାଯାଇଥାଏ। ଏ ଅବସରରେ ଦୂତିବାହାନଙ୍କ ନିକଟରେ ନୁଆ ବୋଝରେ ବିଭିନ୍ନ କିସମର ପନିପରିବା ଓ ଫଳ ଭୋଗ ଆକାରରେ ଲାଗି କରାଯାଇଥାଏ। ଏପରିକି ପାଣି କଖାରୁ ଫଳକୁ ଦୂତିବାହାନଙ୍କ ନିକଟରେ ବଳି ପକାଯିବାର ପରମ୍ପରା ଦିର୍ଘ ବର୍ଷ ଧରି ପ୍ରଚଳିତ ହୋଇ ଆସୁଛି। ଦୂତିବାହାନଙ୍କ ନିକଟରେ ଭୋଗ ଆକାରରେ ଲାଗି ହୋଇଥିବା ସମସ୍ତ ପନିପରିବା ସହ ମୁଗ ଡାଲି, ନଡ଼ିଆ, କ୍ଷୀର ଓ ଚିନି ପ୍ରଭୃତି ମିଶ୍ରଣରେ ଘରେ ଘରେ ତା ପରଦିନ ସୁସ୍ୱାଦୁ ଘାଣ୍ଟ ତରକାରୀ ପ୍ରସ୍ତୁତ କରାଯାଇ ଥାଏ । ଘାଣ୍ଟ ତରକାରୀକୁ ସପରିବାର ପ୍ରସାଦ ଭାବେ ସେବନ କରି କରିବାର ପରମ୍ପରା ଦୀର୍ଘ ବର୍ଷ ଧରି ପ୍ରଚଳିତ ହୋଇ ଆସୁଥିବା ଜଣାପଡିଛି। ଦୂତିବାହାନଙ୍କ ପୂଜା ଉତ୍ସବ ଯୋଗୁଁ ଦଶପଲ୍ଲାସହର ଠାରୁ ଆରମ୍ଭ କରି ପୁରପଲ୍ଲୀ ଚଳଚଞ୍ଚଳ ହୋଇ ଉଠିଥିଲା ।

# ରାଜଗାଙ୍ଗପୁର ପୋଲିସକୁ ବଡ଼ ସଫଳତା




ରାଜଗାଙ୍ଗପୁର,୧୫।୯ (ନି.ପ୍ର) : ରାଜଗାଙ୍ଗପୁର ପୋଲିସ ଥାନା ରେ କାର୍ଯ୍ୟରତ ଏସ ଆଇ ଝରଣା ସ୍ୱାଇଁ ବିଶେଷ ସୁତ୍ରରୁ ଖବର ପାଇ ପୋଲିସ ବଳ ସହ ରାଜଗାଙ୍ଗପୁର ପୌରପାଳିକା ଅନ୍ତର୍ଗତ ସୁରୁଡି ଗ୍ରାମ ନିକଟରୁ ସୁବାସ ଛକ ନିକଟସ୍ଥ ଇସଲାମ ଛକରେ ରହୁଥିବା ଏମଡି ଇରଫାନ ( ବବଲୁ) ନିଜର ସ୍କୁଟି ନଂ ଓଡି/ ୧୬’ ଏଫ ୧୧୧୨ ରେ ଯାଉଥିବା ସମୟରେ ପୋଲିସ ଗିରଫ କରି ତା ନିକଟରୁ ୩ କେଜି ୭୧୦ ଗ୍ରାମ ଗଞ୍ଜେଇ ଓ ଗୋଟିଏ ମୋବାଇଲ ଜବତ କରିବାରେ ସଫଳ ହୋଇଥିଲେ । ଉକ୍ତ ଯୁବକକୁ ଗାଡି ସହ ଥାନାରେ ଆଣି କେସ୍ ନଂ ୪୭୮/୨୫ ଏବଂ ଏନ୍‌ଡିପିଏସ୍ ମାମଲାରେ କେସ୍ ରୁଜୁ କରାଯାଇ ବିଚାର ବିଭାଗୀୟ ହାଜତକୁ ପଠାଇଥିବା ସୂଚନା ମିଳିଛି ।

# ଓଡିଶା ଭଳି ରାଜ୍ୟର ଇକୋସିଷ୍ଟମ ଅଧିକ ସୁଦୃଢ଼ ହୋଇଛି : ଅରୁଣ ସିଂହ

ଭୁବନେଶ୍ୱର,୧୫।୯ (ନି.ପ୍ର) : ଜିସଟି ସଂସ୍କାର ୨.୦ ମୋଦି ସରକାରଙ୍କ ଐତିହାସିକ ନିଷ୍ପତି । ଆସନ୍ତା ୨୨ ତାରିଖରୁ ଲାଗୁ ହେବା ପାଇଁ ଯାଉଥିବା ନୂତନ ଜିସେଟି ସ୍ଲାବ ସମସ୍ତ ବର୍ଗବିଶେଷଙ୍କ ମନରେ ଖୁସି ଆଣିଦେଇଛି । ଏହି ସଂସ୍କାର ଦ୍ୱାରା ସାଧାରଣ ନାଗରିକମାନେ ବିଶେଷ ଭାବେ ଉପକୃତ ହେବେ ଏବଂ ସମସ୍ତଙ୍କୁ ଆଶ୍ୱସ୍ତି ଆଣିଦେଇଛି । ଗାଁରୁ ସହର ପର୍ଯ୍ୟନ୍ତ ଦେଶର ଗରୀବ, ନିମ୍ନ ମଧ୍ୟବିତ, ମଧ୍ୟବିତ ବର୍ଗଙ୍କ ଅର୍ଥନୀତିକୁ ବଳ ମିଳିବ । ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଯୁବକ, ମହିଳାମାନେ ଆର୍ଥିକ ସଶକ୍ତ ହେବେ । କ୍ଷୁଦ୍ର, ମଧ୍ୟମ ଶିଳ୍ପକୁ ଭଲ ଫାଇଦା ମିଳିବ । କୃଷକଙ୍କ ଅର୍ଥନୀତି ଆହୁରି ସୁଦୃଢ଼ ହେବ । ହସ୍ତତନ୍ତ ଶିଳ୍ପ ସୁଦୃଢ଼ ହେବ । ସ୍ୱାସ୍ଥ୍ୟ ବୀମାରେ ଟିକସକୁ ଶୂନ୍ୟ କରାଯାଇଥିବାରୁ ସାଧାରଣ ବର୍ଗବିଶେଷ ସର୍ବାଧିକ ଉପକୃତ ହେବେ । ଦେଶର ପ୍ରତିରକ୍ଷା ଭିତିଭୂମି ଆହୁରି ଅଧିକ ସୁଦୃଢ଼ ହେବା ସହିତ ପତିରକ୍ଷା ସାମଗ୍ରୀର ରପ୍ତାନୀ ବୃଦ୍ଧି ପାଇ ଦେଶର ଅର୍ଥନୀତିକୁ ସୁଦୃଢ଼ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ । ବାସ୍ତବରେ ଆତ୍ମନିର୍ଭରଶୀଳ ଓ ସ୍ୱଦେଶୀକୁ ଗୁରୁତ୍ୱ ଦିଆଯାଇଥିବା ଏହି ଜିଏସଟି ସଂସ୍କାର ଦ୍ୱାରା ଓଡିଶା ଭଳି ରାଜ୍ୟରେ ଇକୋସିଷ୍ଟମ ସୁଦୃଢ଼ ହେବା ସହିତ ତ୍ୱରାନ୍ୱିତ ହେବ ବୋଲି ରାଜ୍ୟସଭା ସାଂସଦ ତଥା ରାଷ୍ଟ୍ରୀୟ ସାଧାରଣ ସଂପାଦକ ଶ୍ରୀ ଅରୁଣ ସିଂହ କହିଛନ୍ତି ।



ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଶିଂହ କହିଛନ୍ତି ଯେ, ଗତ କଂଗ୍ରେସ / ୟୁପିଏ ଶାସନ କାଳରେ ୨୮ ପ୍ରକାରର ଟିକସ ବୋଝ ଦେଶବାସୀଙ୍କ ଉପରେ ଲଦି ଦିଆଯାଇଥିଲା । ଅନ୍ୟ ପଟେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ୨୦୧୭ ମସିହାରେ ପ୍ରଥମ ଜିଏସଟି ସଂସ୍କାରରେ ୨୮ ପରିବର୍ତେ ୪ଟି ସ୍ଲାବ (୫, ୧୨, ୧୮ ଓ ୨୮ ପ୍ରତିଶତ) ଟିକସ ବ୍ୟବସ୍ଥା ଆଣିଥିଲେ । ବର୍ତମାନ ପୁଣୀ ଥରେ ସଂସ୍କାର ଅଣାଯାଇ ମାତ୍ର ୨ଟି ସ୍ଲାବ (୫ ଓ ୧୮ ପ୍ରତିଶତ) ଟିକସ ବ୍ୟବସ୍ଥା ଲାଗୁ କରାଯାଇଛି । କଂଗ୍ରେସ ଶାସନ ଅମଳରେ ଶିଶୁଙ୍କ ପାଇଁ ଉଦ୍ଦିଷ୍ଟ କ୍ଷୀରଠାରୁ ଆରମ୍ଭ କରି ପେଷ୍ଟ, ସାବୁନ, ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ପେନସିଲ, କଂପାସ ଏବଂ କୃଷି ଯନ୍ତ୍ରପାତି ଭଳି ଦ୍ରବ୍ୟରେ ଅତ୍ୟାଧିକ ଟିକସ ଲାଗୁ କରାଯାଇଥିଲା । ବର୍ତମାନ ଏହି ସବୁ ଦ୍ରବ୍ୟ ଉପରେ ଟିକସ ହ୍ରାସ ପାଇଛି । କେନ୍ଦୁ ପତ୍ର ଉପରେ ଜିଏସଟି ସ୍ଲାବ ୧୮ ରୁ ୫ ପ୍ରତିଶତକୁ ହ୍ରାସ ପାଇବା କାରଣରୁ ଓଡିଶାର କେନ୍ଦୁପତ୍ର ତୋଳାଳିମାନେ ଉପକୃତ ହେବେ । ସେହି ଭଳି ସୁତା ଉପରେ ଜିଏସଟି ୧୨ ରୁ ୫ ପ୍ରତିଶତକୁ ହ୍ରାସ ପାଇବା କାରଣରୁ ଓଡିଶାର ବୁଣାକାର ଭାଇଭଉଣୀମାନେ ଲାଭବାନ ହେବେ ଏବଂ ଓଡିଶା ତିଆରି ବସ୍ତ୍ରର ବ୍ୟାପକତା ବୃଦ୍ଧି ପାଇବ । ଓଡିଶା ଏକ କୃଷିପ୍ରଧାନ ରାଜ୍ୟ ହୋଇଥିବାରୁ ବିଭିନ୍ନ କୃଷି ଉପକରଣ ଯଥା, ଟ୍ରାକ୍ଟର ଓ ଏହାର ଯନ୍ତାଂଶ, ଟ୍ରାକ୍ଟର ଟାୟାର ଉପରେ ଟିକସ ହାର ହ୍ରାସ ପାଇବା କାରଣରୁ କୃଷି ଉତ୍ପାଦନ ଖର୍ଚ୍ଚ ହ୍ରାସ ପାଇବ ଏବଂ କୃଷକ ଭାଇଭଉଣୀମାନଙ୍କ ଅର୍ଥନୀତି ଆହୁରି ସୁଦୃଢ ହେବ । ଟିଭି, ଫ୍ରିଜ, ମୋଟରସାଇକଲ, କାର ଆଦି ଶସ୍ତା ହେବ । ଔଷଧ, ଦୁଗ୍ଧଜାତ ଦ୍ରବ୍ୟ ଖାଦ୍ୟ ସହିତ ସାଧାରଣ ଲୋକ ବ୍ୟବହାର କରୁଥିବା ଅନେକ ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟଗୁଡିକୁ ଜିଏସଟି ଟିକସରୁ ବାଦ ଦିଆଯାଇଛି । ୨୦୨୪-୨୫ ଆର୍ଥିକ ବର୍ଷରେ ଜିଏସଟି ଜରିଆରେ ୨୨ ଲକ୍ଷ କୋଟି ଟଙ୍କାର ରାଜସ୍ୱ ଭାରତ ସରକାରଙ୍କ ଖାତାକୁ ଆସିଥିଲା । ଏହି ସଂସ୍କାର ଦ୍ୱାରା ସାଧାରଣ ଜନତାଙ୍କ ସ୍ୱାର୍ଥ ପାଇଁ ୪୮ ହଜାର କୋଟି ଟଙ୍କାର ରାଜସ୍ୱ ହରାଇବେ ଭାରତ ସରକାର । ମୋଦି ସରକାର ଭୋକାଲ ଫର୍ ଲୋକାଲକୁ ଆଧାର କରି ସ୍ୱଦେଶୀ ସାମଗ୍ରୀ ବ୍ୟବହାରକୁ ଅଗ୍ରାଧିକାର ଦେଉଛନ୍ତି । ନୂତନ ଜିଏସଟି ସଂସ୍କାର ଓ ଜିଏସଟି ହାରରେ ସରଳୀକରଣ ଫଳରେ ସାଧାରଣ ଲୋକଙ୍କ ସମେତ ଦେଶର ଅର୍ଥନୀତି ଉପରେ ଅନେକ ଭଲ ପ୍ରଭାବ ପଡିବ ଏବଂ ସୁଦୃଢ଼ ଅର୍ଥନୀତି ସହ ସହଜ ଜୀବନଯାପନର ନୂତନ ଯୁଗ ଆରମ୍ଭ ହୋଇଛି ବୋଲି ଶ୍ରୀ ସିଂହ କହିଛନ୍ତି ।

ଏହି ଅବସରରେ ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଓଡିସାକୁ ସବୁବେଳେ ଗୁରୁତ୍ୱ ଦେଇଆସୁଛନ୍ତି । ବିଶେଷ ଭାବେ ଓଡିଶାରେ ବିଜେପିର ଡବଲ ଇଂଜିନ ସରକାର ଗଠନ ହେବା ପରେ ରାଜ୍ୟର ଭିତିଭୂମି ବିକାଶ ତ୍ୱରାନ୍ୱିତ ହୋଇଛି । ଏଥି ସହ ଅପାର ସମ୍ଭାବନାର ରାଜ୍ୟ ଓଡିଶାକୁ ଶିଳ୍ପ, ସେମିକଣ୍ଡକ୍ଟର ଶିଳ୍ପ କ୍ଷେତ୍ରରେ ଅଗ୍ରାଧିକାର ଦେଉଛନ୍ତି । ଗରୀବ, ଯୁବ, କୃଷକ, ମହିଳାଙ୍କ ସାମଗ୍ରିକ ବିକାଶକୁ ପ୍ରାଧାନ୍ୟ ଦେଇ ଏଭଳି ଐତିହାସିକ ନିର୍ଣ୍ଣୟ ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର ଅର୍ଥମନ୍ତ୍ରୀ ଶ୍ରୀମତୀ ନିର୍ମଳା ସୀଥାରମଣଙ୍କୁ ରାଜ୍ୟ ସଭାପତି ଶ୍ରୀ ସାମଲ କୃତଜ୍ଞତା ଜ୍ଞାପନ କରିଛନ୍ତି । ରାଜ୍ୟର ବିଭିନ୍ନ ସ୍ଥାନରେ ସାମ୍ବାଦିକ ସମ୍ମିଳନୀ, ବୁଦ୍ଧିଜୀବି ସମ୍ମିଳନୀ ଜରିଆରେ ନୂତନ ଜିଏସଟି ସଂସ୍କାରର ସୁଫଳକୁ ଲୋକଙ୍କ ପାଖରେ ପହଂଚାଯିବ ବୋଲି ଶ୍ରୀ ସାମଲ କହିଛନ୍ତି । ଏହି ଅବସରରେ ସାଂସଦ ଶ୍ରୀ ରବି ନାରାୟଣ ବେହେରା, ରାଜ୍ୟ ଉପସଭାପତି ଶ୍ରୀ ବିରଂଚି ନାରାୟଣ ତ୍ରିପାଠୀ ଉପସ୍ଥିତ ଥିଲେ ।

# ପୂର୍ବତନ ବିଧାୟକ କରେନ୍ଦ୍ର ମାଝୀଙ୍କର ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

ଭୁବନେଶ୍ୱର,୧୫।୯ (ନି.ପ୍ର) : କଳିଙ୍ଗବିହାରଠାରେ ବାଲିଗୁଡା ପୁର୍ବତନ ବିଧାୟକ ତଥା ବିଶିଷ୍ଟ ସମାଜସେବୀ ଦିବଂଗତ କରେନ୍ଦ୍ର ମାଝୀଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳିସଭା ଏବଂ ସ୍ମୃତିଚାରଣ କାର୍ଯ୍ୟକ୍ରମରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ବିଜେପିରାଜ୍ୟ ସଭାପତି ମନମୋହନ ସାମଲ ବିଜେପି ସାଧାରଣ ସଂପାଦକ ମାନସ କୁମାର ମହାନ୍ତି ବାଣିଜ୍ୟ ଓ ପରିବହନମନ୍ତ୍ରୀ ବିଭୁତି ଭୁଷଣ ଜେନା ପୁର୍ବତନକେନ୍ଦ୍ର ମନ୍ତ୍ରୀ ବିଶେଶ୍ୱର ଟୁଡୁ ବିଧାୟକ ଇରାଶିଷ ଆଚାର୍ଯ୍ୟ ବାବା ସତ୍ୟାନନ୍ଦଜୀ, ବିଜେପି ମୁଖପାତ୍ର ସୁଦିପ୍ତ ରାୟ ପୁର୍ବତନ ସାଂସଦ ମହେଶ ସାହୁ, ଶ୍ରମିକ ସଂଘର ସଂପାଦକ ମଦନମୋହନ ଧଳ, ଶ୍ରୀଯୁକ୍ତ ମହେଶ ମହାନ୍ତି, ଶ୍ରୀକାନ୍ତ ମହାନ୍ତି ବିଜେପିମୁଖପାତ୍ର ଉମାକାନ୍ତ ପଟ୍ଟନାୟକ ଓ ସୁଶ୍ରୀ ସୁକେଶି ଓରାମ, ସ୍ମୃତିଲିପି ପତ୍ରିକା ସଂପାଦକ ଭୁବନମୋହନ ମହାନ୍ତି। କଳିଙ୍ଗନଗର ଓ କଳିଙ୍ଗ ବିହାରର ସମସ୍ତ ସଭାପତି, ସଂପାଦକ, ଏବଂ ସମସ୍ତ ଅଧିବାସୀ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ କଳିଙ୍ଗନଗର କଳିଙ୍ଗବିହାର ବିକାଶପରିଷଦ ସଂଯୋଜକ ଶ୍ରୀମତୀ ଜୟନ୍ତୀ ପଢ଼ିଆରୀ କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିବାବେଳେ ମାଝୀପରିବାର ଏବଂ କଳିଙ୍ଗବିକାଶ ପରିଷଦର ବରିଷ୍ଠ ସଦସ୍ୟ ଶ୍ରୀଯୁକ୍ତ ତୁଷାର ଚନ୍ଦ୍ର ମହାପାତ୍ର ସହଯୋଗ କରିଥିଲେ।

# ମିଳିତ କମାଣ୍ଡର ସମ୍ମିଳନୀରେ ସଶସ୍ତ୍ର ବାହିନୀର ବର୍ଦ୍ଧିତ ରଣନୈତିକ ପ୍ରସ୍ତୁତି ଲାଗି ଏକତା, ଆତ୍ମନିର୍ଭରଶୀଳତା ଏବଂ ନବସୃଜନ ଉପରେ ଗୁରୁତ୍ୱାରୋପ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୧୪।୯ : ପ୍ରଧାନମନ୍ତ୍ରୀ ଆଜି କୋଲକାତାରେ ୧୬ତମ ମିଳିତ କମାଣ୍ଡର ସମ୍ମିଳନୀକୁ ଉଦଘାଟନ କରିଛନ୍ତି। ପ୍ରତି ଦୁଇ ବର୍ଷରେ ଥରେ ଆୟୋଜିତ ଏହି ସମ୍ମିଳନୀ ସଶସ୍ତ୍ର ବାହିନୀର ସର୍ବୋଚ୍ଚ ମନ୍ଥନ ମଞ୍ଚ। ଏହି ମଞ୍ଚ ଦେଶର ଶୀର୍ଷ ନାଗରିକ ଏବଂ ସାମରିକ ନେତୃତ୍ୱଙ୍କୁ ମତ ବିନିମୟ କରିବା ଏବଂ ଭାରତର ସାମରିକ ପ୍ରସ୍ତୁତିର ଭବିଷ୍ୟତ ବିକାଶ ନିମନ୍ତେ ଭିତ୍ତିଭୂମି ସ୍ଥାପନ କରିବା ପାଇଁ ଏକତ୍ରିତ କରିଥାଏ। ଏହି ସମ୍ମିଳନୀର ବିଷୟବସ୍ତୁ ହେଉଛି 'ସଂସ୍କାର ବର୍ଷ – ଭବିଷ୍ୟତ ପାଇଁ ପରିବର୍ତ୍ତନ', ସଶସ୍ତ୍ର ବାହିନୀର ଆଧୁନିକୀକରଣ ଏବଂ ରୂପାନ୍ତର ସହିତ ମେଳ ଖାଉଛି।

ପ୍ରଧାନମନ୍ତ୍ରୀ ଅପରେସନ ସିନ୍ଦୂରର ସଫଳତା ପାଇଁ ସଶସ୍ତ୍ର ବାହିନୀକୁ ପ୍ରଶଂସା କରିଥିଲେ ଏବଂ ରାଷ୍ଟ୍ର ନିର୍ମାଣ, ଜଳଦସ୍ୟୁ ବିରୋଧୀ ଅଭିଯାନ, ସଂଘର୍ଷ କ୍ଷେତ୍ରରୁ ଭାରତୀୟ ନାଗରିକଙ୍କ ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ଏବଂ ବନ୍ଧୁ ଦେଶଗୁଡ଼ିକୁ ମାନବୀୟ ସହାୟତା ଏବଂ ବିପର୍ଯ୍ୟୟ ସହାୟତା (ଏଚ୍‌ଏଡିଆର) ପ୍ରଦାନ କରିବାରେ ସଶସ୍ତ୍ର ବାହିନୀ ଦ୍ୱାରା ନିର୍ବାହ କରାଯାଇଥିବା ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ପ୍ରଶଂସା କରିଥିଲେ। ପ୍ରତିରକ୍ଷା କ୍ଷେତ୍ରରେ ୨୦୨୫ ବର୍ଷକୁ 'ସଂସ୍କାର ବର୍ଷ' କରିବା ଲକ୍ଷ୍ୟରେ, ପ୍ରଧାନମନ୍ତ୍ରୀ ପ୍ରତିରକ୍ଷା ମନ୍ତ୍ରଣାଳୟକୁ ଭବିଷ୍ୟତର ଚ୍ୟାଲେଞ୍ଜର ମୁକାବିଲା କରିବା ଏବଂ ଯେକୌଣସି ଅପ୍ରତ୍ୟାଶିତ ପରିସ୍ଥିତିର ମୁକାବିଲା କରିବା ପାଇଁ ଅଧିକ ମିଳିତତା, ଆତ୍ମନିର୍ଭରଶୀଳତା ଏବଂ ନବସୃଜନ ପାଇଁ ଦୃଢ଼ ପଦକ୍ଷେପଗୁଡ଼ିକୁ ଦ୍ରୁତ ଗତିରେ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

ଅପରେସନ ସିନ୍ଦୂର ଦ୍ୱାରା ସୃଷ୍ଟି ହୋଇଥିବା ନୂତନ ସ୍ୱାଭାବିକତା ପରିପ୍ରେକ୍ଷୀରେ ସେନାର ରଣନୈତିକ ପ୍ରସ୍ତୁତି, ଉଦୀୟମାନ ପ୍ରଯୁକ୍ତିବିଦ୍ୟା ଏବଂ ରଣନୀତି ପରିପ୍ରେକ୍ଷୀରେ ଯୁଦ୍ଧର ଭବିଷ୍ୟତ ବିଷୟରେ ପ୍ରଧାନମନ୍ତ୍ରୀଙ୍କୁ ସୂଚନା ଦିଆଯାଇଥିଲା। ପ୍ରଧାନମନ୍ତ୍ରୀ ଗତ ଦୁଇ ବର୍ଷରେ କାର୍ଯ୍ୟକାରୀ ହୋଇଥିବା ସଂସ୍କାର ଏବଂ ଆଗାମୀ ଦୁଇ ବର୍ଷ ପାଇଁ ଯୋଜନାର ସମୀକ୍ଷା ମଧ୍ୟ କରିଥିଲେ।

ଆଗାମୀ ଦୁଇ ଦିନ ମଧ୍ୟରେ, ସମ୍ମିଳନୀରେ ବିଭିନ୍ନ ବାହିନୀରୁ ମତାମତ, ବର୍ଦ୍ଧିତ ବିଶ୍ୱ ଅନିଶ୍ଚିତତା ମୁକାବିଲା ପାଇଁ ସଶସ୍ତ୍ର ବାହିନୀର ପ୍ରସ୍ତୁତି ଉପରେ ଆଧାରିତ ବିଭିନ୍ନ ସାଂଗଠନିକ, ପ୍ରଶାସନିକ ଏବଂ ରଣନୈତିକ ବିଷୟଗୁଡ଼ିକର ଏକ ସାମଗ୍ରିକ ସମୀକ୍ଷା କରାଯିବ, ଏବଂ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିକୋଣକୁ କାର୍ଯ୍ୟକାରୀ କରିବା ପାଇଁ ଏକ ରୋଡମ୍ୟାପ୍ ବିକଶିତ କରିବା ପାଇଁ ଆଲୋଚନା କରାଯିବ।

# ମୟୂରଭଞ୍ଜ ଜିଲ୍ଲାରେ କାର୍ଯ୍ୟକାରୀ ସରକାରୀ ଯୋଜନାର ସମୀକ୍ଷା କଲେ କେନ୍ଦ୍ରମନ୍ତ୍ରୀ

## ଶିଶୁଙ୍କୁ ସଠିକ୍ ପୋଷଣ ସହ ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ଦକ୍ଷତାକୁ ଦିଆଯିବ ଅଗ୍ରାଧିକାର – ଧର୍ମେନ୍ଦ୍ର ପ୍ରଧାନ




ବାରିପଦା, ୧୫।୯(ନି.ପ୍ର.): ଦିନିକିଆ ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଥିବା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ବାରିପଦା ସ୍ଥିତ ଶହୀଦ ସ୍ମୃତି ଭବନରେ ଜିଲ୍ଲା ପ୍ରଶାସନିକ ଅଧିକାରୀଙ୍କ ସହ ଜାତୀୟ ଶିକ୍ଷା ନୀତିର କ୍ରିୟାନ୍ୱୟନ ସହ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ସରକାରୀ ଯୋଜନାର ଅଗ୍ରଗତି ବିଷୟରେ ସମୀକ୍ଷା କରିଛନ୍ତି ।

ଉକ୍ତ ବୈଠକରେ ନବଜାତ ଶିଶୁମାନଙ୍କର ଉପଯୁକ୍ତ ପୋଷଣ ସହ ସେମାନଙ୍କର ଉତ୍ତମ ସ୍ୱାସ୍ଥ୍ୟ, ଶିକ୍ଷା ଓ ଦକ୍ଷତା ବିକାଶ ଉପରେ ଚର୍ଚ୍ଚା ହୋଇଛି । ଏହି ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜାତୀୟ ଶିକ୍ଷା ନୀତିର କ୍ରିୟାନ୍ୱୟନ ଉପରେ ଏକ ବିବରଣୀ ଉପସ୍ଥାପନ କରାଯାଇଥିଲା । ବୈଠକ ପରେ ଶ୍ରୀ ପ୍ରଧାନ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ଓଡ଼ିଶାର ଶିକ୍ଷାକୁ ଆଗେଇ ନେବାରେ ମୟୂରଭଞ୍ଜ ଜିଲ୍ଲାର ଅବଦାନ ଅତୁଳନୀୟ । ମୟୂରଭଞ୍ଜରେ ଅନେକ ଗୁଣାତ୍ମକ ଶିକ୍ଷାନୁଷ୍ଠାନ ଅଛି । ଏହି ଜିଲ୍ଲାର ବିକାଶ ନ ହେଲେ 'ବିକଶିତ ଓଡ଼ିଶା' ଏବଂ 'ବିକଶିତ ଭାରତ'ର ସ୍ୱପ୍ନ ସମ୍ଭବ ହୋଇପାରିବ ନାହିଁ । ବୈଠକରେ ନବଜାତ ଶିଶୁଙ୍କ ପୋଷଣ ଠାରୁ ଆରମ୍ଭ କରି ସେମାନେ ଦ୍ୱାଦଶ ଶ୍ରେଣୀରେ ପଢିବା ପର୍ଯ୍ୟନ୍ତ ସେମାନଙ୍କୁ କିପରି ଗୁଣାତ୍ମକ ଶିକ୍ଷା ମିଳିବ, ଦକ୍ଷତା ବୃଦ୍ଧି ହୋଇପାରିବ, ସ୍ୱାସ୍ଥ୍ୟ ଠିକ୍ ରହିବ, ତାହା ଉପରେ ଚର୍ଚ୍ଚା ଆଲୋଚନା ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିପୂର୍ଣ୍ଣ ଜାତୀୟ ଶିକ୍ଷା ନୀତିର ପରାମର୍ଶ ଅନୁସାରେ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ କାପାସିଟି ବିଲଡିଂ ବଢାଇବା ଆବଶ୍ୟକ । ସାକ୍ଷରତା ହାର ବୃଦ୍ଧି କରିବା ସହ ସ୍କୁଲରୁ ଉଚ୍ଚ ଶିକ୍ଷା ପର୍ଯ୍ୟନ୍ତ ଶିକ୍ଷାର ଗୁଣାତ୍ମକ ମାନକୁ ବଢାଇବା ଦିଗରେ ଯୋଜନା କରାଯିବ ବୋଲି ସେ ମତପ୍ରକାଶ କରିଥିଲେ । ଏହି ସମୀକ୍ଷା ବୈଠକରେ ଓଡ଼ିଶାର ସ୍କୁଲ ଓ ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ଲୋକସଭା ସାଂସଦ ନବ ଚରଣ ମାଝୀ, ରାଜ୍ୟସଭା ସାଂସଦ ମମତା ମହନ୍ତ, ମୟୂରଭଞ୍ଜ ଜିଲ୍ଲାର ସମସ୍ତ ବିଧାୟକଙ୍କ ସହ ଜିଲ୍ଲାର ସମସ୍ତ ବିଭାଗର ସରକାରୀ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।ପ୍ରକାଶ ଥାଉ କି, ମୟୂରଭଞ୍ଜ ଜିଲ୍ଲା ବାରିପଦା ଗସ୍ତକାଳରେ ଶ୍ରୀ ପ୍ରଧାନ ବିଭିନ୍ନ ପ୍ରକଳ୍ପର ଉଦଘାଟନ ସହ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ବାରିପଦାରେ 'ମୟୂରଭଞ୍ଜ ଆଥଲେଟିକ୍ ଆସୋସିଏସନ'ର ପ୍ରଶାସନିକ ଭବନ ଉଦଘାଟନ, ବାରିପଦା ଛଉ ପେଣ୍ଡାଲ ପ୍ରକଳ୍ପ ଓ ବାରିପଦାରେ ଜୁବୁଲି ପାର୍କ ଓ ଝିଞ୍ଜିରୀ ବନ୍ଧର ପୁନଃ ନବୀକରଣ ପ୍ରକଳ୍ପର ଶୁଭାରମ୍ଭ କରିଥିବା ବେଳେ ଅନେକ ସ୍ଥାନରେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା ।

# ବଡ଼ଚଣାରେ ବ୍ଲକ୍‌ସ୍ତରୀୟ ଯୁଗ୍ମ ଜନ ଶୁଣାଣି ଶିବିର



ବଡଚଣା, ୧୫।୯,( ନି: ପ୍ର) ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ଲକ୍ ସ୍ତରୀୟ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ବଡ଼ଚଣା ବ୍ଲକ କାର୍ଯ୍ୟାଳୟ ପରିସର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କର ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ମୋଟ ୧୩୨ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୫୫ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୦୫ ଗୋଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୭୨ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୬୭ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଶ୍ରୀ ଲକ୍ଷ୍ମୀଧର ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଯୁଧିଷ୍ଠିର ନାୟକ, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଶ୍ରୀ ଦେବୀ ପ୍ରସାଦ ମହାନ୍ତି, ଉପ ଜିଲ୍ଲାପାଳ ଶ୍ରୀ ତାପସ ରଞ୍ଜନ ଦେହୁରୀ,ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା. ବିଜୟ କୁମାର ମିଶ୍ର, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବଡ଼ଚଣା, ତହସିଲଦାର, ଦର୍ପଣ, ଶ୍ରୀ ମାନସ କୁମାର ତ୍ରିପାଠୀ ଓ ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

# ମାଲକାନଗିରି ଜିଲ୍ଲା ଯୁବ କଂଗ୍ରେସର ସାମାଜିକ ଗଣମାଧ୍ୟମ ସଂଯୋଜକ ହେଲେ ଇର୍ସାଦ

ପଡିଆ, ୧୫।୯(ନି.ପ୍ର.): ମାଲକାନଗିରି ଜିଲ୍ଲା ଯୁବ କଂଗ୍ରେସର ନୂତନ ସାମାଜିକ ଗଣମାଧ୍ୟମ ସଂଯୋଜକ ଭାବେ ଏମଡି ଇର୍ସାଦଙ୍କୁ ରାଜ୍ୟ କଂଗ୍ରେସ ପକ୍ଷ୍ୟରୁ ନିଯୋଜିତ କରାଯାଇଥିବା ଦେଖିବାକୁ ମିଳିଛି। ଏଥିପାଇଁ ଜିଲ୍ଲାର ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀର ବିଧାୟକ ମଙ୍ଗୁ ଖିଲ, କଂଗ୍ରେସର ବରିଷ୍ଠ ସଦସ୍ୟ , ଗୋବିନ୍ଦ ପାତ୍ର, ମାଲା ମାଡି, ଜି. ଶ୍ରୀନିବାସ ରାଓ, ଇସାଖ ଖୋସଲା, ପ୍ରମଦ କୁମାର ସେଠୀ,ସମେତ ଏକାଧିକ ସଦସ୍ୟ ଶୁଭେଚ୍ଛା ଜଣାଇଛନ୍ତି। ଶ୍ରୀ ଇର୍ସାଦ ଗତ ସାଧାରଣ ନିର୍ବାଚନ ପୂର୍ବରୁ ପଡିଆ ଓ କାଲିମେଳା ବ୍ଲକର ବିଭିନ୍ନ ଅଞ୍ଚଳରେ ଯୁବ ଓ ଛାତ୍ର କଂଗ୍ରେସର ସଦସ୍ୟଙ୍କୁ ଏକତ୍ରୀତ କରିବା ସହ ଦଳ ପ୍ରତି ଦୀର୍ଘ ସମୟ ଧରି ଯୋଡି ହୋଇ ରହିଥିବାରୁ ଏଭଳି ଦାୟିତ୍ୱ ଦିଆଯାଇଥିବା ଜିଲ୍ଲା କଂଗ୍ରେସର ଜଣେ ବରିଷ୍ଠ ସଦସ୍ୟ କହିଛନ୍ତି।

# ବାର୍ଷିକ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆୟୋଜିତ

ଚମ୍ପୁଆ, ୧୫।୯(ନି.ପ୍ର.): କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ଜାମୁଦଲକ ପଞ୍ଚାୟତ ଅନ୍ତର୍ଗତ ଶ୍ରୀଧରପୁର ଗ୍ରାମର ମା ତାରିଣୀ ଯୁଥ କ୍ଲବ ତରଫରୁ ଷଷ୍ଠ ବାର୍ଷିକ ନକଆଉଟ ଫୁଟବଲ ଟୁର୍ନାମେଣ୍ଟ-୨୦୨୫ ଅନୁଷ୍ଠିତ ହୋଇଯାଇଛି । କମିଟି ତରଫରୁ ପରିଚାଳନା ଦାଇତ୍ୱରେ ଥିଲେ ସାରଙ୍ଗ ମହାନ୍ତ,ଦେବାଶିଷ ମହାନ୍ତ,ଆଶୀର୍ବାଦ ମହାନ୍ତ,ମହେନ୍ଦ୍ର ମହାନ୍ତ,ମାନସ ମହାନ୍ତ ଓ ତୋପନ ମହାନ୍ତଙ୍କୁ ସହଯୋଗ କରିଥିଲେ ଏସ. ଏଚ୍. ଜି ମହିଳା ଗ୍ରୁପ ମା ଭବାନୀ, ମା ବୃନ୍ଦାବତୀ, ମା ମାତୃଭୂମି, ମା ମମତାମୟୀ, ମା ଜଗତ ଜନନୀ, ମା ଅମ୍ବିକ, ମା ଲକ୍ଷ୍ମୀ ସୋଙ୍ଗ ସହାୟକ ଗୋଷ୍ଠି ।



ଏଥିରେ ଗ୍ରାମ ତଥା ଅଞ୍ଚଳରୁ ୧୬ ଟି ଦଳ ଅଂଶ ଗ୍ରହଣ କରିଥିଲେ। ପୁରସ୍କାର ବିତରଣ ଉଦଯାପନୀ ସଭାରେ ମୁଖ୍ୟଅତିଥି ଭାବେ ଚମ୍ପୁଆ ନିର୍ବାଚନ ମଣ୍ଡଳୀର ଲୋକପ୍ରିୟ ବିଜେପି ଜନନେତା, ବିଜେପି କୃଷକ ମୋର୍ଚ୍ଚା ପୂର୍ବତନ ରାଜ୍ୟ ସଂଯୋଜକ ତଥା କେନ୍ଦୁଝର ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ବିଶିଷ୍ଟ ସମାଜସେବୀ ଶ୍ରୀମନ୍ତ କୁମାର ତ୍ରିପାଠୀ ଙ୍କ ସହିତ ଜଗଦୀଶ ମହାନ୍ତ ପୂର୍ବତନ ବଡ଼ବିଲ କଲେଜ ଲାଇବ୍ରେରୀୟାନ,ଗ୍ରାମର ପ୍ରମୁଖ ବ୍ୟକ୍ତି କୁଳମଣି ମହାନ୍ତ,ରମେଶ ମୁଣ୍ଡା ପୂର୍ବତନ ସରପଞ୍ଚ ଜାମୁଦଲକ ଗ୍ରାମ ପଞ୍ଚାୟତ, ପୂର୍ବତନ ସରପଞ୍ଚ ଦିଲ୍ଲୀପ ମହାନ୍ତ ଓ ଜର୍ମାନୀ ମହାନ୍ତ ଯୋଗଦେଇଥିଲେ । ପ୍ରଥମେ ଅତିଥି ମାନଙ୍କୁ ଗ୍ରାମର ମହିଳା ଓ ଜନ ସାଧାରଣ ସ୍ୱାଗତ କରି ବନ୍ଦାପନା କରି ମଞ୍ଚକୁ ପାଛୋଟି ଆଣିଥିଲେ। ଶ୍ରୀ ତ୍ରିପାଠୀ ତାଙ୍କ ଅଭିଭାଷଣରେ ଗ୍ରାମାଞ୍ଚଳ ଖେଳାଳୀ ମାନଙ୍କ କ୍ରୀଡା ପ୍ରତିଭାର ବିକାଶ ରେ ଭିତ୍ତିଭୂମିର ସୁଦୃଢ଼ୀକରଣ ଓ ପ୍ରୋତ୍ସାହନ ଉପରେ ଆଲୋକପାତ କରି ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ରାଜ୍ୟ ସରକାର କ୍ରୀଡାକୁ ଗୁରୁତ୍ୱ ଦେବା ସହିତ ବିଜେପି ସରକାର ଖେଳ ପଡିଆର ଉନ୍ନତି କରଣ ଉପରେ ଧ୍ୟାନ ଦେଇ କ୍ରୀଡା ପ୍ରତିଭାକୁ ଉପଯୁକ୍ତ ଯଥା ସମ୍ମାନ ଦେଉଥିବା ଉଲେଖ କରିଥିଲେ । ଖେଳକୁ ରେଫ୍ରି ଭାବେ ଗୋକୁଳ ମହାନ୍ତ, ରଞ୍ଜନ ନାଏକ ଓ ଟୁନା ଗିରି ଖେଳ ପରିଚାଳନା କରିଥିଲେ। ୧୬ ଟି ଟିମ ମଧ୍ୟରୁ ନୀତିଶ ବ୍ରଦର୍ସ ଚମ୍ପିୟାନ ହୋଇଥିବା ଦେଖିବାକୁ ମିଳିଛି । ଏହି ଅବସରରେ ଅତିଥିମାନେ ବିଜୟୀ ଚମ୍ପିୟାନ ଟିମ ସହିତ ଅନ୍ୟ ବିଜୟୀ ଟିମ ମାନଙ୍କୁ ପ୍ରଥମ ପୁରସ୍କାର ୧୫,୦୦୦ ଟଙ୍କା ସହିତ ଟ୍ରଫି, ଦ୍ୱିତୀୟ ପୁରସ୍କାର ୧୦,୦୦୦ ଟଙ୍କା ସହିତ ଟ୍ରଫି, ତୃତୀୟ ପୁରସ୍କାର ୬,୦୦୦ ଟଙ୍କା ସହିତ ଟ୍ରଫି ଓ ଚତୁର୍ଥ ପୁରସ୍କାର ୪,୦୦୦ ଟଙ୍କା ସହିତ ଟ୍ରଫି ପ୍ରଦାନ କରିଥିଲେ। ପ୍ରବଳ ବର୍ଷା ସତ୍ୱେ ମଧ ୫ ରୁ ୬ ହଜାର ଫୁଟବଲ ପ୍ରେମୀ ଆବାଳ ବୃଦ୍ଧ ବନିତା ଫୁଟବଲ ଖେଳକୁ ଉପଭୋଗ କରିଥିବା ଦେଖିବାକୁ ମିଳିଛି ।

# ପୌରପରିଷଦ ବିରୋଧରେ ଅପାରଗତା ଓ ଦୁର୍ନୀତି ଅଭିଯୋଗ ଆଣି କଲେକ୍ଟରଙ୍କ ଅଫିସ ସାମ୍ନାରେ ଗର୍ଜିଲା କଂଗ୍ରେସ

ବଲାଙ୍ଗିର, ୧୫/୦୯– ବଲାଙ୍ଗିର ପୌର ପାଳିକା ନିଜର ଦାୟିତ୍ୱ କୁ ଠିକ୍ ଭାବରେ ତୁଲାଉ ନ ଥିବା ଅଭିଯୋଗ ରେ ସ୍ଥାନୀୟ କଲେକ୍ଟର ଙ୍କ ଅଫିସ ସାମ୍ନାରେ ନଗର କଂଗ୍ରେସ କମିଟି ଜୋରଦାର ଗର୍ଜିଛି । ସହରର ଯାବତୀୟ ସମସ୍ୟାର ସମାଧାନ ଦିଗରେ ପୌର ପାଳିକା ଧ୍ୟାନ ଦେଉ ନ ଥିବାରୁ ସହରବାସୀ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଯେପରିକି ବର୍ଷାଋତୁ ପୂର୍ବରୁ ପୌରାଂଚଳ ର ଯେତେ ସବୁ ଡ୍ରେନ, ବଡ ନାଳ ଅଛି ସେସବୁକୁ ମରାମତି ତଥା ଉଚିତ ସଫେଇ କରିବା କଥା କିନ୍ତୁ ବଲାଙ୍ଗିର ପୌର ପାଳିକା ସେ କାମ ଠିକ୍ ଭାବେ କରୁନଥିବାରୁ ଟିକିଏ ବର୍ଷା ହେଲେ ଡ୍ରେନ ପାଣି ରାସ୍ତା ଉପରକୁ ଆସିବା ଯୋଗୁଁ ଗମନାଗମନ ବାଧାପ୍ରାପ୍ତ ହେଉଛି ।

ଏହି ସମସ୍ୟାକୁ ପୌର ପାଳିକା ନିଜେ ସମାଧାନ କରିବା ପରିବର୍ତ୍ତ ? ନିଜ ଦୋଷ ଓ ଡ୍ରେନ ନିର୍ମାଣ ରେ ନିଜ ଦ୍ୱାରା ହୋଇଥିବାରୁ ଦୁର୍ନୀତିକୁ ଘୋଡାଇବା ପାଇଁ ଜାତୀୟ ରାଜପଥ ବିଭାକୁ ଦୋଷ ଦେଇ ବଲାଙ୍ଗିର ବାସୀଙ୍କ ଆଗରେ କୁମ୍ଭୀର କାନ୍ଦଣା କାନ୍ଦି ଲୋକଙ୍କୁ ଭୁଆଁ ବୁଲାଉଛି ବୋଲି ନଗର କଂଗ୍ରେସ ଅଭିଯୋଗ କରିଛି । ଗତ କିଛି ବର୍ଷ ହେବ ବଲାଙ୍ଗିର ଟାଉନ ହଲ ପାଇଁ କୋଟ କୋଟି ଟଙ୍କାର ଅନୁଦାନ ଆସି କାମ ହୋଇଛି କିନ୍ତୁ ଦୁଃଖର ବିଷ୍ୟ ଟାଉନ ହଲ ର ସ୍ଥିତିରେ କୌଣସି ସୁଧାର ହୋଇନି, ଲୋକଙ୍କ ସାମାଜିକ, ସାଂସ୍କୃତିକ କାର୍ଯ୍ୟକ୍ରମରେ ଏହା ବ୍ୟବହାର ହେବା ପରିବର୍ତ୍ତନ ଏହା ପୌର ପାଳିକାର ଗେରେଜ ଓ ଅବ୍ୟବହୃତ ଜିନିଷର ଗୋଦାମଘର ଭାବେ ବ୍ୟବହାର ହେଉଛି । ଏଠାରେ ଆମେ ଆହୁରି ମଧ୍ୟ ସୂଚେଇ ଦେଉଛୁ ଯେ ବହୁ ବର୍ଷ ହେବ ଟାଉନ ହଲକୁ ମରାମତି ଆଳରେ ବନ୍ଦ କରି ଦିଆଯାଇଥିବାରୁ ସହରର କୌଣସି ସମାଜିକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇପାରୁ ନାହିଁ । ଏପରିକି ସହରରେ ଅଡିଟୋରିୟମ ଅଭାବରୁ ଆଜିକାଲି ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ / ସମାବେଶ ଭୀମଭୋଇ ମେଡିକାଲ କଲେଜ ଓ ଡାକ୍ତରଖାନା ଅଡିଟୋରିୟମରେ ଆୟୋଜିତ ହେବା ଦ୍ୱାରା ମେଡିକାଲ କଲେଜର ଚିକିତ୍ସା ଓ ଶିକ୍ଷଣୀୟ ପରିବେଶ ଉପରେ କୁପ୍ରଭାବ ପଡୁଛି ବୋଲି ଜିଲ୍ଲାର ଶିକ୍ଷାବିତ ଓ ବୁଦ୍ଧିଜିବୀମାନେ ଅଭିଯୋଗ କରନ୍ତି । ତେଣୁ ଟାଉନହଲ ଉନ୍ନତିକରଣ ରେ ଅହେତୁକ ବିଳମ୍ବ ପାଇଁ ହୋଇଥିବା ଦୁର୍ନିତି ର ଅନୁସନ୍ଧାନ ସହ ଦୋଷୀ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନଗର କଂଗ୍ରେସ ଅନୁରୋଧ କରିଛନ୍ତି । ମହାରାଣୀ ସାଗର ଦୁର୍ନିତି ହେଉଛି ବଲାଙ୍ଗିର ପୌର ପାଳିକାର ଆଉ ଏକ ମହା ଦୁର୍ନିତି । ନଗର କଂଗ୍ରେସ ସଭାପତି ବୁଲୁ ଦାନିଙ୍କ ଆବାହକତ୍ୱ ରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସ କମିଟି କାର୍ଯ୍ୟକାରି ସଭାପତି ମନିଷ ମିଶ୍ର, ସନ୍ତକ ବହିଦାର, ଅଜୟ ବାଲି, ସାନନ୍ଦ ମିଶ୍ର, ଅସିତ ମିଶ୍ର, ଚିନ୍ମୟ ବେହେରା, ନିତିଶ ପଧାନ, ବ୍ରଜ ସେଠୀ, ସୋହନ ନାଏକ, ରିତେଶ ବେଦବାକ, ଆୟୁଷ କମ୍ପ, ଆବ୍ରାହମ ନାଗ, ପ୍ରେମରାଜ ମାଝି, ଅଭିଜିତ ସିଂ, ବେଲାର, ପ୍ରିତମ ସୁନା, ଦିପ୍ତି ରଞ୍ଜନ, ସମୀର, ରିପୁନ ପଧାନ, ରାଜେଶ ପ୍ରଭୃତି ଉପସ୍ଥିତ ଥିଲେ । ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ଜିଲ୍ଲାପାଳଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା ।



# ନବରଙ୍ଗପୁରରେ ଦ୍ୱି-ଭାଷୀ ଚଳଚ୍ଚିତ୍ରର ସୁଟିଂ

ନବରଙ୍ଗପୁର : ଦୀପ୍ ଶାନ୍ ଫିଲ୍ମ ପ୍ରଯୋଜିତ ଏବଂ ସାଇ ଫିଲ୍ମ ନିବେଦିତ ଏସ . ଏଫ୍-୦୦୮ (SF-୦୦୮) ନାମକ ଫିଲ୍ମ ର ସୁଟିଂ ନବରଙ୍ଗପୁର ସଦର ମହକୁମାର ସାମନ୍ତରାୟ ସାହି ସ୍ଥିତ ସାମନ୍ତରାୟ ବଙ୍ଗଳା ରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସୁଟିଂ ରେ ଅବିଭକ୍ତ କୋରାପୁଟ ଜିଲ୍ଲା ଚଳଚ୍ଚିତ୍ର ବିକାଶ ନିଗମ ର ସହ ସମ୍ପାଦକ ତଥା ନବରଙ୍ଗପୁର ଜିଲ୍ଲାର ପ୍ରତିଷ୍ଠିତ ଟେଲି ଫିଲ୍ମ ନିର୍ଦ୍ଦେଶକ ମନୋଜ କୁମାର ପଟ୍ଟନାୟକ ଅତିଥି ଭାବରେ ଯୋଗଦେଇ କଳାକାର ମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଫିଲ୍ମର ରଚନା, ଚିତ୍ରନାଟ୍ୟ ଏବଂ ନିର୍ଦ୍ଦେଶନା ଓଡ଼ିଆ ଚଳଚ୍ଚିତ୍ର ଜଗତର ସୁପରିଚିତ ନିର୍ଦ୍ଦେଶକ ଆମର ମିଶ୍ର ଦେଉଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶନା ଅଭୟ ମିଶ୍ର ଏବଂ ସୁଶିଲ ଦଳେଇ ଦେଇଛନ୍ତି । ଏହି ଚଳଚ୍ଚିତ୍ରରେ ଅଭିଭକ୍ତ କୋରାପୁଟ ଜିଲ୍ଲାର ଅନେକ ପ୍ରତିଷ୍ଠିତ କଳାକାର ଅଭିନୟ କରିଛନ୍ତି। ଚଳଚ୍ଚିତ୍ରଟି ଏକା କାଳୀନ ଓଡ଼ିଆ ଓ ତେଲୁଗୁ ଭାଷାରେ ନିର୍ମାଣ କରାଯାଉଛି । ଏହା ଉଭୟ ଓଡ଼ିଶା ଓ ଆନ୍ଧ୍ର ପ୍ରଦେଶର ସିନେମା ହଲ ରେ ମୁକ୍ତିଲାଭ କରିବ। ଚଳଚ୍ଚିତ୍ର ର ସୁଟିଂ ଅବିଭକ୍ତ କୋରାପୁଟ, ଓଡ଼ିଶା ତଥା ଓଡିଶା ବାହାରେ ହେବ ଏବଂ ଏହା ଆସନ୍ତା ବର୍ଷ ୨୦୨୬ ଅଗଷ୍ଟ କିମ୍ବା ସେପ୍ଟେମ୍ବର ମାସରେ ମୁକ୍ତିଲାଭ କରିବ ବୋଲି ନିର୍ଦ୍ଦେଶକ ଶ୍ରୀ ମିଶ୍ର ପ୍ରକାଶ କରିଛନ୍ତି। ଏହି ଅବସରରେ ନବରଙ୍ଗପୁର ର ତ୍ରିଶକ୍ତି ସିନେ କମ୍ବାଇନ୍ସ ପକ୍ଷରୁ ଚଳଚ୍ଚିତ୍ର ର ସମସ୍ତ କଳାକାରଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଯାଇଛି।



# ସୁମା ରିୟଲ ମିଡିଆ ପ୍ରାଇଭେଟ ଲିମିଟେଡ ପ୍ରସ୍ତାବିତ ସମ୍ ଲାଇଫ୍‌ସାଇନ୍‌ସେସ୍‌ର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୫।୯(ନି.ପ୍ର.): ସୁମା ରିୟଲ୍ ମିଡିଆ ପ୍ରାଇଭେଟ ଲିମିଟେଡ ପ୍ରସ୍ତାବିତ ଔଷଧ ପ୍ରସ୍ତୁତକାରୀ ଏବଂ ଗବେଷଣା କେନ୍ଦ୍ର ସମ୍ ଲାଇଫ୍‌ସାଇନ୍‌ସେସ୍‌ର ଭିତିପ୍ରସ୍ତର ସ୍ଥାପନ କରିଛନ୍ତି ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ। ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟ ପରିସରରେ ସୋମବାର ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ରିମୋଟ ମୋଡରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଭୁବନେଶ୍ୱର ଉପକଣ୍ଠ ଗୋଠପାଟଣା ଶିଳ୍ପାଂଚଳଠାରେ ସ୍ଥାପିତ ହେବାକୁ ଯାଉଥିବା ଏହି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି।



ସମ୍ ଲାଇଫ୍‌ସାଇନ୍‌ସେସ୍ ସମେତ ରାଜ୍ୟର ୧୨ଟି ଜିଲ୍ଲାରେ ୨୭ଟି ବିଭିନ୍ନ ଶିଳ୍ପାନୁଷ୍ଠାନର ମୁଖ୍ୟମନ୍ତ୍ରୀ ଭିତିପ୍ରସ୍ତର ସ୍ଥାପନ କରିଛନ୍ତି। ସମ୍ ଲାଇଫସାଇନ୍‌ସେସ୍ ପକ୍ଷରୁ ୨୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ପୁଞ୍ଜି ନିବେଶରେ ଗୋଠପାଟଣା ଠାରେ ଏହି ଫାର୍ମା ପ୍ରକଳ୍ପ ଆରମ୍ଭ ହେବ। ଏହି ପ୍ରକଳ୍ପରେ ୧୨୮୦ ଜଣକୁ ପ୍ରତ୍ୟକ୍ଷ ନିଯୁକ୍ତି ମିଳିବ। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସହିତ ଶିଳ୍ପ ମନ୍ତ୍ରୀ ଶ୍ରୀ ସମ୍ପଦ ଚରଣ ସ୍ୱାଇଁ, ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଆହୁଜା, ଉନ୍ନୟନ କମିଶନର ଶ୍ରୀମତି ଅନୁ ଗର୍ଗ ଏବଂ ଶିଳ୍ପ ସଚିବ ଶ୍ରୀ ହେମନ୍ତ ଶର୍ମାଙ୍କ ସହିତ ବିଭିନ୍ନ ଶିଳ୍ପକ୍ଷେତ୍ର ର ବରିଷ୍ଠ କର୍ମକର୍ତାମାନେ ଉପସ୍ଥିତ ଥିଲେ। ଓଡ଼ିଶା କୃଷି ମହାବିଦ୍ୟାଳୟ ପରିସରରେ ତଥା ଗୋଠପାଟଣା ଠାରେ ସମ୍ ଲାଇଫ୍‌ସାଇନ୍‌ସେସ୍‌ର ବିଭିନ୍ନ କର୍ମକର୍ତା ଉପସ୍ଥିତ ଥିଲେ। ଏହି କମ୍ପାନୀ ଦ୍ୱାରା ପ୍ରସ୍ତୁତ ଉଚ୍ଚମାନର ତଥା ସ୍ୱଳ୍ପ ମୂଲ୍ୟର ବିଭିନ୍ନ ଔଷଧ ଓ ଟୀକା ଖୁବ୍ ଶୀଘ୍ର ବଜାରରେ ଉପଲବ୍ଧ ହେବ।

# ଯୋଡ଼ା ବ୍ଲକରେ ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣୀ

ଯୋଡା, ୧୫।୯ : :କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକ ସଭାଗୃହ ଠାରେ ସୋମବାର ଦିନ ଏକ ମିଳିତ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଥିଲା। କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଅଭିଯୋଗ ଶୁଣାଣୀ ରେ କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂ ଙ୍କ ସମେତ ଆରକ୍ଷି ଅଧିକ୍ଷକ ନୀତିନ କୁଶଳକର ଡାଗଡୁ, ଜିଲା ବନବିଭାଗ ଅଧିକାରୀ ଏଚ୍.ଡି. ଧନରାଜ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହି ଅଧିକାରୀ କୁମାର ନାଗ ଭୂଷଣ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ବିନୋଦ ବିହାରୀ ମିଶ୍ର ,ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡା, ବ୍ଲକ ଅଧ୍ୟକ୍ଷ କବିନ୍ଦ୍ର ନାଏକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡାନିଷ ବେହେରା ଙ୍କ ସମେତ ବିଭିନ୍ନ ବିଭାଗିୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ । ଯୋଡା ବ୍ଲକ ର ୧୯ଟି ପଞ୍ଚାୟତରୁ ଆସିଥିବା ମୋଟ ୧୧୫ଟି ଅଭିଯୋଗର ତ୍ୱରିତ ଶୁଣାଣୀ କରାଯାଇଥିଲା । ଏହି ଅଭିଯୋଗ ଶୁଣାଣୀରେ ମୁଖ୍ୟତଃ ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତା ନିର୍ମାଣ, ପାନୀୟ ଜଳ ଯୋଗାଣ, ବିଦ୍ୟାଳୟର ପାଚେରି ନିର୍ମାଣ, ଉଜ୍ଜ୍ୱଳ ଆଲୋକିକରଣ, ଜଙ୍ଗଲ ଜମି ପଟ୍ଟା ସମସ୍ୟା ନେଇ ଅଭିଯୋଗମାନ ଆସିଥିଲା । ଏଥିରେ ଲୋଇଡା ପଦା ପଞ୍ଚାୟତ ଅନ୍ତର୍ଗତ କାଟେସାହି ଠାରୁ ରୁଗୁଡି ସଂଯୋଗ କରୁଥିବା ଆର.ଡି ରାସ୍ତାର ତୁରନ୍ତ ନିର୍ମାଣ,ଲୋଇଡାପଦା ଆଶ୍ରମ ସ୍କୁଲ କୁ ହାଇସ୍କୁଲ ରେ ପରିଣତ କରିବା ଏବଂ ମୋବାଇଲ ଟାୱାର ର ନିର୍ମାଣ ପାଇଁ ସରପଞ୍ଚ ବିଳାସିନୀ ଓରାମ ଜିଲ୍ଲାପାଳ ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।ସେହିପରି ବିଲେଇପଦା ରେଳ ଲାଇନ ଉପରେ ଏକ ପୋଲ ,ଦେଓଝର ଠାରେ ଫୁଟ ବ୍ରିଜ ର ନିର୍ମାଣ ଏବଂ କଳିଙ୍ଗ ମଡେଲ ସ୍କୁଲ ପାଇଁ ସରପଞ୍ଚ ଧ୍ରୁବଚରଣ ନାଏକ ଜିଲ୍ଲାପାଳ ଙ୍କୁ ଜଣାଇଥିଲେ ।ବଲାଣି ପଞ୍ଚାୟତ ର କିଛି ଆଦିବାସୀ ଅଧ୍ୟୁଷିତ ଗ୍ରାମରେ ବିଦ୍ୟୁତ ସଂଯୋଗ ଏବଂ ରାସ୍ତା ର ନିର୍ମାଣ ହେଉନଥିବାରୁ ସରପଞ୍ଚ ମୁଗା ମୁଣ୍ଡା ଅଭିଯୋଗ ମାଧ୍ୟମରେ ଜଣାଇଥିଲେ ।ବଡ଼ବିଲ ବାର କାଉନସିଲ ର ଆଇନଜୀବୀ ମାନେ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଥିବା ଡକ୍ଟର ସାମଲ ଙ୍କ ବିରୋଧ ରେ ଜିଲ୍ଲାପାଳ କୁ ଅଭିଯୋଗ କରିଥିଲେ ଯେ ସବୁ ଆବଶ୍ୟକୀୟ ପ୍ରମାଣ ପତ୍ର ପ୍ରଦାନ କରିବା ସତ୍ୱେ ଜନ୍ମ ପ୍ରମାଣପତ୍ର ଦେଉନାହାନ୍ତି। ସେହିପରି ବିଭିନ୍ନ ପଞ୍ଚାୟତ ରେ ଅଙ୍ଗନବାଡି କେନ୍ଦ୍ର ମରାମତି ସାଙ୍ଗକୁ ନୂତନ ନିର୍ମାଣ ପାଇଁ ଅନେକ ସରପଞ୍ଚ ଙ୍କ ସମେତ ୨୮ ନମ୍ବର ଜିଲ୍ଲାପରିଷଦ ସଦସ୍ୟ ଡମ୍ବୁରୁଧର କୁଦାଦା ଜିଲ୍ଲାପାଳ ଙ୍କୁ ଜଣେଇଛନ୍ତି। ଅଭିଯୋଗ ଶୁଣାଣି ପରେ ବ୍ଲକ ପ୍ରାଙ୍ଗଣରେ ଏକ ପେଡ ମା କେ ନାମ କାର୍ଯ୍ୟକ୍ରମ ରେ ବୃକ୍ଷରୋପଣ କରିଥିଲେ। ଏହି ଅବସରରେ ୫ଜଣ ଭିନ୍ନକ୍ଷମଙ୍କୁ ଜିଲ୍ଲାପାଳଙ୍କ ଦ୍ୱାରା ଟ୍ରାଇସାଇକେଲ ଏବଂ ଜଣକୁ ସହାୟକ ଉପକରଣ ପ୍ରଦାନ କରାଯାଇଥିଲା ।



Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, **Email : odishamanthan@gmail.com**

● **Editor : Sarat Raut**

ସଂପାଦକ: ଶରତ ରାଉତ